R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୯୬
ତିଥି : ତ୍ରୟୋଦଶୀ
୨୧ ଏପ୍ରିଲ ୨୦୨୪, ରବିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
(ରଙ୍ଗିନ୍ ତରଙ୍ଗ ଟାବ୍‌ଲଏଡ୍ ସହ)

ସମୟ SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 196
21 April 2024, Sunday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

ବିଶ୍ୱରେ ୯ମ ଉତ୍ତପ୍ତ ସହର ବୌଦ୍ଧ, ବାରିପଦା

ବୌଦ୍ଧ, ବାରିପଦାରେ ସର୍ବାଧିକ ୪୫.୨°
୧୩ ସହର ପାରଦ ୪୩ ଡିଗ୍ରୀ ଉପରେ
ମୟୂରଭଞ୍ଜ, କେନ୍ଦୁଝର, ଅନୁଗୁଳକୁ ଭୀଷଣ ତାତି
ଆଜିଠୁ ତାତିରୁ ମିଳିବ ସାମାନ୍ୟ ଆଶ୍ୱସ୍ତି

ଭୁବନେଶ୍ୱର, ୨୦।୪ (ସବ୍ୟୁ) : ପୂର୍ବାନୁମାନ ଯାହା କରାଯାଉଥିଲା, ତାହା ହିଁ ହେଲା । ରାଜ୍ୟରେ ପାରଦ ୪୫ ଡିଗ୍ରୀ ଡେଇଁଲା । ବାରିପଦା ଓ ବୌଦ୍ଧରେ ସର୍ବୋଚ୍ଚ ତାପମାତ୍ରା ୪୫.୨ ଡିଗ୍ରୀ ରେକର୍ଡ ହୋଇଛି । ପୃଥିବୀର ପ୍ରଥମ ୧୦ଟି ଉତ୍ତପ୍ତ ସହର ମଧ୍ୟରେ ବାରିପଦା ଏବଂ ବୌଦ୍ଧ ରହିଛି । ବିଶ୍ୱର ଉତ୍ତପ୍ତ ନବମ ସ୍ଥାନରେ ଉଭୟ ସହର ପରିଗଣିତ ହୋଇଥିବା ଓଜିମେଟ କହିଛି । ଆସନ୍ତାକାଲି(ରବିବାର) ଠାରୁ ତାତିରେ ସାମୟିକ ଆଶ୍ୱସ୍ତି ମିଳିବ ।

ପାଣିପାଗ ବିଭାଗର କହିବାନୁସାରେ, ଶନିବାର ବୌଦ୍ଧ ଏବଂ ବାରିପଦା ରେ ଭୀଷଣ ଗ୍ରୀଷ୍ମ ପ୍ରବାହ ହୋଇଛି । ଏହାସହ ନୟାଗଡ, ଯାଜପୁର, କେନ୍ଦୁଝର, ନୂଆପଡା, ଢେଙ୍କାନାଳ, ଭଦ୍ରକ,ଖୋର୍ଦ୍ଧା ଜିଲ୍ଲାରେ ଗ୍ରୀଷ୍ମପ୍ରବାହ ଅନୁଭୂତ ମଧ୍ୟ ହୋଇଛି । ଚଳିତବର୍ଷ ରାଜ୍ୟରେ ପ୍ରଥମ ଥର ପାଇଁ ତାପମାତ୍ରା ୪୫ ଡିଗ୍ରୀ ଛୁଇଁଛି । ଉଭୟ ବୌଦ୍ଧ ଓ ବାରିପଦାର ଦିନର ସର୍ବୋଚ୍ଚ ତାପମାତ୍ରା ୪୫.୨ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଛି । ଗତକାଲି ୪୪.୩ ସହ ଦେଶର ଉତ୍ତପ୍ତ ସହର ଥିଲା ବୌଦ୍ଧ ।

ରାଜ୍ୟରେ ଶୁକ୍ରବାର ୩୦ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ତା' ଉପରେ ରେକର୍ଡ ହୋଇଛି । ସେଥିରୁ ୧୩ଟି ସହରରେ ପାରଦ ୪୩ ଡିଗ୍ରୀ ବା ତା'ଠୁ ଅଧିକ ରହିଛି । ସେହିପରି ନୂଆପଡ଼ାରେ ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ତାଳଚେରରେ ୪୩.୬, ବଲାଙ୍ଗୀରରେ ୪୩.୬, ନୟାଗଡ଼ରେ ୪୩.୫, ଅନୁଗୁଳରେ ୪୩.୫, କେନ୍ଦୁଝରରେ ୪୩.୫, ଝାରସୁଗୁଡ଼ାରେ ୪୩.୨, ହୀରାକୁଦରେ ୪୩.୧, ସମ୍ବଲପୁରରେ ୪୩, ସୁନ୍ଦରଗଡ଼ରେ ୪୩, ଟିଟିଲାଗଡ଼ରେ ୪୩, ସୋନପୁରରେ ୪୨.୬, ରାଉରକେଲାରେ ୪୨.୬, ଢେଙ୍କାନାଳରେ ୪୨, ଭବାନୀପାଟଣାରେ (୯ ପୃଷ୍ଠାରେ)

କେଜରିୱାଲଙ୍କୁ 'ଧୀର ମୃତ୍ୟୁ' ଲାଗି ଷଡଯନ୍ତ୍ର

ଆପ୍‌ର ସାଂଘାତିକ ଅଭିଯୋଗ
ଦିଆଯାଉନି ଇନ୍‌ସୁଲିନ୍, ମିଳୁନି ଡାକ୍ତର ପରାମର୍ଶ

ନୂଆଦିଲ୍ଲୀ, ୨୦।୪ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ 'ଧୀର ମୃତ୍ୟୁ' ଦେବାପାଇଁ ଷଡଯନ୍ତ୍ର ଆରମ୍ଭ ହୋଇଛି । ଜେଲ୍ ଭିତରେ ତାଙ୍କୁ ଡାକ୍ତରଙ୍କ ପରାମର୍ଶ ଓ ଇନ୍‌ସୁଲିନ୍ ନେବାପାଇଁ ବଞ୍ଚିତ କରାଯାଇଛି ବୋଲି ଆପ୍ ପକ୍ଷରୁ ଅଭିଯୋଗ କରାଯାଇଛି । ଆପ୍ ନେତା ସୌରଭ ଭରଦ୍ୱାଜ କହିଛନ୍ତି ଯେ ଦିଲ୍ଲୀ କୋର୍ଟ ପକ୍ଷରୁ କେଜରିୱାଲଙ୍କୁ ଇନ୍‌ସୁଲିନ୍ ଦେବା ଓ ଡାକ୍ତର ପରାମର୍ଶ ଜେଲ୍ ମଧ୍ୟରେ କରିବା ପାଇଁ ଯେଉଁ ଯାଚିକା ଦାଖଲ ହୋଇଥିଲା ତାହା ଉପରେ ରାୟ ସଂରକ୍ଷିତ ରହିଛି । ଫଳରେ ଜେଲ୍ କର୍ତ୍ତୃପକ୍ଷ ତାଙ୍କୁ ଇନ୍‌ସୁଲିନ୍ ନେବାପାଇଁ ବାରଣ କରୁଛନ୍ତି । କେଜରିୱାଲ ଟାଇପ୍-୨ ମଧୁମେହ ରୋଗରେ ପୀଡିତ ଅଛନ୍ତି । ଏହା ଏକ ଷଡଯନ୍ତ୍ର ଓ କେଜରିୱାଲଙ୍କୁ ଜେଲ୍ ମଧ୍ୟରେ ମାରି ଦେବାପାଇଁ ଷଡଯନ୍ତ୍ର ହେଉଛି ବୋଲି ସେ ଅଭିଯୋଗ କରିଛନ୍ତି ।

ଏହି ନେତା ଜଣକ ତିହାର ପ୍ରଶାସନ, ବିଜେପି, କେନ୍ଦ୍ର ସରକାର ଓ ଦିଲ୍ଲୀ ଏଲ୍‌ଜିଙ୍କୁ ସମାଲୋଚନା କରିଛନ୍ତି । ଗତ ସପ୍ତାହରେ ଇଡି ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ଅରବିନ୍ଦ କେଜରିୱାଲ ଆମ୍ବ, ଆଳୁପୁରୀ ଓ ଚିନି ମିଶ୍ରିତ ଚାହା ଖାଉଛନ୍ତି । ତାଙ୍କର ବ୍ଲଡ୍ ସୁଗାର ମାତ୍ରାକୁ ଅଧିକ ଦେଖାଇ ସେ ଜାମିନ୍ ନେବାକୁ ଯୋଜନା କରୁଛନ୍ତି । ଶୁକ୍ରବାର କେଜରିୱାଲଙ୍କ ପକ୍ଷରୁ ଆଇନ୍‌ଜୀବୀ ଅଭିଷେକ୍ ମନୁସିଂଭି କହିଥିଲେ ଯେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଜାମିନ୍ ପାଇଁ ପକ୍ଷଘାତର ବିପଦ ନେବାକୁ ଚାହୁଁନାହାନ୍ତି । ଯେଉଁ ଆମ୍ବ ନିୟମିତ ଖାଉଛନ୍ତି ବୋଲି କୁହାଯାଉଛି ତାହା ଭୁଲ୍ । ୪୮ ଥର ଖାଦ୍ୟ ତାଙ୍କ ଘରୁ ଆସିଛି । ଯେଉଁଥିରେ ୩ ଥର ଆମ୍ବ ରହିଛି । ସେ କେବଳ ସୁଗାର ଫ୍ରି ଚାହା ପିଉଛନ୍ତି । ତାଙ୍କ ନାମରେ ଏଭଳି ମିଥ୍ୟା ଏବଂ କପୋଳ କଳ୍ପିତ ଅଭିଯୋଗ କରାଯାଉଛି । ସେହିଭଳି ଶ୍ରୀ ଭରଦ୍ୱାଜ ଆଜି (୯ ପୃଷ୍ଠାରେ)

୩ ଲୋକସଭା, ୧୬ ବିଧାନସଭା ଲାଗି କଂଗ୍ରେସର ପ୍ରାର୍ଥୀ ଘୋଷଣା

ଭୁବନେଶ୍ୱର, ୨୦।୪ (ସବ୍ୟୁ) : କଂଗ୍ରେସ ପକ୍ଷରୁ ଶନିବାର ଏକ ପ୍ରାର୍ଥୀ ତାଲିକା ଜାରି କରାଯାଇଛି । ୧୬ ବିଧାନସଭା ଆସନ ସମେତ ୩ ଲୋକସଭା ଆସନ ଲାଗି କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଛି । ଏଆଇସିସି ସାଧାରଣ ସମ୍ପାଦକ କେସି ବେଣୁଗୋପାଳଙ୍କର ସ୍ୱାକ୍ଷରରେ ଥିବା ପ୍ରେସ୍ ବିଜ୍ଞପ୍ତିରୁ ଜଣାପଡିଛି ଯେ ସମ୍ବଲପୁର ଲୋକସଭା ଆସନ ଲାଗି ଦୁଲାଲ ଚନ୍ଦ୍ର ପ୍ରଧାନ, କେନ୍ଦୁଝରରୁ ବିନୋଦ ନାୟକ ଓ ଆସିକାରୁ ଦେବକାନ୍ତ ଶର୍ମାଙ୍କୁ ପ୍ରାର୍ଥୀ କରାଯାଇଛି । ତେବେ କଂଗ୍ରେସରୁ ନିଲମ୍ବିତ ହୋଇଥିବା ବରିଷ୍ଠ ନେତା ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ଅମିତା ବିଶ୍ୱାଳଙ୍କୁ ପ୍ରାର୍ଥୀ କରାଯାଇଥିବାବେଳେ ବଡସାହି ନିର୍ବାଚନମଣ୍ଡଳିରୁ କ୍ଷୀରୋଦ ଚନ୍ଦ୍ର ପାତ୍ର, ସୁକିନ୍ଦାରୁ ବିଭୂ ଭୂଷଣ ରାଉତ, କଣ୍ଟାମାଳରୁ ପୂର୍ବ ଘୋଷିତ ପ୍ରାର୍ଥୀ ବଦଳାଯାଇ

ସୁରଙ୍କ ପୁଅ ସିଦ୍ଧାର୍ଥ ନିମାପଡାରୁ ପ୍ରାର୍ଥୀ

ସୁରେଶ ରାଉତରାୟଙ୍କ ବଡପୁଅ ସିଧାର୍ଥ ରାଉତରାୟଙ୍କୁ ପ୍ରାର୍ଥୀ କରିଛି ।

ଝାରସୁଗୁଡା ବିଧାନସଭା ନିର୍ବାଚନମଣ୍ଡଳିରୁ ପୂର୍ବତନ ଶରତ କୁମାର ପ୍ରଧାନଙ୍କୁ ପ୍ରାର୍ଥୀ କରାଯାଇଛି । ସେହିଭଳି କେନ୍ଦ୍ରାପଡା ବିଧାନସଭା ଆସନ ଲାଗି ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକଙ୍କୁ ଦଳ (୯ ପୃଷ୍ଠାରେ)

ବିଜେଡିର ୪୦ ଜଣିଆ ତାରକା ପ୍ରଚାରକ

ଭୁବନେଶ୍ୱର, ୨୦।୪ (ସବ୍ୟୁ) : ଆଗାମୀ ଲୋକସଭା ଓ ବିଧାନସଭା ନିର୍ବାଚନ ଲାଗି ବିଜେଡିର ୪୦ ଜଣିଆ ତାରକା ପ୍ରଚାରକଙ୍କ ନାମ ଘୋଷଣା କରାଯାଇଛି । ଏହି ତାଲିକା ମଧ୍ୟ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ତାରକା ପ୍ରଚାରକ ତାଲିକାର ଶୀର୍ଷରେ ଦଳର ସଭାପତି ନବୀନ ପଟ୍ଟନାୟକ ଥିବାବେଳେ ଦ୍ୱିତୀୟରେ କାର୍ତ୍ତିକ ପାଣ୍ଡିଆନ ଅଛନ୍ତି । ତୃତୀୟରେ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ରହିଛନ୍ତି ।

ସେହିଭଳି ଏହି ତାଲିକାରେ ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଚନ୍ଦ୍ରଶେଖର ସାହୁ, ଚିରଞ୍ଜୀବ ବିଶ୍ୱାଳ, ନିରଞ୍ଜନ ପୂଜାରୀ, ପ୍ରତାପ ଜେନା, ପ୍ରତାପ ଦେବ୍, ଅତନୁ ସବ୍ୟସାଚୀ ନାୟକ, ଅରୁଣ ସାହୁ, ସଞ୍ଜୟ ଦାସବର୍ମା, ପଦ୍ମନାଭ ବେହେରା, ପ୍ରଦୀପ ଅମାତ୍, ସସ୍ମିତ୍ ପାତ୍ର, ମାନସ ମଙ୍ଗରାଜ, ପ୍ରଣବ ବଳବନ୍ତରାୟ, ଦେବୀ ରଞ୍ଜନ ତ୍ରିପାଠୀ, ଶ୍ରୀମୟୀ ମିଶ୍ରଙ୍କ ସମେତ ୪୦ ଜଣ ସ୍ଥାନ ପାଇଛନ୍ତି ।

ସର୍ବାଗ୍ରେ ଅଛନ୍ତି ଦଳ ସଭାପତି ନବୀନ ପଟ୍ଟନାୟକ
ତାଲିକାରେ କାର୍ତ୍ତିକ ପାଣ୍ଡିଆନ, ପ୍ରଣବ ପ୍ରକାଶ ଦାସ, ମାନସ ମଙ୍ଗରାଜ, ଚିରଞ୍ଜୀବ ବିଶ୍ୱାଳ

ବିଜେଡିର ଷଷ୍ଠ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ୯

ବଡଚଣାରୁ ବର୍ଷା, କେନ୍ଦ୍ରାପଡାରୁ ଗଣେଶ୍ୱର

ଭୁବନେଶ୍ୱର, ୨୦।୪ (ସବ୍ୟୁ) : ଷଷ୍ଠ ପର୍ଯ୍ୟାୟ ପ୍ରାର୍ଥୀ ଘୋଷଣାରେ ବିଜେଡି ବିରୋଧୀଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି । ୫ ବିଧାୟକଙ୍କର ଟିକେଟ କଟିଥିବାବେଳେ ୪ ଜଣ ମହିଳାଙ୍କୁ ଦଳ ପ୍ରାର୍ଥୀ କରିଛି । ସେହିଭଳି ନୂଆ ମୁହଁ ଭାବେ ୪ ଜଣଙ୍କୁ ପ୍ରାର୍ଥୀ କରାଯାଇଛି । ଷଷ୍ଠ ପର୍ଯ୍ୟାୟରେ ଦଳ ୯ ପ୍ରାର୍ଥୀ ଘୋଷଣା କରିଛି । ଏହାକୁ ମିଶାଇ ବିଜେଡି ମୋଟ୍ ୧୪୭ ବିଧାନସଭା ମଧ୍ୟରୁ ୧୩୫ ପ୍ରାର୍ଥୀ ଚୟନ କରିସାରିଛି ।

ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଷଷ୍ଠ ପର୍ଯ୍ୟାୟ ଲାଗି ୯ ଜଣଙ୍କୁ ପ୍ରାର୍ଥୀ ଘୋଷଣା କରିବା ସହ ରାଜ୍ୟବାସୀଙ୍କ ସହଯୋଗ ଲୋଡିଛନ୍ତି । ଷଷ୍ଠ ପର୍ଯ୍ୟାୟରେ ଚିଲିକାରୁ ରଘୁନାଥ ସାହୁ, କେନ୍ଦ୍ରାପଡାରୁ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଇଥିବା ଗଣେଶ୍ୱର ବେହେରା, ଚମ୍ପୁଆରୁ ସନାତନ ମହାକୁଡ, ବଡଚଣାରୁ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ, ଆନନ୍ଦପୁରରୁ ଅଭିମୁନ୍ୟୁ ସେଠୀ, ସାରସକଣାରୁ ଦେବାଶିଷ୍ ମାରାଣ୍ଡି, କରଞ୍ଜିଆରୁ ବାସନ୍ତି ହେମ୍ବ୍ରମ, ସିମୁଳିଆରୁ ସୁବାଷିନୀ ସାହୁ ଓ ରେମୁଣାରୁ ବିଦୁସ୍ମିତା ମହାଳିକଙ୍କୁ ପ୍ରାର୍ଥୀ କରାଯାଇଛି । ଯେଉଁ ୫ ବିଧାୟକଙ୍କ ଟିକେଟ କଟିଛି ସେମାନଙ୍କ ମଧ୍ୟରେ ଅଛନ୍ତି ବଡଚଣାର ବରିଷ୍ଠ ବିଧାୟକ ଅମର ଶତପଥୀ, ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀ, ସିମୁଳିଆର ଜ୍ୟୋତି ପାଣିଗ୍ରାହୀ, କେନ୍ଦ୍ରାପଡାର ଶଶି ବେହେରା ଓ ଚମ୍ପୁଆର ମିନାକ୍ଷୀ ମହନ୍ତ । ଘୋଷିତ ପ୍ରାର୍ଥୀଙ୍କ ମଧ୍ୟରେ ୪ ମହିଳାଙ୍କୁ ପ୍ରାର୍ଥୀ କରାଯାଇଛି । ଷଷ୍ଠ ପର୍ଯ୍ୟାୟ ସୁଦ୍ଧା ବିଜେଡି ୩୨ ମହିଳାଙ୍କୁ ବିଧାନସଭା ନିର୍ବାଚନ ନିମନ୍ତେ ପ୍ରାର୍ଥୀ କରିସାରିଛି । ଆଉ ୧୨ ଆସନ ଲାଗି ବିଜେଡିର ପ୍ରାର୍ଥୀ ଘୋଷଣା ବାକି ରହିଛି ।

ଚମ୍ପୁଆରୁ ସନାତନ ମହାକୁଡ ପ୍ରାର୍ଥୀ
୫ ବିଧାୟକଙ୍କ ଟିକେଟ କଟିଲା
୪ ମହିଳା ପ୍ରାର୍ଥୀ ହେଲେ

ଆମ୍ବୁଲାନ୍ସ ଧକ୍କାରେ ଦମ୍ପତି ମୃତ, ଦୁଇ ଭଉଣୀ ଅନାଥ

ବୌଦ୍ଧ, ୨୦।୪ (ସବ୍ୟୁ) : ବ୍ରିଜ ଉପରେ ଠିଆ ହୋଇ ମହାନଦୀରେ ପାଣି ଦେଖି ଖୁସି ହେଉଥିଲେ ଦୁଇ ଭଉଣୀ। ବେଶୀ ସମୟ ରହିଲାନି ସେମାନଙ୍କ ଖୁସି। ବ୍ରିଜରେ ଛିଡ଼ାହୋଇ ଦୁଇ ଭଉଣୀ ପାଣି ଦେଖୁଥିବା ବେଳେ ଏପଟେ ବାପାମା'ଙ୍କ ଉପରେ ମାଡ଼ିଗଲା ଆମ୍ବୁଲାନ୍ସ। ଦୁର୍ଘଟଣାରେ ଚାଲିଗଲା ବାପା ମା'ଙ୍କ ଜୀବନ। ଏପରି ଦୁଃଖଦ ଘଟଣା ଘଟିଛି ବୌଦ୍ଧ ଜିଲ୍ଲାରେ। ମୃତ ଦମ୍ପତି ହେଲେ ମିଟୁ ବେହେରା ଓ ତାଙ୍କ ସ୍ତ୍ରୀ ମନୋରମା ବେହେରା।

ଶନିବାର ସକାଳେ ମିଟୁ ଦୁଇ ଝିଅ ଓ ସ୍ତ୍ରୀକୁ ନେଇ ବାଇକ୍ ଯୋଗେ ଆଠମଲ୍ଲିକରୁ ବୌଦ୍ଧ ଆସୁଥିଲେ। ବୌଦ୍ଧ ଟାଉନ ଥାନା ଅନ୍ତର୍ଗତ ମହାନଦୀ ବ୍ରିଜରେ ଦୁଇ ଝିଅ ପାଣି ଦେଖିବାକୁ ଜିଦ୍ କରିଥିଲେ। ମିଟୁ (୯ ପୃଷ୍ଠାରେ)

ଡଙ୍ଗାବୁଡ଼ି ଘଟଣା : ୮ ମୃତ ଦେହ ଉଦ୍ଧାର

ଝାରସୁଗୁଡ଼ା, ୨୦।୪ (ସବ୍ୟୁ) : ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଶରଧା ନିକଟରେ ମହାନଦୀରେ ଡଙ୍ଗା ବୁଡ଼ିବା ଘଟଣାରେ ୮ ଜଣଙ୍କର ମୃତ୍ୟୁ ଘଟିଛି। ସମସ୍ତ ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ମଧ୍ୟରେ ୫ ଜଣ ମହିଳା ଓ ୩ ଜଣ ଶିଶୁ ଅଛନ୍ତି। ମୃତ ଶିଶୁମାନଙ୍କର ବୟସ ୨ରୁ ୭ ବର୍ଷ ମଧ୍ୟରେ। ଶୁକ୍ରବାର ଅପରାହ୍ନରେ ଘଟିଥିଲା ଏହି ଅଘଟଣ। ଛତିଶଗଡ଼ର ଖରସିଆ ଅଞ୍ଚିରପାଲି ଗାଁର ପ୍ରାୟ ୫୦ ଜଣ ବରଗଡ଼ ଜିଲ୍ଲା ପଥରସେନି ଦେବୀଙ୍କ ଦର୍ଶନ କରିବାକୁ ଆସିଥିଲେ। ଦର୍ଶନ ସାରି ଫେରୁଥିବା ବେଳେ ଶରଧା ନିକଟରେ ମହାନଦୀରେ ଓଲଟି ଥିଲା ସେମାନଙ୍କ ଡଙ୍ଗା । ସ୍ଥାନୀୟ ମତ୍ସ୍ୟଜୀବୀମାନେ ୪୦ ଜଣଙ୍କୁ ତୁରନ୍ତ ଉଦ୍ଧାର କରିଥିଲେ । ଫଳରେ ସେମାନେ ବଞ୍ଚି ଯାଇଥିଲେ । କିନ୍ତୁ ଆଉ ୮ ଜଣ ବୁଡ଼ି ଯାଇଥିଲେ । ଦୁଇଜଣଙ୍କ ମୃତଦେହ ଶୁକ୍ରବାର ମିଳିଥିଲା। ଶନିବାର ଭୋର ୫ଟାରୁ ପୁଣି ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସକାଳେ ୬ ଜଣଙ୍କ ମୃତଦେହ ମିଳିଥିଲା। (୯ ପୃଷ୍ଠାରେ)

ବଡଚଣା, ଚମ୍ପୁଆ, କଣ୍ଟାବାଞ୍ଜୀ ବିଧାନସଭା ଆସନରେ

ନବୀନଙ୍କ ସର୍‌ପ୍ରାଇଜ୍ କାର୍ଡ

ଭୁବନେଶ୍ୱର, ୨୦।୪ (ସବ୍ୟୁ) : ବିରୋଧୀମାନଙ୍କୁ ସବୁବେଳେ ଆଶ୍ଚର୍ଯ୍ୟ ଚକିତ କରୁଥିବା ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଞ୍ଚମ ଓ ଷଷ୍ଠ ପର୍ଯ୍ୟାୟ ପ୍ରାର୍ଥୀ ଘୋଷଣାରେ ଅନୁରୂପ ରଣନୀତି ଆପଣାଇଛନ୍ତି । ଆଶା କରାଯାଇନଥିବା ବ୍ୟକ୍ତିଙ୍କୁ ପ୍ରାର୍ଥୀ କରାଯାଇଛି । ନବୀନଙ୍କ ଏହି ସର୍‌ପ୍ରାଇଜ୍ କାର୍ଡ ଦଳ ପାଇଁ କେତେଦୂର ଫାଇଦା ଦେବ ତାହା ଭୋଟ୍ ଗଣତି ପରେ ଜଣାପଡିବ । ହେଲେ ଆଲୋଚନା ଅନୁଯାୟୀ ନବୀନଙ୍କ ଏହି ରଣନୀତି କେବଳ ଗୋଟିଏ ନିର୍ବାଚନମଣ୍ଡଳୀ ନୁହେଁ ଏହାର ଆଖପାଖ ନିର୍ବାଚନମଣ୍ଡଳୀ ବା ଜିଲ୍ଲାରେ ପ୍ରଭାବ ପକାଇବାର ଯଥେଷ୍ଟ ସମ୍ଭାବନା ରହିଛି ।

୫ମ ପର୍ଯ୍ୟାୟ ପ୍ରାର୍ଥୀ ଘୋଷଣାରେ ନବୀନ ପଟ୍ଟନାୟକ ବଲାଙ୍ଗିର ଜିଲ୍ଲାର କଣ୍ଟାବାଞ୍ଜୀ ଆସନରୁ ପ୍ରାର୍ଥୀ ହେବେବୋଲି ଘୋଷଣା କରାଯାଇଥିଲା । ଏହି ରଣନୀତି ହଠାତ୍ ଚକିତ କରିଥିଲା । ୨୦୧୯ରେ ହିଞ୍ଜିଳୀ ସହ ବିଜେପୁରରେ ନବୀନ ପ୍ରାର୍ଥୀ ହୋଇଥିଲେ । ନିର୍ବାଚନ ପରେ ତାଙ୍କର ପାରମ୍ପରିକ ଆସନ ହିଞ୍ଜିଳୀ ରଖି ବିଜେପୁର ଛାଡିଥିଲେ । ଏଥର ନବୀନଙ୍କ ଦ୍ୱିତୀୟ ଆସନ ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଉଥିବାବେଳେ ସେ ବଲାଙ୍ଗିର ଜିଲ୍ଲାରେ ପ୍ରବେଶ କରିଛନ୍ତି । କଣ୍ଟାବାଞ୍ଜୀ ଆସନରେ ଗତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ ସିଂ ସାଲୁଜା ମାତ୍ର ୧୨୮ ଖଣ୍ଡ ଭୋଟ୍‌ରେ ବିଜୟୀ ହୋଇଥିଲେ । ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପି ପ୍ରାର୍ଥୀ ଲକ୍ଷ୍ମଣ ବାଗ୍ ଥିଲେ । ଏଥର ବିଜେଡିର ପ୍ରାୟ ୪ ଜଣ କଣ୍ଟାବାଞ୍ଜୀ ଆସନ ଲାଗି ଆଶାୟୀ ଥିଲେ । ଦଳ ସେଠାରେ ଗତ ନିର୍ବାଚନରେ ତୃତୀୟ ସ୍ଥାନରେ ଥିଲା । ଏଭଳି ସ୍ଥିତିରେ ଏହି ଆସନରେ ନବୀନ ପ୍ରାର୍ଥୀ ହେବା ଫଳରେ ଏହାର ପାଖାପାଖି ନୂଆପଡା, ପଦ୍ମପୁର, ପାଟଣାଗଡ ସମେତ ବଲାଙ୍ଗିର ଜିଲ୍ଲାର ଆଉ (୯ ପୃଷ୍ଠାରେ)

ଲାଲ୍‌ରୁ ଗେରୁଆ ହୋଇଗଲା ଦୂରଦର୍ଶନ ଲୋଗୋ

ବିରୋଧୀଙ୍କ ତୀବ୍ର ସମାଲୋଚନା
ଅନୈତିକ, ବେଆଇନ୍ କାର୍ଯ୍ୟ : ମମତା

ନୂଆଦିଲ୍ଲୀ, ୨୦।୪ : ସରକାରଙ୍କ ନିୟନ୍ତ୍ରଣାଧୀନ ଜାତୀୟ ପ୍ରଶାରଣ ସଂସ୍ଥା ଦୂରଦର୍ଶନର ଲୋଗୋର ରଙ୍ଗକୁ ପରିବର୍ତ୍ତନ କରାଯାଇଛି । ପୂର୍ବରୁ ଏହି ଲୋଗୋର ରଙ୍ଗ ରୁବି ରେଡ୍ ଥିବାବେଳେ ଏହାକୁ ଏବେ ଗେରୁଆ କରିଦିଆଯାଇଛି । ଲୋକସଭା ନିର୍ବାଚନ ପୂର୍ବରୁ ଏଭଳି ରଙ୍ଗ ପରିବର୍ତ୍ତନ ନିଷ୍ପତ୍ତିକୁ ନେଇ ବିରୋଧୀ ସରକାରଙ୍କୁ ଘେରିଛନ୍ତି । ସମସ୍ତ ସରକାରୀ ସଂସ୍ଥା ଉପରେ ଏବେ କେନ୍ଦ୍ରର ନେତୃତ୍ୱାଧୀନ ସରକାର କବ୍‌ଜା କରିବାକୁ ଚାହୁଁଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି ଯେ ଦୂରଦର୍ଶନର ଲୋଗୋର ରଙ୍ଗ ଗେରୁଆ ହେବା ଏହା ନିର୍ବାଚନ ଆଚରଣବିଧିର ଉଲ୍ଲଂଘନ କରୁଛି ବୋଲି ସେ ଉଲ୍ଲେଖ କରିଛନ୍ତି ।

ଡିଡି ନ୍ୟୁଜ୍‌ର ଅଫିସିଆଲ୍ ଏକ୍ସ ହ୍ୟାଣ୍ଡେଲରେ କୁହାଯାଇଛି ଯେ ଆମର ମୂଲ୍ୟବୋଧ ସମାନ ରହିବ କିନ୍ତୁ ଆମେ ଏକ ନୂଆ ଅବତାରରେ ତାଙ୍କୁ ଆଚମ୍ବିତ କରିଛି । ଦେଶରେ ନିର୍ବାଚନ ଚାଲିଥିବାବେଳେ ଏଭଳି କାର୍ଯ୍ୟ ଅନୈତିକ ଓ ବେଆଇନ୍ । ବିଜେପି ଦ୍ୱାରା ଜାତୀୟ ପ୍ରସାରଣ ସଂସ୍ଥା ପରିଚାଳିତ ହୋଇ ଏଭଳି କାର୍ଯ୍ୟ କରିଛି । ନିର୍ବାଚନ କମିଶନ କିଭଳି ଏହାକୁ ଅନୁମତି ଦେଲେ ଓ ଏକ ସମ୍ବାଦ ଯାତ୍ରା ପାଇଁ ପ୍ରସ୍ତୁତ ହୁଅନ୍ତୁ ଯାହା କେବେ ପୂର୍ବରୁ ହୋଇନାହିଁ । ନୂତନ ଡିଡି ନ୍ୟୁଜ୍‌ର ଅଭିଜ୍ଞତା ନିଅନ୍ତୁ । ତେବେ ବିରୋଧୀ ଦଳଗୁଡିକ ପକ୍ଷରୁ ଏହାକୁ ସମାଲୋଚନା କରାଯାଇଛି । ଟିଏମ୍‌ସିର ରାଜ୍ୟସଭା ସାଂସଦ ଜବାହାର (୯ ପୃଷ୍ଠାରେ)

ସୋସିଆଲ କୋଟ୍ସ

ଜାନମ ସମଝା କରୋ ସେଟ୍‌ରେ ସଲମାନ ପାଖାପାଖି ୧୦ ଘଣ୍ଟା ଲେଟ୍‌ରେ ପହଞ୍ଚିଥିଲେ । ତେବେ ଏହି ଘଟଣା ସମସ୍ତଙ୍କୁ ବହୁତ ରଗାଇଥିଲା । ମୁଁ ମୋର ସମସ୍ତ ରାଗ ନିର୍ଦ୍ଦେଶକଙ୍କ ଉପରେ କାଢିଥିଲି ।

ଗ୍ରୁସା କପୁର, ଅଭିନେତ୍ରୀ

ଶାହରୁଖ ଖାନଙ୍କୁ ମୁଁ ପ୍ରଥମରୁ ଜାଣିଛି । ଗୌରୀଙ୍କ ସହିତ ସେ ଭଡା ଘରେ ରହୁଥିଲେ । ତାଙ୍କ ପ୍ରତିଭା ଦେଖି ମୁଁ ସେତେବେଳେ ହିଁ ଜାଣିଥିଲି କି ସେ ଯେମିତି ହେଲେ ସୁପଷ୍ଟାର ବନିବେ ।

ଚଙ୍କି ପାଣ୍ଡେ, ଅଭିନେତା

ଏଭଳି ଅନେକ ଫିଲ୍ମ ନିର୍ଦ୍ଦେଶକ ଅଛନ୍ତି, ଯେଉଁମାନେ ଅନ୍ଧବିଶ୍ୱାସ ଉପରେ ଭରସା କରନ୍ତି । ଜଣେ ନିର୍ଦ୍ଦେଶକ ଫିଲ୍ମ ହିଟ ହେବ ବୋଲି ୪୨ ଦିନ ଗୋଟିଏ ସର୍ଟସ୍ ପିନ୍ଧିଥିଲେ । ହେଲେ ସେହି ଫିଲ୍ମ ଫ୍ଲପ୍ ହୋଇଥିଲା ।

ବିଦ୍ୟା ବାଲାନ, ଅଭିନେତ୍ରୀ

ଇତିହାସ

୧୫୨୬– ପ୍ରଥମ ପାନିପଥ ଯୁଦ୍ଧରେ ମୋଗଲ ସମ୍ରାଟ ବାବରଙ୍କ ଦ୍ୱାରା ଇବ୍ରାହିମ ଲୋଦିଙ୍କ ମୃତ୍ୟୁ ।

୧୮୯୫– ଆମେରିକାରେ ପ୍ରଥମଥର ପାଇଁ ପ୍ରୋଜେକ୍ଟରରେ ଫିଲ୍ମ ପ୍ରଦର୍ଶିତ ହୋଇଥିଲା ।

୧୯୨୬– ଇଂଲଣ୍ଡର ମହାରାଣୀ ଏଲିଜାବେଥ ଦ୍ୱିତୀୟଙ୍କ ଜନ୍ମ ।

୧୯୩୮– ସାରେ ଜହାଁ ସେ ଅଚ୍ଛା ଗୀତର ରଚୟିତା ମହମ୍ମଦ ଇକ୍‌ବାଲଙ୍କ ଲାହୋରରେ ନିଧନ ।

୧୯୬୦– ବ୍ରାସିଲିଆ ସହରକୁ ବ୍ରାଜିଲର ରାଜଧାନୀ କରାଗଲା ।

୧୯୮୭– କଲମ୍ବୋରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣରେ ୧୦୦ ଲୋକଙ୍କ ମୃତ୍ୟୁ ।

୨୦୧୩– ମାନବ କମ୍ପ୍ୟୁଟର ଭାବେ ପରିଚିତ ଶକୁନ୍ତଳା ଦେବୀଙ୍କ ପରଲୋକ ।

ଜାତୀୟ ପ୍ରଶାସନିକ ଦିବସ

ପ୍ରତିବର୍ଷ ଏପ୍ରିଲ ୨୧ରେ ପାଳନ ହୋଇଥାଏ ଜାତୀୟ ପ୍ରଶାସନିକ ଦିବସ । ୨୦୦୬ରେ ଏହି ଦିବସ ପାଳନର ଆରମ୍ଭ ହୋଇଥିଲା । ଏପ୍ରିଲ୍ ୨୧, ୧୯୪୭ ମସିହାରେ ଭାରତର ପ୍ରଥମ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନବନିଯୁକ୍ତ ତଥା ଗଠିତ ପ୍ରଶାସନିକ ସେବା ଅଧିକାରୀଙ୍କୁ ସମ୍ବୋଧିତ କରିଥିଲେ । ଦେଶର ପ୍ରଗତି ପାଇଁ ନୀତି ନିର୍ଦ୍ଧାରଣ କରିବାରେ ସରକାରୀ କର୍ମଚାରୀଙ୍କର ଏକ ଗୁରୁତ୍ୱ ପୂର୍ଣ୍ଣ ଅବଦାନ ରହିଥାଏ । ପ୍ରତିବର୍ଷ ଏହି ଦିବସ ଅବସରରେ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ । ଚାର୍ଲ୍ସ କର୍ଣ୍ଣୱାଲିସ୍‌ଙ୍କୁ ଭାରତୀୟ ପ୍ରଶାସନିକ ସେବାର ଜନକ ବୋଲି ସମ୍ବୋଧନ କରାଯାଇଥାଏ । ଭାରତରେ ପ୍ରଶାସନିକ ସେବାର ମୂଳଦୁଆ ଓ୍ୱାରେନ୍ ହାଷ୍ଟିଙ୍ଗସ୍ ପକାଇଥିଲେ ।

୧୯୦୦ ବର୍ଷ ତଳର ଆର୍ମି କ୍ୟାମ୍ପ

ଆଜିକାଲି ଗୁଗୁଲ୍ ଆର୍ଥ ଆପ୍‌କୁ ବ୍ୟବହାର କରି ଅନେକ ପୂରାତନ ଜିନିଷର ସନ୍ଧାନ ମିଳୁଛି । ଏହି ତାଲିକାରେ ଯୋଡି ହୋଇଛି ତିନୋଟି ରୋମାନ୍ ମିଲିଟାରୀ କ୍ୟାମ୍ପ, ଯାହା ପାଖାପାଖି ୧୯୦୦ ବର୍ଷ ତଳର । ଅକ୍ସଫୋର୍ଡ ୟୁନିଭର୍ସିଟିର ଗବେଷକମାନେ ଏହି ସନ୍ଧାନ କରିଥିବାବେଳେ ଏହା ପାଖାପାଖି ଏଡି ୧୦୬ର ବୋଲି ସୂଚନା ଦେଇଛନ୍ତି । ଏହା ସାଉଦି ଆରବ ମରୁଭୂମିରେ ମିଳିଛି, ଯେଉଁ ଅଞ୍ଚଳ ଅନେକ ଦିନ ତଳେ ରାଜାମାନଙ୍କର ସାମ୍ରାଜ୍ୟ ଥିଲା । ଏହି ସ୍ଥାନରେ ରୋମାନ୍ ଆର୍ମିଙ୍କର କିଛି ନିର୍ଦ୍ଦିଷ୍ଟ କାର୍ଯ୍ୟକଳାପକୁ ନେଇ ପ୍ରମାଣ ମିଳିଛି, ଯାହା ଏଠି ଆର୍ମି କ୍ୟାମ୍ପ ଥିବାର ସୂଚାଉଛି । ତେବେ ଏନେଇ ସେମାନେ ଅଧିକ ଗବେଷଣା ଜାରି ରଖିଛନ୍ତି । ଏହି କ୍ୟାମ୍ପ ଗୁଡିକଙ୍କ ଭିତରେ ୨୩ରୁ ୨୭ ମାଇଲର ଦୂରତା ରହିଛି, ତେଣୁ ଏହା ଯୁଦ୍ଧ ସମୟର ବୋଲି ଅନୁମାନ କରାଯାଉଛି ।

ପ୍ଲାଣ୍ଟ ବେସ୍ଡ ଡାଏଟ୍

ଆଜିକାଲି ଶାକାହାରୀ ଖାଦ୍ୟର ଚାହିଦା ବଢି ଚାଲିଛି । ଏଭଳି ଅନେକ ଲୋକ ଅଛନ୍ତି ଯେଉଁମାନେ କେବଳ ପ୍ଲାଣ୍ଟ୍ ବେସ୍ଡ ଖାଦ୍ୟ କିମ୍ବା ଭିଗାନ ଖାଦ୍ୟ ଖାଉଛନ୍ତି । ତେବେ ଏହି ଡାଏଟ୍‌ରେ ଆମିଷ ନଥିବାରୁ ଆମିଷରେ ମିଳୁଥିବା ପୋଷଣକୁ ଏଥିରେ ସାମିଲ କରିବାର ଆବଶ୍ୟକତା ରହିଥାଏ । ତେଣୁ ଏହି ଡାଏଟ୍ ପ୍ଲାନ କରିବା ସମୟରେ କିଛି ଖାଦ୍ୟକୁ ସାମିଲ କରିବାର ନିତାନ୍ତ ଆବଶ୍ୟକ ରହିଛି ।

ଫଳ– ସବୁବେଳେ ନିଜ ଡାଏଟ୍‌ରେ ଫଳ ସାମିଲ କରନ୍ତୁ । ବିଭିନ୍ନ ପ୍ରକାରର ଫଳରେ ଭିନ୍ନଭିନ୍ନ ପ୍ରୋଟିନ୍ ଓ ମିନେରାଲ୍ସ ରହିଥାଏ । ଯାହା ଆମକୁ ଶକ୍ତି ଯୋଗାଇଥାଏ । ଡାଏଟ୍‌ରେ କମଳା, ସେଓ, ଅଙ୍ଗୁର, ଡାଳିମ୍ବ, ନାସପାତି ଆଦି ସାମିଲ କରନ୍ତୁ । ଏହା ଆପଣଙ୍କର ଶରୀରକୁ ପୂର୍ଣ୍ଣମାତ୍ରାରେ ପୋଷଣ ଯୋଗାଇବ ।

ହେଲଦି ଫ୍ୟାଟ୍– ଖାଦ୍ୟରେ ଆଭାଗାଡୋ, ଅଲିଭ୍ ଅଏଲ୍, ନଡିଆ ଘିଅ ଆଦିକୁ ଡାଏଟ୍ ଲିଷ୍ଟରେ ସାମିଲ କରନ୍ତୁ । ଏହି ଗୁଡିକ ହେଲ୍‌ଦି ଫ୍ୟାଟ୍ ହୋଇଥାଏ, ଯାହା ଆମକୁ ପୋଷଣ ଯୋଗାଇଥାଏ । ଏହି ଖାଦ୍ୟରେ ସ୍ନେହଶାରର ମାତ୍ରାର ଅଧିକ ରହିଥାଏ, ତେଣୁ ଏହା ଆମ ଶରୀର ପାଇଁ ଦରକାର ହୋଇଥାଏ ।

ମଞ୍ଜି ଜାତୀୟ ଖାଦ୍ୟ– ଡାଏଟ୍ ପ୍ଲାନରେ ମଞ୍ଜି ଜାତୀୟ ଖାଦ୍ୟ ସାମିଲ କରନ୍ତୁ, ଯେପରି ରାଜମା, ଚଣା, ବୁଟ ଆଦି ସାମିଲ କରନ୍ତୁ । ଏଥିରୁ ଅଧିକ ମାତ୍ରାରେ ପ୍ରୋଟିନ ମିଳିଥାଏ । କେବଳ ପ୍ରୋଟିନ୍ ନୁହେଁ ଭିଟାମିନ୍ ମଧ୍ୟ ମିଳିଥାଏ ।

ହାଃ ହାଃ

ପପୁ – ତୁମେ ଝିଅମାନେ ବିବାହ ସମୟରେ ଏତେ କାନ୍ଦ କଣ ପାଇଁ । ଆଜିକାଲି ତ ଯେତେବେଳେ ଚାହିଁବ ବାପା ମାଆଙ୍କ ପାଖକୁ ଯାଇପାରିବ ।

ପତ୍ନୀ – ଆରେ ତୁମେ ଯଦି ଜାଣିବ ତୁମକୁ ଘର ଠାରୁ ଦୂରକୁ ନେଇ ବାସନ ମାଜିବାକୁ ଦିଆଯିବ, ତେବେ ତୁମେ ପୁଅମାନେ ମଧ୍ୟ କାନ୍ଦିବ ।

୫ପ୍ରତିଶତ ବଢିବ ଖରାଦିନ

ଜଳବାୟୁ ପରିବର୍ତ୍ତନ ପୂରା ବିଶ୍ୱପାଇଁ ଏକ ଗୁରୁତର ସମସ୍ୟାଭାବେ ଉଭା ହୋଇଛି । ତେବେ ନିକଟରେ ଏହି ସମସ୍ୟାକୁ ନେଇ ୱାର୍ଲ୍ଡ ୱେଦର ଆଟ୍ରିବ୍ୟୁସନ୍ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି । ଏହି ରିପୋର୍ଟ ଅନୁସାରେ ଆଫ୍ରିକାରେ ଗତ ୨ବର୍ଷରୁ ଅଧିକ ସମୟ ଧରି ବର୍ଷାର

ପରିମାଣ କମିଛି । ଯେଉଁ କାରଣରୁ ଅନେକ କ୍ଷତି ହୋଇଛି । ତେବେ ଏହାର ସବୁଠାରୁ ଗୁରୁତର ପ୍ରଭାବ ହେଲା ଏଠାରେ ମରୁଡିର ଆଶଙ୍କା ବଢିଛି । ଏହାର ପ୍ରଭାବ ସବୁଠାରୁ ଅଧିକ ପୂର୍ବ ଆଫ୍ରିକାରେ ପଡିଛି ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି । ଏହି କାରଣରୁ ଏଠାରେ ମୃତ୍ୟୁ ସଂଖ୍ୟା ମଧ୍ୟ ବଢିଛି ବୋଲି ରିପୋର୍ଟରେ ପ୍ରକାଶ ପାଇଛି । ୨୦୨୨ରେ ଏଠାରେ ୪୩ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି, ଯେଉଁଥିରେ ୫ ବର୍ଷରୁ କମ ବୟସର ପିଲା ଅଧିକ ସାମିଲ ଥିଲେ । ସେହିଭଳି ୨୦୨୩ରେ ମଧ୍ୟ ଏଠାରେ ଅନେକ ସଂଖ୍ୟାରେ ଲୋକଙ୍କର ମୃତ୍ୟୁ ହୋଇଥିଲା । ଆଗକୁ ପ୍ରତିବର୍ଷ ଖରାଦିନ ବା ଗ୍ରୀଷ୍ମଋତୁର ସମୟ ୫ ପ୍ରତିଶତ ବଢିବ ବୋଲି ଆକଳନ କରାଯାଇଛି । ସେହିଭଳି ଗତ ଦୁଇବର୍ଷ ମଧ୍ୟରେ ପୂର୍ବ ଆଫ୍ରିକାରେ ସବୁଠାରୁ କମ ବର୍ଷା ହୋଇଛି, ଏଥିସହ ଏଭଳି ପରିସ୍ଥିତି ପାଖାପାଖି ୭୦ ବର୍ଷ ପରେ ଏଠାରେ ଦେଖାଯାଇଛି । ଏହି ରିପୋର୍ଟରେ ଗବେଷକମାନେ ଜଳବାୟୁ ପରିବର୍ତ୍ତନର କୁ ପ୍ରଭାବକୁ ନେଇ ବିଶ୍ୱକୁ ସତର୍କ କରାଇଛନ୍ତି । କେବଳ ଆଫ୍ରିକା ନୁହେଁ ବିଶ୍ୱର ଅନ୍ୟଦେଶରେ ମଧ୍ୟ ଏଭଳି ପରିସ୍ଥିତି ଉପୁଜିବ ବୋଲି ସେମାନେ ଆକଳନ କରିଛନ୍ତି । ବର୍ତ୍ତମାନ ଭାରତର ବିଭିନ୍ନ ଭାଗରେ ମଧ୍ୟ ଗ୍ରୀଷ୍ମ ପ୍ରଭାବ ଖୁବ ଅଧିକ ରହୁଛି । ଏଠାରେ ଦିନ ବେଳର ତାପମାତ୍ରା ଏପ୍ରିଲମାସରେ ୪୩ ଡିଗ୍ରୀ ଅତିକ୍ରମ କରୁଛି, ଯାହା ଚିନ୍ତାର ବିଷୟ ପାଲଟିଛି ।



ଉଷ୍ଟ୍ରାସନ

ପ୍ରଥମେ ଯୋଗମ୍ୟାଟ୍ ପକାଇ ତଳେ ବସିଯାଆନ୍ତୁ । ଏହାପରେ ଆଣ୍ଠୁ ସାହାଯ୍ୟରେ ଆଣ୍ଠେଇବା ପୋଜିସନରେ ରୁହନ୍ତୁ । ଗୋଡକୁ ସିଧା ଖୋଲାକରି ରଖନ୍ତୁ । ଏହାପରେ ଅଣ୍ଟାକୁ ହାତ ସପୋର୍ଟରେ ରଖି ପଛକୁ ଲଇଁବାକୁ ଚେଷ୍ଟା କରନ୍ତୁ । ଏହାପରେ ଧୀରେଧୀରେ ହାତକୁ ପଛ ପାଦରେ ରଖି ଫଟୋରେ ଦିଆଯାଇଥିବା ଭଳି ପଛକୁ ଭାଙ୍ଗି ହୋଇ ରୁହନ୍ତୁ । ଯେତିକି ସମୟ ପାରୁଛନ୍ତି ଏହି ପୋଜିସନରେ ରହି ପୂର୍ବାସ୍ଥିତିକୁ ଫେରନ୍ତୁ । ଏହାକୁ ସର୍ବଦା ଧୀରେ ଧୀରେ କରିବେ, ନହେଲେ ଆଘାତ ଲାଗିବାର ଭୟ ରହିଥାଏ । ଏହା ଅନେକ ସମସ୍ୟା ବିଶେଷକରି ପିଠି ଯନ୍ତ୍ରଣା ପାଇଁ ଲାଭ ଦାୟକ ହୋଇଥାଏ ।

ଲେଡି ସିଙ୍ଘମ

ବେଶ୍ କିଛି ଦିନ ହେବ ନିର୍ଦ୍ଦେଶକ ରୋହିତ ସେଠୀଙ୍କର ଫିଲ୍ମ ସିଙ୍ଘମ ଏଗେନ୍‌କୁ ନେଇ ଚର୍ଚ୍ଚା ହେଉଛି । ଏହାକୁ ନେଇ ବିଭିନ୍ନ ସମୟରେ ଅନେକ ଖବର ମିଳୁଛି । ନିକଟରେ ଦୀପିକାଙ୍କର କିଛି ଫଟୋ ଭାଇରାଲ ହେବାରେ ଲାଗିଛି, ଯାହା ସିଙ୍ଘମ ଏଗେନ୍ ସେଟ୍ । ଏଥିରେ ଦୀପିକାଙ୍କୁ ସିଙ୍ଘମ ଅବତାରରେ ଦେଖିବାକୁ ମିଳିବ । ଯାହାକୁ ଦେଖିବା ପରେ ଫ୍ୟାନମାନେ ଦୀପିକାଙ୍କୁ ଲେଡି ସିଙ୍ଘମର ଆଖ୍ୟା ଦେଇଛନ୍ତି । ଏଥିରେ ଦୀପିକାଙ୍କୁ ଫିଲ୍ମର ଆଇକନିକ୍ ପୋଜ କରୁଥିବାର ଦେଖିବାକୁ ମିଳିଛି । ଦୀପିକାଙ୍କର ଫ୍ୟାନମାନେ ତାଙ୍କର ଏହି ଲୁକ୍‌କୁ ବେଶ୍ ପସନ୍ଦ କରୁଛନ୍ତି । ଫଟୋ ପୋଷ୍ଟ କରିବା ସହିତ ରୋହିତ ଦୀପିକାଙ୍କର ଖୁବ ପ୍ରଶଂସା ମଧ୍ୟ କରିଛନ୍ତି । ରିଲ୍ ତଥା ରିଅଲ ଲାଇଫ୍ ହିରୋ ବୋଲି ସେ ଦୀପିକାଙ୍କୁ ସମ୍ବୋଧନ କରିଛନ୍ତି । ଫିଲ୍ମକୁ ନେଇ ଉଭୟ ଦୀପିକା ଓ ରୋହିତ ବେଶ୍ ଉତ୍ସୁକ ଅଛନ୍ତି । ଫିଲ୍ମରେ ଦୀପିକାଙ୍କ ସହିତ ଅଜୟ ଦେବଗନ, ରଣବୀର ସିଂ, କରୀନା କପୁର, ଟାଇଗର ସ୍ରଫଙ୍କ ଭଳି ଷ୍ଟାରଙ୍କୁ ଦେଖିବାକୁ ମିଳିବ । ମଲ୍ଟି ଷ୍ଟାର ଫିଲ୍ମ ହୋଇଥିବାରୁ ଦର୍ଶକଙ୍କ ପସନ୍ଦ ଆସିବ ବୋଲି ନିର୍ଦ୍ଦେଶକ ଆଶା ରଖିଛନ୍ତି । ସବୁବେଳେ ସିଙ୍ଘମର ଅନ୍ୟ ପାର୍ଟ ଗୁଡିକୁ ଖୁବ ଭଲ ପାଇବା ମିଳିଛି । ଫିଲ୍ମଟି ଥିଏଟରରେ ୨୦୨୪ ଅଗଷ୍ଟ ୧୫ରେ ରିଲିଜ ହେବ ବୋଲି ଯୋଜନା ହୋଇଛି ।

ବଡଚଣା ଟିକେଟ୍ କଳି : ତିନି ଦାବିଦାର ଶିଶୁପାଳ, ବାଜି ମାରିଲେ ବର୍ଷା

ଚଣ୍ଡିଖୋଲ(ସବ୍ୟୁ) ଯାଜପୁର ଜିଲ୍ଲାର ବଡଚଣା ନିର୍ବାଚନ ମଣ୍ଡଳୀ ପାଇ ଦୀର୍ଘଦିନ ହେବ ବିଜେଡି ଟିକେଟ ଝୁଲିରହିବା ପରେ ଶନିବାର ଅପ୍ରତ୍ୟାଶିତ ଭାବେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ଏଠାରେ ଦଳୀୟ ପ୍ରାର୍ଥୀ ଘୋଷଣା କରି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବଡଚଣାବାସୀଙ୍କୁ ସରପ୍ରାଇଜ ଦେଇଛନ୍ତି । ବଡଚଣାରେ ଦୀର୍ଘ ୬ଥର ବିଧାୟକ ଭାବେ ନିର୍ବାଚିତ ହୋଇଆସିଥିବା ବରିଷ୍ଠ ନେତା ଅମରପ୍ରସାଦ ଶତପଥୀଙ୍କୁ ବାଦଦେଇ ଦୁଇଦିନ ତଳେ ବିଜେଡିରେ ମିଶିଥିବା ବର୍ଷାଙ୍କୁ ବିଜେଡି ଏଠାରେ ପ୍ରାର୍ଥୀ ଘୋଷଣା କରିଛି । ଫଳରେ ଦୀର୍ଘ ହେବ ଦଳୀୟ ପ୍ରାର୍ଥୀତ୍ୱକୁ ନେଇ ବଡଚଣାରେ ଲାଗିରହିଥିବା ଘନଘଟା ଓ ଛକାପଞ୍ଜାରେ ଜବନିକା ପଡିବା ସହ ଆଶାୟୀଙ୍କ ମଧ୍ୟରେ ଲାଗିରହିଥିବା ସବୁ କଳ୍ପନା ଜଳ୍ପନାର ଅନ୍ତଘଟିଛି । ବିଶେଷକରି ଏଠାରେ ବିଜେଡିରୁ ଟିକେଟ ହାତେଇବା ପାଇଁ ବିଧାୟକ ଅମରପ୍ରସାଦ ଶତପଥୀ ଓ ଦଳର ରାଜ୍ୟ ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କାଙ୍କ ମଧ୍ୟରେ ବଳକଷାକଶି ଲାଗିରହିଥିଲା । ଏହି ଦୁଇ ଗୋଷ୍ଠୀ ନେତାଙ୍କ ସମର୍ଥକ ମାନେ ଏଠାରେ ବାଳମ୍ବାର ସଭା ସୋଭାଯାତ୍ରା ଓ କର୍ମୀ ସମ୍ମିଳନୀକରି ନିଜନିଜର ଶକ୍ତି ପ୍ରଦର୍ଶନ କରବା ଆଳରେ ପରସ୍ପର ବିରୁଦ୍ଧରେ

ଆକ୍ଷେପ ପ୍ରତି ଆକ୍ଷେପ ଜାରୀ ଲଖିଥିଲେ ଓ ବିରୋଧୀ ଗୋଷ୍ଠୀଙ୍କ ପକ୍ଷରୁ ଏଠାରେ ବିଜେଡିର ନେତୃତ୍ୱ ପରିବର୍ତ୍ତନ ପାଇଁ ଦାବି କରାଯାଉଥିଲା । ଏହି ଦୁଇଗୋଷ୍ଠୀ ମଧ୍ୟରେ ଟଣା ଓଟରା ଲାଗିରହିଥିଲା ବେଳେ ଏଠାର କଂଗ୍ରେସ ନେତା ତଥା ପିସିସି ସମ୍ପାଦକ କ୍ୟାପଟେନ ରାଜନାରାୟଣ ମହାପାତ୍ର ହଠାତ କଂଗ୍ରେସରୁ ଇସ୍ତଫା ଦେଇ ପାଞ୍ଚଦିନ ତଳେ ନିଜ ଦଳବଳ ସହ ବିଜେଡିରେ ଯୋଗଦେଇ ଅନ୍ୟତମ ଟିକେଟ ଦାବିଦାର ଭାବେ ନିଜର ପଟିଆରା ଜାହୀର କରିଥିଲେ । ବିଜେଡିରେ ରାଜନାରାୟଣଙ୍କ ଆର୍ବିଭାବ ପରେ ଟିକେଟ ଆଶାୟୀଙ୍କ ସଂଖ୍ୟା ବଢିବା ସହ ରାଜନୈତିକ ପାଣିପାଗ ଅଧିକ ଗୋଳମାଳିଆ ହୋଇଯାଇଥିଲା । ଯାହାକୁ ନେଇ ଦୁଇଦିନ ତଳେ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ପରାମର୍ଶ କ୍ରମେ ବିଜେଡିର ଯାଜପୁର ଜିଲ୍ଲା ପର୍ଯ୍ୟବେକ୍ଷ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ଶଂଖ ଭବନରେ ବଡଚଣା ବିଜେଡିର ତିନି ଗୋଷ୍ଠୀ ନେତା ଓ ସେମାନଙ୍କ ଆଗୁଆ ସମର୍ଥକ ମାନଙ୍କୁ ଡକାଇ ମିଳିତ ବୈଠକ କରାଯାଇଥିଲା । ଆଗାମୀ ନିର୍ବାଚନରେ ଦଳ ଯାହାକୁ ପ୍ରାର୍ଥୀ ଦେବ ତାଙ୍କୁ ଓ ଦଳର ନିଷ୍ପତ୍ତିକୁ ସମସ୍ତେ ଗ୍ରହଣ କରିବେ ବୋଲି ଏହି ବୈଠକରେ ସର୍ବ ସମ୍ମତ ନିଷ୍ପତ୍ତି ହୋଇଥିଲା । ଏହି ବୈଠକ ପରେ ଟିକେଟ ଆଶାୟୀ ଥିବା ବଡଚଣାର ତିନି ନେତାଙ୍କ ମଧ୍ୟରୁ ଜଣେ କାହାକୁ ନିଶ୍ଚିତ ଟିକେଟ ମିଳିବ ବୋଲି ସମସ୍ତେ ସ୍ଥିର ନିଶ୍ଚିତ ହୋଇଥିଲେ । ହେଲେ ଶଂଖ ଭବନ ଶେଷ ବୈଠକରେ ଜନ୍ମେଜୟ ଓ ରାଜନାରାୟଣ ଉପସ୍ଥିତ ଲହିଥିଲା ବେଳେ ବିଧାୟକ ଅମରପ୍ରସାଦ ଶତପଥୀ ସେହି ବୈଠକରେ ଯୋଗଦେଇ ନଥିଲେ । ଯାହାକୁ ନେଇ ଏଠାରେ ପ୍ରାର୍ଥୀ ଚୟନ ସମୟରେ ଅମରଙ୍କ ଗୋଟି ଚାଳନାରେ ଅନ୍ୟକିଛି ଘଟିବ ବୋଲି ବୁଦ୍ଧିଜୀବୀ ମହଲରେ ସନ୍ଦେହ ସୃଷ୍ଟି କରିଥିଲା । ବୈଠକପରେ ଯେଉଁ ସଂନ୍ଦେହ ସୃଷ୍ଟି ହୋଇଥିଲା ଏବେ ଟିକେଟ ଦାବିଦାର ଥିବା ତିନି ନେତାଙ୍କୁ ବାଦଦେଇ ବଡଚଣାରେ ବର୍ଷାଙ୍କୁ ଅପ୍ରତ୍ୟାଶିତ ଭାବେ ବିଜେଡି ନିଜର ପ୍ରାର୍ଥୀ ଘୋଷଣା କରିବା ପରେ ସେହି ସନ୍ଦେହ ସତରେ ପରିଣତ ହୋଇଥିବା ସ୍ପଷ୍ଟ ହୋଇଛି । ବର୍ଷାଙ୍କ ଟିକେଟ ଘୋଷଣା ପରେ ଏହି ତିନି ନେତାଙ୍କ ପ୍ରତିକ୍ରିୟା ଜାଣିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେମାନେ କେହି ମୁହଁ ଖୋଲି ନାହାଁନ୍ତି । ଅନ୍ୟପକ୍ଷରେ ଏଠାରେ ଯାହାକୁ ପ୍ରାର୍ଥୀ କରାଯିବ ତାଙ୍କୁ ସମସ୍ତେ ସମର୍ଥନ ଦେଇ ବିଜୟୀ କରାଇବାକୁ ତିନିଦିନ ତଳେ ଦଳର ହାଇକମାଣ୍ଡଙ୍କୁ ନିର୍ଭର ପ୍ରତିସୃତି ଦେଇଥିବା ଏଠାର ତିନିଗୋଷ୍ଠୀର ଛାମୁଆ ସମର୍ଥକ ଓ ଦଳୀୟ କର୍ମକର୍ତ୍ତା ମାନେ ଏବେ ଅକଳରେ ପଡିଥିବା ଦେଖାଯାଇଛି । ବର୍ଷାଙ୍କୁ ଏଠାରେ ବିଜେଡି ପ୍ରାର୍ଥୀ ଘୋଷଣା କରିବା ପରେ ବଡଚଣାବାସୀଙ୍କ ପକ୍ଷରୁ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

ଦେବଗଡରେ ବିଜେଡି କର୍ମୀ ସମ୍ମିଳନୀ
ଘରେ ଘରେ ପହଞ୍ଚୁ ରାଜ୍ୟ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟର ବାର୍ତ୍ତା : ପ୍ରଣବ

ଭୁବନେଶ୍ୱର (ସବ୍ୟୁ): ଶନିବାର ପୂର୍ବାହ୍ନରେ ଦେବଗଡ ଜିଲ୍ଲା ବିଜେଡି କାର୍ଯ୍ୟାଳୟ ନିକଟରେ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଜେଡିର ସମ୍ବଲପୁର ଲୋକସଭା ପ୍ରାର୍ଥୀ ତଥା ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ କର୍ମକର୍ତ୍ତା ମାନଙ୍କ ଉତ୍ସାହ ବୃଦ୍ଧି କରିଥିଲେ । ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ବାର୍ତ୍ତା ପ୍ରତ୍ୟେକ ପରିବାରରେ ପହଞ୍ଚାଇବାକୁ କର୍ମୀମାନଙ୍କୁ ପ୍ରଣବ ପ୍ରକାଶ ଆହ୍ୱାନ କରିଥିଲେ । ସେହିଭଳି ଦେବଗଡରେ ଦଳୀୟ ସଂଗଠନକୁ ସୁଦୃଢ କରି ବିଜେଡିକୁ ଏକ ବଡ ବିଜୟ ଦିଗରେ ନିଆଯିବ । ସେନେଇ ଉପସ୍ଥିତ ହଜାର ହଜାର ଦଳୀୟ କର୍ମୀ ସଂକଳ୍ପ କରିଥିଲେ । ରାଜ୍ୟ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟକୁ ବିରୋଧ କରୁଥିବା ଦେବଗଡ ବିଧାୟକ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଥାଇ ସମ୍ବଲପୁର ସଂସଦୀୟ କ୍ଷେତ୍ରରେ କେନ୍ଦ୍ରୀୟ ବିଦ୍ୟାଳୟଟିଏ ମଧ୍ୟ କରିପାରିନଥିବା ଧର୍ମେନ୍ଦ୍ର ପ୍ରଧାନଙ୍କ ମିଥ୍ୟା ପ୍ରତିଶ୍ରୁତିକୁ ଜନସାଧାରଣ ଉଚିତ ଜବାବ ଦେବେ ବୋଲି ସଭାରେ ମତପ୍ରକାଶ ପାଇଥିଲା । ଏହି କର୍ମୀ ସମ୍ମିଳନୀରେ ଦେବଗଡ ବିଜେଡି ବିଧାୟିକା ପ୍ରାର୍ଥୀ ଅରୁନ୍ଧତୀ ଦେବୀ, ବିଜେଡି ଜିଲ୍ଲା ପର୍ଯ୍ୟବେକ୍ଷକ ଗୌତମ ବୁଦ୍ଧ ଦାସ, କେନ୍ଦୁପତ୍ର ତୋଳାଳୀ ସଂଘ ରାଜ୍ୟ ସମ୍ପାଦକ ସଞ୍ଜିତ କୁମାର ମହାନ୍ତି, ଦେବଗଡ ପୌରପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ଉମା ଶଙ୍କର ସାହୁ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିବାବେଳେ ବହୁ ସଂଖ୍ୟାରେ କର୍ମୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

କଟକ ଚା ଖଟିରେ ସଂତୃପ୍ତ ମିଶ୍ର ଏବଂ ପ୍ରକାଶ

କଟକ (ସବ୍ୟୁ)କଟକରେ ଭାଇଚାରାର ରହିଛି ଏକ ନିଦର୍ଶନ । ଖଟି ଶବ୍ଦ ବେଶୀ ପ୍ରଚଳିତ କଟିକିଆଙ୍କ ପାଖରେ । ସକାଳୁ ଉଠି ଦାନ୍ତ ଘସି ଟିକେ ଚା ଖଟି ଆଡ଼େ ବୁଲି ନ ଆସିଲେ ଯେମିତି ମନ ବୁଝେନା । ଖଟିରେ ଚା ପିଉ ପିଉ ଆରମ୍ଭ ହୋଇଯାଏ ବିଭିନ୍ନ

ପ୍ରକାର ଗୁଲି ଖଟି ଗପ । ଯେତେବେଳେ ଯେଉଁ ଘଟଣା ଘଟିଲା ତାକୁ ନେଇ ଚାଲେ ଚର୍ଚ୍ଚା । ଆଲୋଚନା, ପର୍ଯ୍ୟାଲୋଚନା କୁ ନେଇ ଖଟିର ଆସର ବେଶ୍ ଜମେ । ସହଜେ ନିର୍ବାଚନ ଚାଲିଥିବାରୁ ସକାଳୁ ସକାଳୁ ପହଞ୍ଚି ଯାଉଛନ୍ତି ଖଟିରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ । ଏହି ଖଟିରେ ପହଞ୍ଚିଲା ପରେ ସେମାନଙ୍କୁ ଚିହ୍ନା ପରିଚୟର ମିଳୁ ଯାଉଛି ସୁବିଧା ବାଟ । ଏହି ପରିପ୍ରେକ୍ଷୀରେ ଆଜି ବିଜୁ ଜନତା ଦଳର ବାରବାଟୀ କଟକ ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା ଓ ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର ସକାଳୁ ସକାଳୁ ପନ୍ଦର ନମ୍ବର ୱାର୍ଡ ର ମଣିସାହୁ ଛକ ସ୍ଥିତ କ୍ଲବ ଆଣ୍ଡ କ୍ଲବ ରେ ପହଞ୍ଚି ଯାଇଥିଲେ । ତାଙ୍କ ସହ ରାଜ୍ୟସଭା ଏମପି ଦେବାଶିଷ ସାମନ୍ତରାୟ, ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ, ବିଜେଡି ନଗର ସଭାପତି ମଧୁସୂଦନ ସାହୁ, କ୍ଲବ ଆଣ୍ଡ କ୍ଲବ ର ସେକ୍ରେଟାରୀ ରାଜ କିଶୋର ପରିଡା ପ୍ରମୁଖ ମଧ୍ୟ ପଂହଁଚି ଯାଇଥିଲେ । ଏହାପରେ ସ୍ଥାନୀୟ ଅଂଚଳ ର ଅନେକ ମୁରବୀ ସ୍ଥାନୀୟ ବ୍ୟକ୍ତି, ଯୁବକ ମାନେ ଏଥିରେ ସାମିଲ ହୋଇଥିଲେ । ଜମିଥିଲା ଚା ଖଟିର ଆସର । ୱାର୍ଡ ସମସ୍ୟା ସମ୍ପର୍କରେ ସ୍ଥାନୀୟ ଅଂଚଳ ବାସୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ ଦୁଇ ପ୍ରାର୍ଥୀ । ଜିତନ୍ତୁ କି ନ ଜିତନ୍ତୁ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଖରାର ତାପମାତ୍ରାକୁ ଦେଖି କ୍ଲବ୍ ପକ୍ଷ ରୁ ପ୍ରସ୍ତୁତ ହୋଇଥିବା ଦହି ପାଣି କୁ ଦୁଇ ପ୍ରାର୍ଥୀ ଉପସ୍ଥିତ ରହି ବଣ୍ଟନ କରିଥିଲେ ।

ଟାଙ୍ଗିଆପଡା ରେ 'ଆଖି ଲୁହକୁ ମୁଁ କରିଛି ସାଥି' ନାଟକ ମଞ୍ଚସ୍ଥ

ଖୋର୍ଦ୍ଧା (ସବ୍ୟୁ): ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଂଚାୟତ ଟାଙ୍ଗିଆପଡା ଗ୍ରାମରେ ଗ୍ରାମବାସିଙ୍କ ସହଯୋଗ ରେ ମାଖଣ୍ଡେଶ୍ୱରୀ ନାଟ୍ୟ ସଂସଦ ଆନୁକୂଲ୍ୟରେ ସାମାଜିକ ନାଟକ'ଆଖି ଲୁହକୁ ମୁଁ କରିଛି ସାଥି'ମଂଚସ୍ଥ ହୋଇଯାଇଛି । ମୁଖ୍ୟ ପରିଚାଳକ ବିଶ୍ୱନାଥ ନନ୍ଦ, ଉପଦେଷ୍ଟା ବାଦଲ ମଙ୍ଗରାଜ ଓ ନାଟକ ର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସାହୁ(ବସୁ ସାର)ଙ୍କ ଆପ୍ରାଣ ଉଦ୍ୟମ ରେ ଏହି ନାଟକ ଟି ସମ୍ପୂର୍ଣ୍ଣ ପାରିବାରିକ ଥିଲା। ସଂସାର ଭିତରେ ଘର କରିଥିଲେ ନିଜ ଦୁଃଖ କୁ ନିଜେ କିଭଳି ଚାପି କରି ଆଖି ଲୁହକୁ ସାଥି କରି ରହିବାକୁ ହୁଏ ତାହା ଉପରେ ବର୍ଣ୍ଣିତ ହୋଇଥିଲା।ଗ୍ରାମର ଉତ୍ସାହି ଯୁବକଙ୍କ ଦ୍ୱାରା ଏହି ନାଟକ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପେ ଖୋର୍ଦ୍ଧା ବିଜୁ ଜନତା ଦଳ ସଭାପତି ତଥା ଜଟଣୀ ବିଧାୟକ ପ୍ରାର୍ଥି ବିଭୂତି ଭୂଷଣ ବଳବନ୍ତରାୟ ଯୋଗଦେଇ ଏହାକୁ ଉଦଘାଟନ କରିବା ସହିତ ଏହି ନାଟକ ଦ୍ୱାରା ଗ୍ରାମରେ ଏକତା ଓ ଭାଇଚାରା ଭାବ ସୃଷ୍ଟି ହୁଏ ବୋଲି ମତ ଦେବା ସହ ଏହି ପରମ୍ପରା ବଂଚାଇ ରଖିଥିବା ଟାଙ୍ଗିଆପଡା ଗ୍ରାମବାସୀ ଓ ଉତ୍ସାହି ଯୁବକଙ୍କୁ ବହୁତ ବହୁତ ଧନ୍ୟବାଦ ଦେଇଥିଲେ । ସମ୍ମାନୀତ ଅତିଥିରୂପେ ସମାଜସେବୀ ତଥା ସାମ୍ବାଦିକ ଗୋପାଳକୃଷ୍ଣ ପ୍ରଧାନ, ଶିକ୍ଷାବିତ ଧୀରେନ୍ଦ୍ର ନନ୍ଦ ପ୍ରମୁଖ ଯୋଗ ଦେଇଥିଲାବେଳେ ଏହି ନାଟକ ରେ ବରିଷ୍ଠ କଳାକାର ଉମାକାନ୍ତ ପଟ୍ଟନାୟକ, ବାଉରିବନ୍ଧୁ ସାମନ୍ତରାୟ, ଶ୍ରୀକାନ୍ତ, ପବିତ୍ର ସାହୁ, ଆଶିଷ ସାହୁ, ବିଭୁ ଛୋଟରାୟ, ଜୀବନଜ୍ୟୋତି ସାମନ୍ତରାୟ, ଇତୁଲ ଶତପଥୀ, ଲିଙ୍କନ, ଚନ୍ଦନ, ସନାତନ ରଣା, ପ୍ରଫୁଲ ରଣା, ମହିଳା କଳାକାର ହେଲେ ଲିଜା, ମାମା, ସୀତା, କୁନି ଓ ଅନ୍ୟମାନେ ନିଜର କଳା ପ୍ରଦର୍ଶନ କରିଥିଲେ । ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲା ବେଳେ ଏହାକୁ ଦେଖିବାକୁ ଆଖପାଖ ବିଭିନ୍ନ ଗ୍ରାମରୁ ୨ହଜାର ରୁ ଉଦ୍ଧର୍ବ ନାଟକ ପ୍ରେମୀ ଉପସ୍ଥିତ ଥିଲେ ।

ବୌଦ୍ଧର ପଲସାଗୋରା ଓ ବୁଟୁପାଲିରେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରଚାର
ବିଶାଳ ଜନସମାବେଶ ଓଡ଼ିଶାରେ ପରିବର୍ତ୍ତନର ବଡ଼ ସଙ୍କେତ ଦେଉଛି : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): କଣ୍ଟାମାଳରେ ଜନସମାବେଶ ରାଜ୍ୟରେ ପରିବର୍ତ୍ତନର ବଡ଼ ସଙ୍କେତ ଦେଉଛି । ବିଶେଷ ଭାବରେ ଜନସାଧାରଣଙ୍କ ମଧ୍ୟରେ ଯେଉଁ ଉତ୍ସାହ, ଉଦ୍ଦୀପନା ଓ ପରିବର୍ତ୍ତନର ବାତାବରଣ ଦେଖାଯାଇଛି, ତାହା ଆମ ଦଳର ସଂକଳ୍ପକୁ ଅଧିକ ମଜଭୁ କରୁଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ବୌଦ୍ଧର ପଲସାଗୋରା ଓ ବୁଟୁପାଲିରେ ବୌଦ୍ଧ ସାଂସଦ ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀ ଓ କଣ୍ଟାମାଳ ବିଧାୟକ ପ୍ରାର୍ଥୀ କହ୍ନେଇ ଡାଙ୍ଗଙ୍କ ପାଇଁ ପ୍ରଚାର କରିଛନ୍ତି କେନ୍ଦ୍ରମନ୍ତ୍ରୀ । ଏହାସହ ବୌଦ୍ଧ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ବୈଠକରେ ଯୋଗଦେବା ଅବସରରେ ସେ କହିଛନ୍ତି ମା' ମାହେଶ୍ୱରୀଙ୍କ ମାଟିରୁ ପରିବର୍ତ୍ତନର ପଦଧ୍ୱନି ଆରମ୍ଭ ହୋଇଛି ।

ଏଠାରେ ଲମ୍ବା ୨୫ ବର୍ଷର ଦୀର୍ଘ ଶାସନ ପରେ ବି ଲୋକଙ୍କୁ ଶୁଦ୍ଧ ପାଣି ମୁନ୍ଦିଏ ମିଳୁନାହିଁ । ଯୁବକଙ୍କୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବା ପାଇଁ ପଡୁଛି । ରାଜ୍ୟର ଘର ଘରକୁ ପାଣି ଯୋଗାଇବା ପାଇଁ ପ୍ରଧାନମନ୍ତ୍ରୀ ୧୦ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଦେଇଥିଲେ ମଧ୍ୟ ରାଜ୍ୟ ସରକାର ପିଇବା ପାଣି ଓଡ଼ିଶାରେ ଅଧିକ ରହିଛି । ରାଜ୍ୟ ସରକାର ଓଡ଼ିଶାରେ ଏପରି ବିକାଶ କରିଛନ୍ତି ଯେ ରାଜ୍ୟରେ ୧୦୦ରୁ ଅଧିକ ଗାଁର ଲୋକେ ଭୋଟ ବର୍ଜନ ଧମକ ଦେଉଛନ୍ତି । ଏହି ସରକାର ସ୍ଥାଣୁ ସରକାର, ଠିକାଦାର ମାନଙ୍କ ସରକାର ଛ ବାହାର ରାଜ୍ୟକୁ ଠିକା ବାଣ୍ଟିବା ଓ ଓଡ଼ିଆ ଲୋକଙ୍କୁ ହତାଶ କରିବାର ସରକାର । ଏହା ଏକ ନମ୍ବର ଟୋପାଏ ଦେଇପାରୁନାହାନ୍ତି । ମୋଦୀ ଦେଇଥିବା ଅର୍ଥରୁ ମାତ୍ର ୮୦୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ରାଜ୍ୟ ସରକାର । କୁପୋଷଣ ଜାତୀୟ ହାର ତୁଳନାରେ ରାଜ୍ୟରେ ଉଚ୍ଚ । ରାଜ୍ୟରେ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନ ପାଇଁ ଲଢେଇ ହେଉଛି । ଏଥର ପୂର୍ଣ୍ଣ ବହୁମତରେ ସରକାର ହେବ । ଓଡ଼ିଶାରେ ପରିବର୍ତ୍ତନର ସ୍ୱର ମୁଖର ହୋଇଛି ବୋଲି କହିଛନ୍ତି । ଆଜି ମିଶ୍ରଣ ପର୍ବରେ ମୋଦୀ ଗ୍ୟାରେଣ୍ଟି ଉପରେ ଆସ୍ଥାପ୍ରକଟ କରିବା ସହ ଓଡ଼ିଶାରେ ସରକାର ପରିବର୍ତ୍ତନର ସଂକଳ୍ପ ନେଇ ଦଳରେ ଯୋଗଦେଇଥିବା କାର୍ଯ୍ୟକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ ।

ସରକାରର ପ୍ରମାଣପତ୍ର କି ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ପ୍ରଧାନ ।

ଆଜି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶାରେ ବିକାଶର ଧାରା ତ୍ୱରାନ୍ୱିତ ହୋଇଛି । ମୋଦୀଙ୍କ ବିଶ୍ୱସନୀୟତା ଓଡ଼ିଶାରେ ସର୍ବାଧିକ ଅଛି । ଏଥିପାଇଁ ଲୋକମାନେ ପ୍ରଧାନମନ୍ତ୍ରୀଙ୍କ ସହ ସିଧାସଳଖ ଯୋଡିହେବା ପାଇଁ ଚାହୁଁଛନ୍ତି । ଏହି ଗସ୍ତକାଳରେ କେନ୍ଦ୍ରମନ୍ତ୍ରୀ ବୌଦ୍ଧ ସ୍ଥିତ ରାମେଶ୍ୱର ମନ୍ଦିର ଓ ଶ୍ରୀଜଗନ୍ନାଥ ମନ୍ଦିରରେ ଦର୍ଶନ କରିଥିଲେ । ସେ କହିଥିଲେ ଓଡ଼ିଆ ଅସ୍ମିତାକୁ ନେଇ ମୋ ମନରେ ସ୍ୱାଭିମାନ ଅଛି । ଓଡ଼ିଆ ଐତିହ୍ୟକୁ ନେଇ ମୋ ମନରେ ଗୌରବ ଅଛି । ଏହି ମନ୍ଦିର ଓଡ଼ିଆ ଜାତି, ପରମ୍ପରା ଓ ସଂସ୍କୃତିର ପବିତ୍ର ସ୍ଥଳ ବୋଲି କହିଥିଲେ ।

ବିଜେଡ଼ିରେ ଯୋଗଦେଲେ ଶତାଧିକ ବିଜେପି, କଂଗ୍ରେସ କର୍ମକର୍ତ୍ତା ଏବଂ ନିର୍ବାଚିତ ପ୍ରତିନିଧି

ଭୁବନେଶ୍ୱର (ସବ୍ୟୁ): ଗଜପତି ଜିଲ୍ଲା ଅନ୍ତର୍ଗତ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି ଓ କଂଗ୍ରେସ କର୍ମକର୍ତ୍ତା ଏବଂ ନିର୍ବାଚିତ ପ୍ରତିନିଧି ଆଜି ଶଙ୍ଖଭବନ ଠାରେ ରାଜ୍ୟ ସମ୍ପାଦକ ତଥା ପୂର୍ବତନ ଗଜପତି ଜିଲ୍ଲା ସଭାପତି ପ୍ରଦୀପ ନାୟକ ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ସମସ୍ତ ବିଜେପି ଓ କଂଗ୍ରେସ କର୍ମକର୍ତ୍ତା ଏବଂ ନିର୍ବାଚିତ ପ୍ରତିନିଧିଙ୍କୁ ଶ୍ରୀ ନାୟକ ଓ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ବିଜେପି ଓ କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷ କରି ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ନାୟକ ଓ ଡକ୍ଟର ପାତ୍ର କହିଥିଲେ। ଏହି ଅବସରରେ

ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପି ଓ କଂଗ୍ରେସ ନେତାମାନେ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛଶାସନ, ନିର୍ମଳଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଶନିବାର ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଲୁ । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୁଚାରୁରୂପେ ତୁଲାଇବୁ । ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ । ଏହି ମିଶ୍ରଣ ପର୍ବରେ ପୂର୍ବତନ ବିଜେପି କାଶୀନଗର ବ୍ଲକ ଅଧ୍ୟକ୍ଷ ଚନ୍ଦ୍ର ସାହୁକାର, ପୂର୍ବତନ କଂଗ୍ରେସ ଗୁମ୍ଫା ବ୍ଲକ ଉପାଧ୍ୟକ୍ଷ ବେରିନି କୋଗମାଙ୍ଗୋ, ପାରଳାଖେମ

ଧର୍ମେନ୍ଦ୍ର, ଜୟନାରାୟଣ ଉଲ୍ଲଂଘନ କରୁଛନ୍ତି ଆଚରଣବିଧି

ସିଇଓଙ୍କୁ ଭେଟି ଅଭିଯୋଗ କଲା ବିଜେଡି

ଭୁବନେଶ୍ୱର, (ସବୁ୍ୟ) : କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଧାୟକ ଜୟନାରାୟଣ ମିଶ୍ର ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରିଥିବା ଅଭିଯୋଗ କରିଛି ବିଜେଡି । ସରକାରୀ ଅନୁଷ୍ଠାନରେ ନିର୍ବାଚନୀ ସଭା କରିଥିବା ନେଇ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଫେରାଦ ହୋଇଛି ବିଜେଡି । ସମ୍ବଲପୁର ସାଂସଦ ପ୍ରାର୍ଥୀ ଶ୍ରୀ ପ୍ରଧାନ ଓ ସମ୍ବଲପୁର ବିଧାନସଭା ପ୍ରାର୍ଥୀ ଶ୍ରୀ ମିଶ୍ର ସରକାରୀ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଡାକିଥିଲେ । ସରକାରୀ କାର୍ଯ୍ୟାଳୟରେ ନିର୍ବାଚନୀ ବୈଠକ ବସିବା ଆଚରଣବିଧି ଉଲ୍ଲଂଘନ ହୋଇଛି । ମୁଖ୍ୟ ନିର୍ବାଚନ କମିଶନରଙ୍କ ନାଁ ନେଇ ଅଫିସରମାନଙ୍କୁ ଧମକାଉଛନ୍ତି ବିଜେପି ନେତା । ଏହାସହିତ ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ମିଶନଶକ୍ତି ମହିଳାମାନଙ୍କୁ ଅପମାନ କରୁଛନ୍ତି ବିଜେପି ନେତା । ତେଣୁ ବିଜେପି ନେତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସିଇଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ବିଜେଡି ପ୍ରତିନିଧିଦଳ ।

ଅବକାରୀ ଚଢ଼ାଉ: ଅଭିଯୁକ୍ତ ଗିରଫ

ସୋର,(ସବୁ୍ୟ) :ସୋର ଅବକାରୀ ବିଭାଗ ତରଫରୁ ଶିଙ୍ଗାଖୁଣ୍ଟା ପଞ୍ଚାୟତ ହାତୀଖୋଲିଆ ଜଙ୍ଗଲରେ ଚଢ଼ାଉ କରି ବିପୁଳ ଗୁଡ଼ପୋଚ ନଷ୍ଟ କରି ଦେଶୀମଦ ଏବଂ ସ୍କୁଟର ଜବତ କରିବା ସହିତ ଅଭିଯୁକ୍ତକୁ ଗିରଫ କରି ଶନିବାର ଅପରାହ୍ନରେ କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଜଙ୍ଗଲରେ ବେଆଇନ ଭାବେ ଗଢି ଉଠିଥିବା ମଦରନ୍ଧା କାରଖାନାରେ ଚଢ଼ାଉ କରି ୨୫୦୦ ଲିଟର ଗୁଡ଼ପୋଚ ନଷ୍ଟ କରିବା ସହିତ ୩ ଶହ ଲିଟର ଦେଶୀମଦ ଏବଂ ଏକ ସ୍କୁଟରକୁ ଜବତ କରିଥିଲେ।ଏହି ବ୍ୟବସାୟରେ ସମ୍ପୃକ୍ତ ରଘୁ ସିଂକୁ ଗିରଫ କରିଥିଲେ। ଅପରାହ୍ନରେ ସୋର ଡାକ୍ତରଖାନାରେ ତାର ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ମିନତୀ ଜେନା, କନେଷ୍ଟବଳ ଶଶୀକାନ୍ତ ସାହୁ, ରଜନୀକାନ୍ତ ସାହୁ ଏବଂ କାଜଲ ପ୍ରିୟଦର୍ଶିନୀ ସାମିଲ ହୋଇଥିଲେ।

କୁଚିଣ୍ଡା ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ

ନେତାଙ୍କୁ ଜନତା ଦରକାର, ଜନତାଙ୍କୁ ନେତା ନୁହେଁ : ପ୍ରଣବ

ଭୁବନେଶ୍ୱର (ସବୁ୍ୟ): ସମ୍ବଲପୁର ଲୋକସଭା କ୍ଷେତ୍ର ଅର୍ନ୍ତଗତ କୁଚିଣ୍ଡା ବିଧାନସଭା ମଣ୍ଡଳୀ ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ ସ୍ଥାନୀୟ ସିନେମା ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସମ୍ବଲପୁର ଲୋକସଭା ପ୍ରାର୍ଥୀ ତଥା ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ କର୍ମକର୍ତ୍ତା ମାନଙ୍କ ଉତ୍ସାହ ବୃଦ୍ଧି କରିଥିଲେ । ପ୍ରଣବ ପ୍ରକାଶ ଦାସଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରିଥିବାରୁ କୁଚିଣ୍ଡାବାସୀଙ୍କୁ କୃତଜ୍ଞତା ଜଣାଇଥିଲେ । ବିଜୁ ଜନତା ଦଳ ଲୋକଙ୍କ ଦଳ । ନେତାଙ୍କୁ ଜନତା ଦରକାର, ଜନତା ଙ୍କୁ ନେତା ନୁହେଁ । ତେଣୁକରି ଆମେ ସମସ୍ତେ ସମାନ ବୋଲି କହି ପ୍ରଣବ ପ୍ରକାଶ କର୍ମୀ ମାନଙ୍କୁ ଉତ୍ସାହିତ କରିଥିଲେ । ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ପାଇଁ ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆଙ୍କୁ ପ୍ରାର୍ଥୀ କରିଛନ୍ତି । ଏଣୁ ସମସ୍ତ ମତଭେଦ ଦୂର କରି ସମସ୍ତେ ଏକ ହୋଇ ଦଳ ପାଇଁ କାମ କରିବା ସହିତ ଶଙ୍ଖ ଚିହ୍ନରେ ବିପୁଳ ମାତ୍ରାରେ ଭୋଟଦେଇ ବିଜୟୀ କରାଇବା ବୋଲି କହିଥିଲେ । ସମ୍ବଲପୁର ଜିଲ୍ଲାରେ ଯେପରି ଶଙ୍ଖ ଚିହ୍ନରେ ଅଧିକରୁ ଅଧିକ ଭୋଟ ହୋଇପାରିବ ସେଥିପାଇଁ ସମସ୍ତଙ୍କୁ କାମ କରିବାକୁ ପଡିବ ବୋଲି ଆହ୍ୱାନ କରିଥିଲେ । ସଭା କାର୍ଯ୍ୟକ୍ରମରେ ବିଜେଡି ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆ, ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ଏନଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ସଞ୍ଜିତ ମହାନ୍ତି, ପୂର୍ବତନ ନଗର ସଭାପତି ଗଣେଶ ରାମ ଅଗ୍ରୱାଲ, ଭୀମରାଜ ପ୍ରସାଦ, ଗଗନ ଶର୍ମା, ସଞ୍ଜୟ ବେହେରା, ଲକ୍ଷ୍ମଣ ସା, ଗଣେଶ ଅଗ୍ରୱାଲ, ମିଳନ ଖୁଣ୍ଟିଆ, ତନୟା ଧୁରୁଆ, ଜିଲ୍ଲା ପରିଷଦ ସଭ୍ୟ ଜମନକିରା ସୁଜତା ଖୁଣ୍ଟିଆ, ଅଜିତ ମହାପାତ୍ର, ଭୁବନେଶ୍ୱର କିଷାନ, ମୁନୁ ମିଶ୍ର, ଅଶୋକ ପରିଡାଙ୍କ ସହିତ ବାମରା, କୁଚିଣ୍ଡା ଓ ଜମନକିରା ଅଞ୍ଚଳର ନେତୃବୃନ୍ଦ ଓ ଶତାଧିକ କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

୨ ବାଇକ ଲୁଟେରା ଗିରଫ : ୩ ବାଇକ ଜବତ

ଖୋର୍ଦ୍ଧା (ସବୁ୍ୟ): ଗତ ୭ଦିନ ତଳେ ମେଡିକାଲ ନିକଟରୁ ଚୋରି ହୋଇଥିବା ବାଇକ ସମେତ ପୁଲିସ ୩ଟି ବାଇକ ଜବତ କରିଥିବାବେଳେ ୨ଜଣ ବାଇକ ଲୁଟେରାଙ୍କୁ ଗିରଫ କରିଛି। ଏପ୍ରିଲ ୧୪ତାରିଖ ଦିନ ଖୋର୍ଦ୍ଧା ମେଡିକାଲ ନିକଟସ୍ଥ ଏକ ଘରୋଇ ମେଡିକାଲ ଠାରୁ ଓଡ଼ି.୦୨.ଡବ୍ଲୁ -୭୫୧୮ ଟି କେହି ଅଜଣା ବ୍ୟକ୍ତି ଚୋରି କରି ନେଇଥିବା ଗୁରୁଜଙ୍ଗ କୋଚିଲାକଣ ସାହି ର ଅମିତ କୁମାର ବିଶ୍ୱାଳ ଏନେଇ ଖୋର୍ଦ୍ଧା ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ । ଏସ୍‌ପି ଅଭିନାଶ କୁମାରଙ୍କ ନିର୍ଦ୍ଦେଶ କ୍ରମେ ବାଇକ ଗ୍ୟାଙ୍ଗ ଧରପଗଡ଼ ଟିମ ଗଠନ କରାଯାଇଥିଲା । ଏଥିରେ ଏସ୍ଟିପିଓ ଦିଲ୍ଲୀପ କୁମାର ଦାସ ତତ୍ତ୍ୱାବଧାନରେ ଖୋର୍ଦ୍ଧା ଆଦର୍ଶ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକଙ୍କ ନେତୃତ୍ୱରେ ଜିଲ୍ଲା ଓ ପାଖ ଜିଲ୍ଲା ସୀମା ଉପରେ ନଜର କରି ଦୁଇ ଜଣଙ୍କୁ ଧରିଥିଲେ।ସେମାନଙ୍କୁ ବିଭିନ୍ନ ଉପାୟରେ ପଚାରିବା ପରେ ସେମାନଙ୍କ ଠାରୁ ୩ଟି ବାଇକ ର ଅନୁସନ୍ଧାନ ମିଳିଥିଲା । ଉକ୍ତ ଅଭିଯୁକ୍ତ ହେଲେ ନୟାଗଡ଼ ଜିଲ୍ଲା ଖଣ୍ଡପଡା ଥାନା ଯୋଗିଆପଲି ଗ୍ରାମର ମୁରଲୀ ପରିଡା ଓରଫ ଶଙ୍କ (୨୨) ଓ ଖୋର୍ଦ୍ଧା ଆଦର୍ଶ ଥାନା କାମନାବର ସାହିର କୁନା ନାୟକ(୨୪)। ଗିରଫ ଅଭିଯୁକ୍ତ ଦ୍ୱୟଙ୍କ ନାମରେ ପୂର୍ବରୁ ଉଭୟ ଥାନା ରେ ଅନେକ କେଶ ରହିଥିବାବେଳେ ତାଙ୍କ ଠାରୁ ଜବତ ଗାଡି ଗୁଡିକ ହେଲା ଏଚଏଫ ଡିଲକ୍ସ (ଓଡି-୦୨-ଡବ୍ଲୁ -୭୫୧୮), ହିରୋ ସ୍ପ୍ଲେଣ୍ଡର (ଓଡି-୦୫-ଏଜି-୯୩୭୪ ଓ ଓଡ଼ି-୦୨-ଏମ-୮୪୦୨)। ଉକ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଏହି ଚଢ଼ାଉ ରେ ଏସଆଇ ସ୍ୱାଗତିକା ଦାସ, ଏସ ପାଣିଗ୍ରାହୀ, ଏଏସଆଇ ଏସକେ ସାହୁ, କନଷ୍ଟେବଳ ଏଏମ ଖାଁ, ନାରାୟଣ ନାୟକ ଓ ଅନ୍ୟ ଷ୍ଟାଫ ସହଯୋଗ କରିଥିଲେ ।

ବିଜେଡ଼ିରେ ପୂର୍ବତନ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ସନ୍ନ୍ୟାସୀ ପ୍ରଧାନ

ଭୁବନେଶ୍ୱର (ସବୁ୍ୟ): ନୟାଗଡ଼ ଜିଲ୍ଲା ରଣପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ସନ୍ନ୍ୟାସୀ ପ୍ରଧାନଙ୍କ ସମେତ ଶତାଧିକ ବିଜେପି କର୍ମୀ ଶନିବାର ଶଙ୍ଖଭବନ ଠାରେ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ସନ୍ନ୍ୟାସୀ ପ୍ରଧାନଙ୍କ ସହ ସମସ୍ତ ବିଜେପିକର୍ମୀଙ୍କୁ ଶ୍ରୀ ସାହୁ, ଶ୍ରୀ ପ୍ରଧାନ ଓ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଆଜି ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ବିଶେଷ କରି ରଣପୁର ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଶ୍ରୀ ସାହୁ, ଶ୍ରୀ ପ୍ରଧାନ ଓ ଡକ୍ଟର ପାତ୍ର କହିଥିଲେ। ଏହି ମିଶ୍ରଣ ପର୍ବରେ ନୟାଗଡ଼ ଜିଲ୍ଲାପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ, ଜୋନ ୪ର ଜିଲ୍ଲା ପରିଷଦ ସଦସ୍ୟ ସଂଯୁକ୍ତା ପାଢ଼ୀ, ଜୋନ ୩ର ଜିଲ୍ଲାପରିଷଦ ସଦସ୍ୟ ଚିନ୍ମୟ ଦାଶ, ରଣପୁର ଆତ୍ମାସଂଘର ଅଧ୍ୟକ୍ଷା ନର୍ମଦା ରାୟ, ଜୋନ ୨୧ର ଜିଲ୍ଲାପରିଷଦ ସଦସ୍ୟ କିଶୋର ପଟ୍ଟନାୟକ, ବିଜେପି ମହିଳା ନେତ୍ରୀ ସ୍ମୀତା ସିଂହ, ସମିତି ସଭ୍ୟ ଭାଗବତ ସେଠୀ, ରଣପୁର ନିର୍ବାଚନ ମଣ୍ଡଳୀର ବିଜେପି କୃଷକ ମୋର୍ଚ୍ଚା ସଭାପତି ଜନାର୍ଦ୍ଦନ ଦଳବେହେରା, ସ୍ୱାଧୀନତା ସଂଗ୍ରାମୀ ପରିବାର ସଦସ୍ୟ ତ୍ରିନାଥ ବିଶ୍ୱାଳଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

ସମ୍ବଲପୁରରେ ଅଗ୍ନିବୀର ପ୍ରଶିକ୍ଷାର୍ଥୀଙ୍କୁ ପରାମର୍ଶ ଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ଶାରୀରିକ କିମ୍ବା ମାନସିକ ଇଚ୍ଛାଶକ୍ତି ନୁହେଁ, ଉଦ୍ଦେଶ୍ୟ ସବୁଠୁ ବଡ଼ ହେବା ଦରକାର

ଭୁବନେଶ୍ୱର (ସବୁ୍ୟ): ଅଗ୍ନିବୀରଙ୍କ ବୀରତ୍ୱ ଓ ମାନସିକ ଦୃଢତା ଦେଶର ଭବିଷ୍ୟତ ସହ ଯୋଡିହୋଇଛି । ବୀରତ୍ୱର ଅର୍ଥ କେବଳ ଶାରିରୀକ କିମ୍ବା ମାନସିକ ଇଚ୍ଛାଶକ୍ତି ନୁହେଁ । ଉଦ୍ଦେଶ୍ୟ ସବୁଠୁ ବଡ ହେବା ଦରକାର ବୋଲି ସମ୍ବଲପୁରରେ ବୀର ସୁରେନ୍ଦ୍ର ସାଏ ଡିଫେନ୍ସ ଟ୍ରେନିଂ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ଅଗ୍ନିବୀର ମାନଙ୍କୁ ଭେଟିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ବୀରତ୍ୱର ଜ୍ୱଳନ୍ତ ପ୍ରତୀକ ଥିଲେ ଛ ବୀର ସୁରେନ୍ଦ୍ର ସାଏଙ୍କ ପାଖରେ ପ୍ରଚଣ୍ଡ ରାଷ୍ଟ୍ରପ୍ରେମ ସହ ଏକ ବଡ଼ ଉଦ୍ଦେଶ୍ୟ ଥିଲା । ଦେଶରୁ ବ୍ରିଟିଶ ଶକ୍ତିଙ୍କୁ ହଟାଇବା ଥିଲା ସୁରେନ୍ଦ୍ର ସାଏଙ୍କ ମୁଖ୍ୟ ଉଦ୍ଦେଶ୍ୟ । ସେ ଇଂରେଜମାନଙ୍କ ସହ ବୁଝାମଣା ନ କରି ସଂଗ୍ରାମ କରିଥିଲେ ଏବଂ ଶହୀଦ ହୋଇଥିଲେ । ସେ ସ୍ୱୟଂ ପାଇଁ ନୁହେଁ ସମୂହ ପାଇଁ ନିଜ ଜୀବନ ତ୍ୟାଗ କରିଥିଲେ । ସେହିପରି ଭାବରେ ତାଙ୍କ ବୀରତ୍ୱ ଓ ବିଚାରରେ ଅନୁପ୍ରାଣିତ ହୋଇ ଅଗ୍ନିବୀରର ଯୁବଶକ୍ତିମାନେ ଆଗାମୀ ଦିନରେ ଦେଶର ସୈନିକ ଶକ୍ତିକୁ ସୁଦୃଢ କରିବା ସହ ବିକଶିତ ଭାରତର ନେତୃତ୍ୱ ନେବେ । ସେହିପରି ଏଠାରେ ପ୍ରଶିକ୍ଷଣ ନେଉଥିବା ଖେଳାଳି ମାନଙ୍କ ସହ ଆଲୋଚନା ବେଳେ କହିଛନ୍ତି, ସମ୍ବଲପୁର ହେଉଛି ଫୁଟବଲ, କବାଡି ପରି ସ୍ପୋର୍ଟସର ଏନ୍ତୁଡ଼ିଶାଳ । ୨୦୩୬ରେ ହେବାକୁ ଥିବା ଅଲମ୍ପିକ୍ସରେ ଯେପରି ସମ୍ବଲପୁର ପଦକ ଆଣିବ, ସେ ନେଇ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିବା । ଭାରତୀୟ ଦଳରେ ସାମିଲ ହୋଇ ସମ୍ବଲପୁରର ଖେଳାଳି ପଦକ ଆଣି ଜିଲ୍ଲା ଓ ଦେଶକୁ ଗୌରାବାନ୍ୱିତ କରିବେ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମ ପରେ ଶ୍ରୀ ପ୍ରଧାନ ସମ୍ବଲପୁରରେ ସ୍କୁଟିରେ ବୁଲିବା ସହ ସ୍ଥାନୀୟ ଜନସାଧାରଣ ଓ ବ୍ୟବସାୟୀଙ୍କୁ ଭେଟି ସେମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଗୋଲବଜାର ବୈଦ୍ୟନାଥ ଛକରେ ପ୍ରମୋଦ ବାରିକଙ୍କ ଦୋକାନରେ କାର୍ଯ୍ୟକର୍ତ୍ତାଙ୍କ ସହ ଚା' ପିଇଥିଲେ । ପ୍ରାୟ ୫୦ ବର୍ଷର ଏହି ପୁରୁଣା ଦୋକାନରେ ଅନେକ ବନ୍ଧୁ ମାନଙ୍କୁ ଭେଟି ଖୁସିବ୍ୟକ୍ତ କରିଥିଲେ କେନ୍ଦ୍ରମନ୍ତ୍ରୀ । ଏହି ଅବସରରେ ସାଧାରଣ ବ୍ୟକ୍ତିଙ୍କ ପରି କେନ୍ଦ୍ରମନ୍ତ୍ରୀ ବିଭିନ୍ନ ଦୋକାନରୁ ସାମଗ୍ରୀ କିଣାକିଣି କରିବା ସହ ଆତିଥେୟତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

ବାରବାଟୀ ପଡିଆରେ ୩୦ ହଜାରରୁ ଉର୍ଦ୍ଧ୍ୱ ସମୀର ସମର୍ଥକଙ୍କ ରଣହୁଙ୍କାର

ନିଷ୍ପତ୍ତି ପୁନଃବିଚାର ଲାଗି କଲେ ଦାବି

ନିମାପଡା(ସବୁ୍ୟ)ନିମାପଡା ଆସନରୁ ବିଜେଡିରୁ ଲଗାତାର ଜିତିଆସୁଥିବା ବିଧାୟକ ସମୀର ରଂଜନ ଦାଶଙ୍କୁ ବିଜେଡି ଟିକେଟ ନ ଦେଇ ନିକଟରେ ବିଜେପି ଛାଡି ବିଜେଡିରେ ମିଶିଥିବା ଦିଲ୍ଲୀପ ନାୟକଙ୍କୁ ଟିକେଟ ମିଳିବା ପରେ ଆରମ୍ଭ ହୋଇଛି ବିବାଦ । ଶନିବାର ଅପରାହ୍ନରେ ନିମାପଡା ବାରବାଟୀ ପଡିଆରେ ପ୍ରାୟ ୩୦ ହଜାରରୁ ଉର୍ଦ୍ଧ୍ୱ ସମୀର ସମର୍ଥକ ଦେଇଛନ୍ତି ରଣହୁଙ୍କାର । ସମୀରଙ୍କ ଟିକେଟ ନାହିଁ ତ ନିମାପଡାରେ ଶଙ୍ଖ ନାହିଁ ବୋଲି ସମର୍ଥକ ମାନେ ରାଜ୍ୟ ନେତୃତ୍ୱଙ୍କୁ ଖୋଲାଖୋଲି ଚେତାବନୀ ଶୁଣାଇଥିବା ବେଳେ ମୋର ବିଜେଡି ଦଳର ସୁପ୍ରିମ ନବୀନ ପଟ୍ଟନାୟକଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଓ ଭରସା ରହିଛି ପୁନଃ ବିଚାର କରି ମୋତେ ଟିକେଟ ଦେବେ ବୋଲି ସମୀର ନିବେଦନ କରିଛନ୍ତି । ଗତ ଦୁଇ ଦିନ ତଳେ ଏକ କଲ୍ୟାଣ ମଣ୍ଡପରେ ହଜାରରୁ ଉର୍ଦ୍ଧ୍ୱ ସମୀରଙ୍କ ସମର୍ଥକ ଏକାଠି ହୋଇ ଦଳର ସୁପ୍ରିମ ନବୀନ ପଟ୍ଟନାୟକ ସମୀରଙ୍କୁ ଟିକେଟ ଦିଅନ୍ତୁ ବୋଲି ସେମାନେ ନିବେଦନ କରିଥିଲେ । ତେବେ ବିଜେଡିର ରାଜ୍ୟ ନେତୃତ୍ୱ କିଛି ପରିବର୍ତ୍ତନ କରିନଥିଲେ । ସମୀର ନିମାପଡା ବାରବାଟୀ ପଡିଆରେ ହଜାର ହଜାର ସମର୍ଥକଙ୍କୁ ନେଇ ଶକ୍ତି ପ୍ରଦର୍ଶନ କରିବାକୁ ଡାକରା ଦେଇଥିଲେ । ଆଜି ଅପରାହ୍ନରେ ନିମାପଡା ନିର୍ବାଚନ ମଣ୍ଡଳୀର ନିମାପଡା ବ୍ଲକର ୩୨ଟି ପଂଚାୟତ ଓ ଗୋପ ବ୍ଲକର ୧୪ଟି ପଂଚାୟତ ଏବଂ ନିମାପଡା ଏନ୍‌ଏସିର ୧୧ଟି ୱାର୍ଡରୁ ପ୍ରାୟ ୩୦ ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ସମର୍ଥକ, ସରପଂଚ, ସମିତିସଭ୍ୟ, ଜିଲ୍ଲାପରିଷଦ ସଭ୍ୟ,କାଉନସିଲର, ବିଜେଡି ବ୍ଲକ,ଏନ୍‌ଏସି ସଭାପତି, ସଂପାଦକ, ନିମାପଡା ଓ ଗୋପ ପଂଚାୟତ ସମିତିର ଅଧ୍ୟକ୍ଷ,ପଂଚାୟତ ସଭାପତି, ଯୁବ ସଭାପତି, ମହିଳା ସଭାନେତ୍ରୀ. ସୋସାଇଟ ସଭାପତି ପ୍ରମୁଖ କାର୍ଯ୍ୟକର୍ତ୍ତା ପ୍ରମୁଖ ସାମିଲ ହୋଇଥିଲେ । ନିମାପଡା ଦୋଳବେଦୀ ଛକ ପଟରୁ ୩୦ ହଜାରରୁ ଉର୍ଦ୍ଧ୍ୱ ସମୀର ସମର୍ଥକଙ୍କ ଏହି ବିଶାଳ ଶୋଭାଯାତ୍ରା ବଜାର ପରିକ୍ରମା କରି ନିମାପଡା ବାରବାଟୀ ପଡିଆ ସମାବେଶ ସ୍ଥଳରେ ପହଂଚିଥିଲା । ଏତେ ସଂଖ୍ୟକ ସମର୍ଥକଙ୍କ ଭଲପାଇବା ଦେଖି ସମୀର ଅତ୍ୟନ୍ତ ଭାବ ବିହ୍ୱଳ ହୋଇ ପଡିଥିଲେ । ସମୀର ନିଜ ରାଜନିତୀ ଜୀବନୀ ବିଷୟରେ ସୂଚନା ଦେବା ଏବଂ ନିମାପଡା ଅଂଚଳର ବିକାଶ,ଜନସାଧାରଣଙ୍କ ସେବା କରିବା ସହିତ ବିଜେଡିର ସଂଗଠନ ସୁଦୃଢ କରିବା ଉପରେ ତାଙ୍କର ଅକ୍ଳାନ୍ତ ପରିଶ୍ରମ ଓ ଅବଦାନ ରହିଛି ବୋଲି ସମୀର କହିଥିଲେ । କିନ୍ତୁ ଦଳ ତାଙ୍କୁ ଟିକେଟ ନଦେଇ ସଂଗଠନ ନଥିବା ଏବଂ ୫ବର୍ଷ ମଧ୍ୟରେ ବାରମ୍ବାର ବିଭିନ୍ନ ଦଳ ପରିବର୍ତ୍ତନ କରିଆସୁଥିବା ଦିଲ୍ଲୀପ ନାୟକଙ୍କୁ ଦଳ ଟିକେଟ ଦେବା ଘଟଣାକୁ ନିମାପଡା ବିଜେଡି କର୍ମୀ ଓ ପଂଚାୟତ,ଏନ୍‌ଏସି ସ୍ତରୀୟ ନେତା ସହଜେ ଗ୍ରହଣ କରି ପାରୁନାହାନ୍ତି । ଏପରିକି ନିଜ ପରିବାରକୁ ମୁଁ ସମୟ ଦେଇପାରିନାହିଁ ବୋଲି ସମୀର ସମାବେଶରେ କହିଥିଲେ। ଦଳର ସୁପ୍ରିମ ନବୀନ ବାବୁଙ୍କ ଉପରେ ବିଶ୍ୱାସ ଓ ଭରଷା ରହିଛି ପୁନଃ ବିଚାର କରି ଟିକେଟ ଦେବାକୁ ସମୀର ଏବଂ ତାଙ୍କର ହଜାର ହଜାର ସମର୍ଥକ ସମାବେଶରେ ହାତ ଟେକି ନିବେଦନ କରିଛନ୍ତି । ଆୟୋଜିତ ସମାବେଶରେ ନିମାପଡା ବ୍ଲକ ବିଜେଡି ସଭାପତି ଅଶୋକ ସାହୁ,ସଂପାଦକ ରବିନ୍ଦ୍ର ନାୟକ,ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ,ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ,ନିମାପଡା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ,ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ,ନିମାପଡା ନଗର ସଭାପତି ଜୀବନାନନ୍ଦ ମହାପାତ୍ର,ସଂପାଦକ ସନ୍ତୋଷ ଓଝା,ଉପନଗରପାଳ ସନ୍ତୋଷ ଦାଶ,ସାଂସଦଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି,ବିଜେଡି ନେତା ସୁଧିର ରଂଜନ ଦାଶ,ଅକ୍ଷୟ ବେହେରା ପ୍ରମୁଖ ଉପସ୍ଥିତଥିଲେ । ଆଜିର ଏହି ବିଶାଳ ସମାବେଶର ରାଜ୍ୟ ବିଜେଡି ନେତୃତ୍ୱଙ୍କ ଉପରେ କେତେ ପ୍ରଭାବ ପକାଉଛି ତାହାକୁ ଦେଖିବାକୁ ରହିଛି ।

ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ପକ୍ଷରୁ ଏନସିଏମସି ଡେବିଟ ଓ ପ୍ରିପେଡ କାର୍ଡର ଶୁଭାରମ୍ଭ

ଭୁବନେଶ୍ୱର (ସବୁ୍ୟ) : ଏୟାରଟେଲ ପେମେଂଟ୍‌ସ ବ୍ୟାଙ୍କ ପକ୍ଷରୁ ଏହାର ପରିବେଶ ଅନୁକୂଳ ଏନସିଏମସି (ନ୍ୟାଶନାଲ କମନ ମୋବିଲିଟି କାର୍ଡସ) ସକ୍ଷମ ଡେବିଟ ଓ ପ୍ରିପେଡ୍ କାର୍ଡର ଶୁଭାରମ୍ଭ କରାଯାଇଛି। ରୁପେ ଦ୍ୱାରା ପରିଚାଳିତ ଏହି ଇଂଟରଅପରେବୁଲ କାର୍ଡଗୁଡିକୁ ଉନ୍ମୋଚନ କରିବା ପାଇଁ ଏହି ବ୍ୟାଙ୍କ ନ୍ୟାଶନା

ଶ୍ରୀରାମ ଚନ୍ଦ୍ର ଭଞ୍ଜ ସ୍ନାତକ ମହାବିଦ୍ୟାଳୟରେ ମତଦାତା ସଚେତନତା

ବାରିପଦା, (ସବ୍ୟୁ) : ରାଗ୍ପା ସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଏକ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟତଃ ନୂଆ ଏବଂ ଯୁବ ଭୋଟରଙ୍କୁ ଭୋଟପ୍ରଦାନ କାର୍ଯ୍ୟକ୍ରମରେ ସାମିଲ କରିବା ଏହାର ମୁଖ୍ୟ ବିଷୟ ବସ୍ତୁ ଥିଲା 'ନିର୍ବାଚନ ପୂର୍ବ ଆମ ଦେଶର ଗର୍ବ ଏବଂ ସତର ପୁରି ମୋତେ ହେଲା ଅଠର, ନିଶ୍ଚୟ ହେବି ମୁଁ ଏକ ନୂଆ ଭୋଟର' ପ୍ରଭୃତି ମନକୁ ଏବଂ ହୃଦୟକୁ ସ୍ପର୍ଶ କଲାଭଳି ନିର୍ବାଚନ ସମ୍ବନ୍ଧୀୟ ପୋଷ୍ଟର ଗୁଡିକ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିଥିଲା । କାର୍ଯ୍ୟକ୍ରମ ପୂର୍ବରୁ ନିର୍ବାଚନ ସମ୍ବନ୍ଧୀୟ ରଙ୍ଗୋଲି ଏବଂ ଚିତ୍ରାଙ୍କନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ଯାହାର ପ୍ରତ୍ୟକ୍ଷ ତତ୍ତ୍ୱାବଧନ ଦାୟିତରେ ଥିଲେ ମହାବିଦ୍ୟାଳୟର ଶିକ୍ଷାବିଭାଗର ଅଧ୍ୟାପିକା ସୁଚିତ୍ରା ବେହେରା ଏବଂ କ୍ରୀଡାଶିକ୍ଷକ ଧନଞ୍ଜୟ ତ୍ରିପାଠୀ । ଆମ ମୟୂରଭଞ୍ଜର ନିର୍ବାଚନ ଜୁନ ୧ତାରିଖକୁ ଧାର୍ଯ୍ୟ ହୋଇଥିବାରୁ

ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ମାନବ ଶୃଙ୍ଖଳ ମାଧ୍ୟମରେ ଜୁନ ଏକ ତାରିଖକୁ ପ୍ରଦର୍ଶନ କରାଯାଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଙ୍କର ଅସୀମା ସାହୁ ଏହି ସଭାରେ ଅତିଥି ପରିଚୟ ପ୍ରଦାନ ପୂର୍ବକ ଉଦଘାଟନୀ ଅଭିଭାଷଣ ରଖି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ମୁଖ୍ୟଅତିଥି ରୂପେ ବାରିପଦାର ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ନିର୍ବାଚନରେ ବ୍ୟବହୃତ ହେଉଥିବା ଯନ୍ତ୍ର ଯଥା-ବ୍ୟାଲେଟ ଇଉନିଟ ଭିଭିପାର୍ଟ ଏବଂ କଣ୍ଟ୍ରୋଲ ୟୁନିଟ ବିଷୟରେ ଏବଂ ତାହାର କାର୍ଯ୍ୟ ସମ୍ବନ୍ଧୀୟ ସବିଶେଷ ତଥ୍ୟ ପ୍ରଦାନ କରି ଅବାଧ ଏବଂ ମୁଖ୍ୟ ନିର୍ବାଚନ ସମ୍ବନ୍ଧୀରେ ସୂଚନା ଦେଇଥିଲେ ।

ମୁଖ୍ୟବକ୍ତା ଭାବେ ବାରିପଦା ତହସିଲଦାର ଦିନମଣୀ ନାୟକ ଯୋଗଦେଇ ନିର୍ବାଚନ ଆୟୋଗର ଆମ ସମ୍ବିଧାନରେ ସ୍ଥିତି ଏବଂ କାର୍ଯ୍ୟ ସମ୍ବନ୍ଧିରେ ବର୍ଣ୍ଣନା କରିବା ସହ କାହାଦ୍ୱାର ପ୍ରଲୋଭିତ କିମ୍ବା ପ୍ରଭାବିତ ନହୋଇ ନିଜର ବହୁମୂଲ୍ୟ ଭୋଟକୁ ଯୋଗ୍ୟ ଏବଂ ଉପଯୁକ୍ତ ପାର୍ଥୀଙ୍କୁ ପ୍ରଦାନ ନିମନ୍ତେ ଉପଦେଶ ଦେଇଥିଲେ । ସମ୍ମାନୀତ ଅତିଥିରୂପେ ବାରିପଦା ବିଡ଼ିଓ ଐଶ୍ୱରୟ୍ୟା ଭୂୟାଁ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନନ୍ତ କିଶୋର ମହାରଣା, କନିଷ୍ଠଯନ୍ତ୍ରୀ ସୁବାଷ ଚନ୍ଦ୍ର ଜିତବାବୁ ଏବଂ ବୁଥ୍‌ସ୍ତରୀୟ ଅଧିକାରୀ ପ୍ରଦୀପ କୁମାର ଆଚାର୍ଯ୍ୟ ମଞ୍ଚାସୀନ ହୋଇ ସେମାନଙ୍କର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ ।

କାର୍ଯ୍ୟକ୍ରମ ମଝିରେ ସଂସ୍କୃତ ବିଭାଗର ମୁଖ୍ୟ ଅଧ୍ୟାପକ ତ୍ରିଲୋଚନ ମିଶ୍ର ମଞ୍ଚାସୀନ ଅତିଥି, ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ସ୍ୱଚ୍ଛ ଏବଂ ମୁକ୍ତ ନିର୍ବାଚନ ନିମନ୍ତେ ଶପଥ ପାଠ କରାଇଥିଲେ । କାର୍ଯ୍ୟକ୍ରମ ଶେଷରେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ଗୋପାଳକୃଷ୍ଣ ମହାନ୍ତ ଧନ୍ୟବାଦ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

ଚେକ୍ ବାଉନ୍ସ ମାମଲା, ୬ ମାସ ଜେଲ

ବାରିପଦା, (ସବ୍ୟୁ) : ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ବେତନଟୀ ମାନ୍ୟବର ପ୍ରଥମ ଶ୍ରେଣୀ ବିଚାର ବିଭାଗ ବିଚାରପତି ଏ.ଅଭିନାଶ ନାଇଡୁ ଅଭିଯୁକ୍ତ ସଂଜୀବ କୁମାର ଭୂୟାଁଙ୍କୁ ୬ମାସ କାରାଦଣ୍ଡ ଆଦେଶ ଶୁଣାଇବା ସହ ୧ଲକ୍ଷ ୫୦ହଜାର ଟଙ୍କା ଜୋରିମାନା ଦଣ୍ଡିରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ଅଧିକ ୨ମାସ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି । ବ୍ୟାଙ୍କ ପକ୍ଷରୁ ଆଇନ୍‌ଜିବୀ ବଟକୃଷ୍ଣ ପାଢୀ ମାମଲା ପରିଚାଳନା କରିଥିଲେ । ପ୍ରକାଶ ଥାଉକି ବେତନଟୀର ସଂଜୀବ କୁମାର ଭୂୟାଁ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ବେତନଟୀ ଶାଖାରୁ ୨ଲକ୍ଷ ଟଙ୍କା ଋଣ ନେଇଥିଲେ ।

ଋଣ ବାବଦରେ ଏକ ଚେକ୍ ୧ଲକ୍ଷ ୧୭ହଜାର ୨୪୭ଟଙ୍କା ପ୍ରଦାନ କରିଥିଲେ । ଏହି ଚେକ୍‌ଟି ବାଉନ୍ସ ହୋଇଯିବାରୁ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ବେତନଟୀ ମାନ୍ୟବର ପ୍ରଥମ ଶ୍ରେଣୀ ବିଚାର ବିଭାଗ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ୩୫/୨୦୨୨ରେ ଏକ ମାମଲା ରୁଜୁ କରିଥିଲେ । ଶନିବାର ମାନ୍ୟବର ବିଚାରପତି ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି ।

ସାରସକଣାରୁ ଦେବାଶିଷ ଓ କରଞ୍ଜିଆରୁ ବାସନ୍ତୀ ବିଜେଡ଼ି ପ୍ରାର୍ଥୀ

ବାରିପଦା, (ସବ୍ୟୁ) : ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟାଇ ବିଜୁଜନତା ଦଳ ଷଷ୍ଠ ପର୍ଯ୍ୟାୟରେ ମୟୂରଭଞ୍ଜ ଜିଲ୍ଲାର ସାରସକଣା ଓ କରଞ୍ଜିଆ ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ସାରସକଣା ନିର୍ବାଚନ ମଣ୍ଡଳୀ ପାଇଁ ଡାଃ ଦେବାଶିଷ ମାରାଣ୍ଡି ଓ କରଞ୍ଜିଆ ନିର୍ବାଚନମଣ୍ଡଳୀ ପାଇଁ ପୁଣିଥରେ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ନାମ ଦଳ ରିପିଟ୍ କରିଛି । ବର୍ତ୍ତମାନ ସୁଧା ବିଜେଡି ମୟୂରଭଞ୍ଜ ଜିଲ୍ଲାର ୯ଟି ବିଧାନସଭାରୁ ୮ଟି ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା

କରିଥିବାବେଳେ ଚର୍ଚ୍ଚାରେ ଥିବା ବାଙ୍ଗିରିପୋଷି ନିର୍ବାଚନ ପାଇଁ ଏଯାଏଁ ପ୍ରାର୍ଥୀ ଘୋଷଣା କରିନାହିଁ । ବିଜେଡିର ଆଜି ପ୍ରାର୍ଥୀ ଘୋଷଣା ପରେ ସାରସକଣା ନିର୍ବାଚନ ମଣ୍ଡଳୀରେ ବିଜେପିର ଭାଦବ ହାଁସଦାଃ ଓ ବିଜେଡିର ଦେବାଶିଷ ମାରାଣ୍ଡି ଏବଂ କରଞ୍ଜିଆରେ ବିଜେପିର ପଦ୍ମ ଚରଣ ହାଇବୁ ଓ ବିଜେଡିର ବାସନ୍ତୀ ହେମ୍ବ୍ରମଙ୍କ ମଧ୍ୟରେ କଡା ପ୍ରତିଦ୍ୱନ୍ଦିତା ହେବ ବୋଲି ଚର୍ଚ୍ଚା ହେଉଛି ।

ମହିଳାଙ୍କୁ ସଶକ୍ତ କରୁଛି ଟିପିଏସ୍‌ଓଡିଏଲ
ମହିଳା ମିଟର ଟେଷ୍ଟିଂ ଲ୍ୟାବକୁ ଏନ୍‌ଏବିଏଲ୍ ମାନ୍ୟତା

ବ୍ରହ୍ମପୁର, (ସବ୍ୟୁ) : ଟିପି ସଦର୍ଣ୍ଣ ଓଡ଼ିଶା ବିତରଣ ଲିମିଟେଡ଼ର ଆମ୍ବଗଡ଼ ସ୍ଥିତ ମହିଳା ମିଟର ଟେଷ୍ଟିଂ ଲ୍ୟାବକୁ ନ୍ୟାସନାଲ ଏକ୍ରେଡେସନ୍ ବୋର୍ଡ ଫର୍ ଟେଷ୍ଟିଂ ଆଣ୍ଡ କାଲିବ୍ରେସନ ଲାବୋରେଟୋରି (ଏନ୍‌ଏ ବିଏଲ୍) ପକ୍ଷରୁ ମାନ୍ୟତା ମିଳିଛି । ଗତ ବର୍ଷ ଉଦଘାଟନ ହୋଇଥିବା ଏହି ଅତ୍ୟାଧୁନିକ ଲ୍ୟାବର ସମସ୍ତ କର୍ମଚାରୀ ମହିଳା ଅଟନ୍ତି । ସ୍ଥାନୀୟ ମହିଳାମାନଙ୍କୁ ବୈଷୟିକ କ୍ଷେତ୍ରରେ ସୁଯୋଗ ଦେବା ସହ ସେମାନଙ୍କୁ ସଶକ୍ତ କରିବା ଏହାର ଉଦ୍ଦେଶ୍ୟ । ସ୍ମାର୍ଟ୍ ମିଟରର ଗୁଣବତ୍ତା ସୁନିଶ୍ଚିତ କରିବା ପ୍ରକ୍ରିୟାରେ ଏନ୍‌ଏବିଏଲ୍ ମାନ୍ୟତା ଗୁରୁତ୍ୱ ବହନ କରେ । ଟେଷ୍ଟିଂ ଏବଂ କାଲିବ୍ରେସନରେ ଉଚ୍ଚ ଗୁଣବତ୍ତା ସହ ଟେକ୍ନିକାଲ ମାନ ଉପରେ ଲ୍ୟାବର ଗୁରୁତ୍ୱକୁ ଯାଞ୍ଚ କରିବା ପରେ ଏହି ମାନ୍ୟତା ମିଳିଛି । ସମ୍ପୂର୍ଣ୍ଣ ସ୍ୱୟଂ ଚାଳିତ ଲ୍ୟାବରେ ଭରସାଯୋଗ୍ୟ ଟେଷ୍ଟିଂ ସେବା ଯୋଗାଇବାରେ ଟିପିଏସଓଡିଏଲର ସାମର୍ଥ୍ୟକୁ ଏହି ମାଇଲଖୁଣ୍ଟ ପ୍ରମାଣିତ କରିବା ସହ ଉପଭୋକ୍ତାଙ୍କ ବିଶ୍ୱାସ ଓ ସନ୍ତୁଷ୍ଟିକୁ ବଢାଏ । ଭାରତୀୟ ମାନକ ଆଧାରରେ ମିଟରଗୁଡ଼ିକର ମାନ ବଜାୟ ରଖିବାରେ ଟିପିଏସଓଡିଏଲର ମହିଳା ମିଟର ଟେଷ୍ଟିଂ ଲ୍ୟାବର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଥିରେ ଏନ୍‌ଏବିଏଲ୍ ମାର୍ଗଦର୍ଶିକା ଅନୁଯାୟୀ କାଲିବ୍ରେଟେଡ ହୋଇଥିବା ଅଟୋମେଟେଡ ଟେଷ୍ଟ ବେଞ୍ଚ ସୁବିଧା ରହିଛି । ଏହି ଲ୍ୟାବକୁ ୭ ଜଣିଆ ମହିଳା ଦଳ ପରିଚାଳନା କରୁଛନ୍ତି । ଅତ୍ୟାଧୁନିକ ଲ୍ୟାବରେ ଦୈନିକ ୧୦୦୦ ଉର୍ଦ୍ଧ୍ୱ ସ୍ମାର୍ଟ୍ ମିଟର ଟେଷ୍ଟ କରିବାର କ୍ଷମତା ରହିଛି । ଏହା ସଠିକତା ଓ ଗୁଣବତ୍ତା ନିୟନ୍ତ୍ରଣ ଦିଗରେ ଟିପିଏସ୍‌ଓଡିଏଲର ପ୍ରତିବଦ୍ଧତାକୁ ଦର୍ଶାଏ । ଟିପି ସଦର୍ଣ୍ଣ ଓଡ଼ିଶା ବିତରଣ ଲିମିଟେଡ଼ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି, ବ୍ରହ୍ମପୁରର ଆମ୍ବଗଡ଼ ସ୍ଥିତ ମହିଳା ମିଟର ଟେଷ୍ଟିଂ ଲ୍ୟାବକୁ ଏନ୍‌ଏବିଏଲ୍ ମାନ୍ୟତା ମିଳିଥିବାରୁ ଆମେ ଗର୍ବିତ । ଉଚ୍ଚମାନର ଗୁଣବତ୍ତା ଓ ଟେକ୍ନିକାଲ ସଠିକତା ବଜାୟ ରଖିବା ପାଇଁ ଆମର ପ୍ରତିବଦ୍ଧତାକୁ ଦର୍ଶାଇବା ସହ ମହିଳାମାନଙ୍କୁ ଟେକ୍ନିକାଲ ସୁଯୋଗ ଦେଇ ସଶକ୍ତ କରିବା ଦିଗରେ ଆମର ନିଷ୍ଠାକୁ ପ୍ରମାଣିତ କରୁଛି । ଭରସାଯୋଗ୍ୟ ସେବା ଯୋଗାଇ ଉପଭୋକ୍ତାଙ୍କ ବିଶ୍ୱାସ ଓ ସନ୍ତୁଷ୍ଟି ବଢାଇବାରେ ଏହା ସହାୟକ ହେବ ।

ବ୍ରହ୍ମପୁର ବିଧାନସଭା ଆସନ
ସ୍ୱାଧୀନ ପ୍ରାର୍ଥୀ ଭାବେ ଝସକେତନ ପାଢ଼ୀଙ୍କ ନାମାଙ୍କନ ଦାଖଲ

ଛତ୍ରପୁର, (ସବ୍ୟୁ) : ଗଞ୍ଜାମ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ତୃତୀୟ ଦିନରେ ବ୍ରହ୍ମପୁର ବିଧାନସଭା ଆସନ ପାଇଁ ସ୍ୱାଧିନ ପ୍ରାର୍ଥୀ ଭାବେ ଝସ କେତନ ପାଢ଼ୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

ସେ ତାଙ୍କ ସମର୍ଥକ ମାନଙ୍କ ସହ ଆସି ଛତ୍ରପୁର ସ୍ଥିତ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ରିଟର୍ଣ୍ଣିଂ ଅଫିସର ତଥା ଅତିରିକ୍ତ ଜିଲ୍ଲାପାଳ ଦେବବ୍ରତ ସାହୁଙ୍କ ନିକଟରେ ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ ।

ବରିଷ୍ଠ ନାଗରିକଙ୍କ ଆତ୍ମ ସମ୍ମାନ ପ୍ରତି ଜିଲ୍ଲା ପ୍ରଶାସନ ସଚେତନ ଲାଗି ମୁଖ୍ୟଶାସନ ସଚିବ ତଥା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାପରିଷଦ ତଥା ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ନିକଟକୁ ଦୂରଦୂରାନ୍ତରୁ ବରିଷ୍ଠ ନାଗରିକ ମାନେ ବିଭିନ୍ନ ଆପତ୍ତି ଅଭିଯୋଗ ଜଣାଇବା ପାଇଁ ପହଁଞ୍ଚୁଥିବା ବେଳେ ସେମାନଙ୍କୁ ସୌଜନ୍ୟତା ମୂଳକ ସର୍ବନିମ୍ନ ସୁବିଧା ଯୋଗାଇ ଦିଆଯାଉଥିବା ସମ୍ପର୍କରେ ବାରିପଦା ସ୍ଥିତ ୱାର୍ଡ ନମ୍ବର ୧୬ କାଳିମନ୍ଦିରସାହି ର ବରିଷ୍ଠ ନାଗରିକ ବସନ୍ତ କୁମାର ମହାନ୍ତିଙ୍କ ଦ୍ୱାରା ଲିଖିତ ଭାବରେ ୨୦୨୪ ଫେବୃଆରୀ ୪ତାରିଖରେ ରାଜ୍ୟସରକାରଙ୍କ ମୁଖ୍ୟଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହିତ ଏହି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ମଧ୍ୟ ଜଣାଯାଇଥିବା ପ୍ରକାଶ କରିଛନ୍ତି । ଅଭିଯୋଗରେ ଦର୍ଶାଯାଇଛି ଯେ, ବରିଷ୍ଠ ନାଗରିକଙ୍କ ସାମାନ୍ୟମ୍ ଆତ୍ମ ସମ୍ମାନ ପ୍ରତି ଜିଲ୍ଲାଧିକାରୀ ମାନେ କୌଣସି ଦୃଷ୍ଟି ଦିଆଯାଉଥିବା ଦୁର୍ଭାଗ୍ୟ ଜନକ ।

କାରଣ ଏହି ଅବସରରେ ଅଧିକାରୀ ବରିଷ୍ଠ ନାଗରିକଙ୍କ ସୌଜନ୍ୟତା ଦୃଷ୍ଟିରୁ ଅଧିକାରୀଙ୍କ ଆଗରେ ବସି ଗୁହାରି ଜଣାଇବାକୁ ଗୋଟେ ଚେୟାର ଯୋଗାଇ ଦିଆଯାଇନଥିବା ଏମିତିକି ଗୋଟେ ଗ୍ଲାସ ପାଣି ମଧ୍ୟ ଦେବାର ବ୍ୟବସ୍ଥା କରାଯାଏ ନାହିଁ । ଏଣୁ ଏହି ଦିଗରେ ତୁରନ୍ତ ଦୃଷ୍ଟି ଦିଆଯିବାକୁ ଦାବି ଜଣାଇବା ସହିତ ଏନେଇ ସରକାରଙ୍କ ପାଖରୁ ବିଧିବଦ୍ଧ ଆବଶ୍ୟକୀୟ ନିର୍ଦ୍ଦେଶ ନାମଜାରି କରିବାକୁ ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି ।

ବିଜେଡିର ଜୋନ୍‌ସ୍ତରୀୟ ସାଂଗଠନିକ ବୈଠକ

ବୁଗୁଡ଼ା, (ସବ୍ୟୁ) : ଆସିକା ଲୋକସଭା ଏବଂ ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପଞ୍ଚମ ପର୍ଯ୍ୟାୟରେ ଆସନ୍ତା ମେ ୨୦ ତାରିଖ ଦିନ ଭୋଟ ଗ୍ରହଣ ହେବାକୁ ଥିବାବେଳେ ଆଜି ବୁଗୁଡ଼ା ବ୍ଲକର ଭାମଶ୍ୟାଳି ଗ୍ରାମସ୍ଥିତ କାଳୀ ମନ୍ଦିର ପଡିଆରେ ବିଜୁ ଜନତା ଦଳ ପକ୍ଷରୁ ଜିଲ୍ଲା ପରିଷଦ ଜୋନ ସ୍ତରୀୟ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଆସିକା ଲୋକସଭା ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁ, ବ୍ଲକ ଅଧ୍ୟକ୍ଷା କେ. ପ୍ରିୟଦର୍ଶିନୀ ଆଚାରୀ ଓ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ଚାନ୍ଦିନୀ ନାୟକ, କୃଷ୍ଣ ରା , ସିମାଞ୍ଚଳ ନନ୍ଦଙ୍କ ସମେତ ଜୋନ୍ ନଂ-୪୩ ଅନ୍ତର୍ଗତ କରସିଙ୍ଗି, କରଚୁଲି, ଭଗବାନପୁର, ଡାକରଡା, ବି. କରଡ଼ାବାଡ଼ି, ବିରଞ୍ଚିପୁର, ଗୋଲିଆ ଓ ଭାମଶ୍ୟାଳି ଆଦି ୮ଟି ଗ୍ରାମ ପଞ୍ଚାୟତର ଦଳୀୟ ଜନପ୍ରତିନିଧି, କର୍ମକର୍ତ୍ତା ଓ କର୍ମୀଗଣ ଯୋଗଦାନ କରିଥିଲେ । ଏ ଅବସରରେ ଦଳୀୟ ସଂଗଠନ ସମ୍ପର୍କରେ ଆଲୋଚନା କରାଯିବା ସହ ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁ ଏବଂ ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ଲକ୍ଷ୍ୟରେ ତୃଣମୂଳ ସ୍ତରରେ ଦଳୀୟ ସଂଗଠନକୁ ଆହୁରି ଅଧିକ ମଜବୁତ କରିବାକୁ ପଡିବ ବୋଲି ଆହ୍ୱାନ ଦିଆଯାଇଥିଲା ।

ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ପ୍ରଶିକ୍ଷଣ

ଛତ୍ରପୁର, (ସବ୍ୟୁ) : ଗଞ୍ଜାମ ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନରେ ଅଂଶ ଗ୍ରହଣ କରୁଥିବା ପ୍ରାର୍ଥୀ ମାନଙ୍କ ଖର୍ଚ୍ଚ କିଭଳି ତଦାରଖ କରିବେ ସେ ସମ୍ପର୍କିତ ଏକ ପ୍ରଶିକ୍ଷଣ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ରଷିକୂଲ୍ୟା ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି ।

ଜିଲ୍ଲାରେ ନିଯୁକ୍ତ ଥିବା ସହକାରୀ ଖର୍ଚ୍ଚ ନିରୀକ୍ଷଣ ଅଧିକାରୀ ୧ବିଭିନ୍ନ ସ୍କ୍ୱାଡ୍ ଟିମ୍‌ମାନଙ୍କୁ କିଭଳି ପ୍ରାର୍ଥୀ ମାନଙ୍କର ଖର୍ଚ୍ଚ ବିବରଣୀ ତଦାରଖ କରିବେ ସେ ସମ୍ପର୍କରେ ଜିଲ୍ଲା ଗସ୍ତରେ ଥିବା ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୌରଭ ଦୁବେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ୨୦- ବ୍ରହ୍ମପୁର ଲୋକସଭା ନିମନ୍ତେ ନିଯୁକ୍ତ ଥିବା ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୌରଭ ଦୁବେ ଏବଂ ୧୩୫- ଚିକିଟି ବିଧାନ ସଭା, ୧୩୩-ବ୍ରହ୍ମପୁର ବିଧାନ ସଭା, ୧୩୨- ଗୋପାଳପୁର ବିଧାନ ସଭା ଏବଂ ୧୨୭- ଛତ୍ରପୁର ବିଧାନ ସଭା ନିମନ୍ତେ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୁଶ୍ରୀ କାଞ୍ଚି ଗୁପ୍ତା, ଗଞ୍ଜାମ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦିବ୍ୟ ଜ୍ୟୋତି ପରିଡା, ୨୦-ବ୍ରହ୍ମପୁର ଲୋକସଭା ରିଟର୍ଣ୍ଣିଂ ଅଧିକାରୀ ତଥା ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା ବିଭିନ୍ନ ଖର୍ଚ୍ଚ ସମ୍ପର୍କିତ ତଥ୍ୟ ପ୍ରଦାନ କରି କିଭଳି ନିର୍ବାଚନଟିକୁ ଶାନ୍ତି ଶୃଙ୍ଖଳାର ସହ ଅବାଧ, ମୁକ୍ତ ନିର୍ବାଚନ ହେବ ସେ ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

ଜନ ସାଧାରଣ ନିର୍ବାଚନ ଖର୍ଚ୍ଚ ସମ୍ପର୍କିତ କୌଣସି ତଥ୍ୟ ନିର୍ବାଚନ ପର୍ଯ୍ୟବେକ୍ଷକ ମାନଙ୍କ ଦୃଷ୍ଟିକୁ ନେବାକୁ ଚାହିଁଲେ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୌରଭ ଦୁବେଙ୍କ ଯୋଗାଯୋଗ ନମ୍ବର ୯୬୯୨୨୦୧୫୩୦ ଏବଂ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୁଶ୍ରୀ କାଞ୍ଚି ଗୁପ୍ତାଙ୍କ ଯୋଗାଯୋଗ ନମ୍ବର ୯୬୯୨୧୧୯୪୧୫୭ କୁ ଫୋନ୍ ନମ୍ବରରେ ଜଣାଇ ପାରିବେ । ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ପରିଡା ନିର୍ବାଚନ କାର୍ଯ୍ୟ ଯେପରି ସଠିକ ଭାବେ ହୋଇପାରିବ ସେଥି ସକାଶେ ସମସ୍ତେ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।

ଚରମ୍ପା ବିଶାଣିଖରିଦା ବାସନ୍ତୀ ଦୁର୍ଗା ପୂଜା ରୌପ୍ୟ ଜୟନ୍ତୀ

ଭଦ୍ରକ, (ସବ୍ୟୁ): ଚରମ୍ପା ବିଶାଣିଖରିଦା ଠାରେ ଗୁରୁବାର ସନ୍ଧ୍ୟା ୭ ଘଟିକା ସମୟରେ ମା'ବାସନ୍ତୀ ଦୁର୍ଗା ପୂଜା କମିଟି ରୌପ୍ୟ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। କମିଟିର ଉପଦେଷ୍ଟା ବିଶିଷ୍ଟ ଶିକ୍ଷାବିତ୍ ପୂର୍ବତନ ପ୍ରଧାନଶିକ୍ଷକ ଗଗନ ବିହାରୀ ରାଉତଙ୍କ ପୌରହିତ୍ୟରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏଥିରେ ଅତିଥିମାନେ ଯଥା ପଣ୍ଡିତ ଦୈତ୍ୟାରୀ ମହାପାତ୍ର ମୁଖ୍ୟଅତିଥି,ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା,ଇଂ.ଅଭୟ ସୂତାର ସମ୍ମାନୀତ ଅତିଥି ଓ ଅଧ୍ୟାପକ ନିହାର ରଞ୍ଜନ କର ସମ୍ମାନିତ ବକ୍ତା ଭାବେ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱ

ନିର୍ବାଚନରେ ମତ ସାବ୍ୟସ୍ତ ପାଇଁ ସାମ୍ବାଦିକଙ୍କୁ ପୋଷ୍ଟାଲ ଭୋଟ ବ୍ୟବସ୍ଥା

ମାଲକାନଗିରି, (ସବୁ୍ୟ): ପ୍ରଥମ ଥର ଲାଗି ଚଳିତ ନିର୍ବାଚନରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ମତଦାନ ପାଇଁ ପୋଷ୍ଟାଲ ଭୋଟ ବ୍ୟବସ୍ଥା କରାଯାଇଛି । ଯାହା କି ଏକ ଐତିହାସିକ ନିଷ୍ପତ୍ତି । ଭାରତ ନିର୍ବାଚନ କମିଶନ ପ୍ରାଧିକୃତ ସାମ୍ବାଦିକମାନଙ୍କୁ ପୋଷ୍ଟାଲ ବାଲାଟ ମାଧ୍ୟମରେ ମତଦାନ କରିବାର ଅଧିକାର ପ୍ରଦାନ କରିଛନ୍ତି ।

ଏହାଦ୍ୱାରା ସ୍ୱାଧୀନ ଭାରତରେ ପ୍ରଥମ ଥର ପାଇଁ ପ୍ରାଧୀକୃତ ସାମ୍ବାଦିକମାନେ ନିଜ ନିଜର ନିର୍ବାଚନ ମଣ୍ଡଳୀରୁ ଦୂରରେ ରହି ନିଜର କର୍ତ୍ତବ୍ୟ ସଂପାଦନ କରିବା ସହ ସାଧାରଣ ନିର୍ବାଚନରେ ମତଦାନ କରିପାରିବେ । ଏଥି ନିମନ୍ତେ ମାଲକାନଗିରି ଜିଲ୍ଲା ଲୋକ ସଂପର୍କ ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ଗଣ ମାଧ୍ୟମ ପ୍ରତିନିଧି ଓ କ୍ୟାମେରା ମ୍ୟାନମାନଙ୍କୁ ସ୍ୱତନ୍ତ୍ର ଫର୍ମ ଯୋଗାଇ ଦିଆଯାଇଛି । ଇତି ମଧ୍ୟରେ ୫୦ରୁ ଊର୍ଦ୍ଧ୍ୱ ସାମ୍ବାଦିକ ନିଜ ନିଜର ଫର୍ମ ମାଧ୍ୟମରେ ସହମତ ପ୍ରକାଶ କରି ସାରିଥିବାର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ସୂଚନା ଦେଇଛନ୍ତି ।

ଭାରତୀୟ ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ଗଣ ମାଧ୍ୟମର ଅଗ୍ରଣୀ ଭୂମିକା ରହିଆସିଛି । ନିର୍ବାଚନ ସମୟରେ ଅନେକ ପ୍ରାଧିକୃତ ସାମ୍ବାଦିକଙ୍କୁ ନିଜ ନିଜର ନିର୍ବାଚନ ମଣ୍ଡଳୀ ଠାରୁ ଦୂରରେ ରହି କାର୍ଯ୍ୟ ସଂପାଦନ କରିବାକୁ ପଡ଼ିଥାଏ । ଏଣୁ ସେମାନେ ନିଜ ନିର୍ବାଚନ ମଣ୍ଡଳୀରେ ମତଦାନ କରି ପାରୁ ନ ଥିଲେ । ଏହି ଅସୁବିଧାକୁ ଦୃଷ୍ଟିରେ ରଖି ପ୍ରକୃତ ସାମ୍ବାଦିକ ଓ ଗଣତନ୍ତ୍ରର ବୃହତ୍ତର ହିତରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି ।

ସାଧାରଣ ନିର୍ବାଚନ ୨୦୨୪କୁ ଅଧିକରୁ ଅଧିକ ଅଂଶଗ୍ରହଣ କରିବା ପାଇଁ ନିର୍ବାଚନ କମିଶନ ପ୍ରକୃତ ସାମ୍ବାଦିକ ମାନଙ୍କ 'ଜରୁରୀ ସେବା ଯୋଗୁଁ ଅନୁପସ୍ଥିତ ଭୋଟର' ତାଲିକାରେ ସାମିଲ କରିଛନ୍ତି । ଏହାଦ୍ୱାରା ପ୍ରାଧିକୃତ ସାମ୍ବାଦିକ ମାନେ 'ରିପ୍ରେଜେଣ୍ଟେସନ୍ ଅଫ୍ ପିପୁଲ ଆକ୍ଟ-୧୯୫ ଆକ୍ଟ-୧୯୫୧'ର ଧାରା ୬୦ (ଗ) ଅଧିନରେ ପୋଷ୍ଟାଲ ବାଲାଟ୍ ମାଧ୍ୟମରେ ମତଦାନ କରିପାରିବେ ।

ଏହି ପ୍ରକ୍ରିୟାରେ ସାମିଲ ହେବା ପାଇଁ ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରାଧିକୃତ କାର୍ଯ୍ୟରତ ସାମ୍ବାଦିକମାନେ ନିଜ ନିଜର ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସରଙ୍କ ଠାରେ ଆବେଦନ କାରିଛନ୍ତି ।

ସଶକ୍ତ ନାରୀ, 'ଚାଷୀ ସରକାର ଆମର ଦରକାର'

ସୋନପୁର ବିଧାନସଭା ଆସନରେ ସୋନାଲି

ସୋନପୁର, (ସବୁ୍ୟ) : ସୋନପୁର ବିଧାନସଭା ଏବଂ ବଲାଙ୍ଗିର ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡୁଙ୍ଗୁରିପାଲି ବ୍ଲକ । ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନ ସୁଦ୍ଧା ଜଣେ ନାରୀ ନିର୍ବାଚିତ ହୋଇ ପ୍ରତିନିଧିତ୍ୱ କରିନାହାଁନ୍ତି । ଏ ପର୍ଯ୍ୟନ୍ତ କୌଣସି ମହିଳାଙ୍କୁ ବିଜେଡ଼ି, ବିଜେପି କିମ୍ବା କଂଗ୍ରେସ ଦଳୀୟ ଟିକେଟ ଦେଇ ନାହିଁ । ବଲାଙ୍ଗିର ଲୋକସଭା ମଣ୍ଡଳୀରେ ବିଜେପି ସଙ୍ଗୀତା ସିଂହଦେଓଙ୍କୁ ପ୍ରାର୍ଥୀ କରିବା ସହ ସେ ୪ ଥର ନିର୍ବାଚିତ ହୋଇଥିବା ବେଳେ ବିଜେଡି କିମ୍ବା କଂଗ୍ରେସ ମହିଳାଙ୍କୁ ସାଂସଦ ଟିକେଟ ଦେଇ ନାହିଁ । ଚଳିତ ଥର ସୋନପୁର ବିଧାନସଭା ମଣ୍ଡଳୀରୁ ଜଣେ ମହିଳା ପ୍ରାର୍ଥୀ ସ୍ୱାଧୀନ ତଥା ନବନିର୍ମାଣ କୃଷକ ସଂଗଠନ ଓ କୋଶଲ ନାରା ଦେଇ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି । ତାଙ୍କ ନିର୍ବାଚନ ପ୍ରଚାର ଶୈଳୀ ଭିନ୍ନ । ଗାଁ ଗାଁ ଘର ଘର ବୁଲି କୃଷି ଓ କୃଷକର ସ୍ୱାର୍ଥ ସମ୍ବଳିତ ପକ୍ଷ ରଖୁଛନ୍ତି । କେତେବେଳେ ଟ୍ରାକ୍ଟର ଚଳାଇ ନିର୍ବାଚନ ପ୍ରଚାର ମଇଦାନରେ ସୋନାଲୀଙ୍କୁ ଦେଖିବାକୁ ମିଳିଛି । ତାଙ୍କ ବିପକ୍ଷରେ ବିଜେପିର ଜିଲା ସଭାପତି ପ୍ରମୋଦ ମହାପାତ୍ର ପ୍ରାର୍ଥୀ ହୋଇଛନ୍ତି । ନିର୍ବାଚନ, ସଂଗଠନରେ ତାଙ୍କ ପୂର୍ବ ଅଭିଜ୍ଞତା ରହିଛି। ଅନ୍ୟ ପକ୍ଷରେ ବିଜେଡି ଦଳ ପକ୍ଷରୁ ମନ୍ତ୍ରୀ ନିରଞ୍ଜନ ପୂଜାରୀ ପ୍ରତିଦ୍ୱନ୍ଦିତା କରୁଛନ୍ତି ।

ଦୁଇଥର ବିଜିକା ଓ ତିନିଥର ସୋନପୁରରୁ ନିର୍ବାଚିତ ହୋଇ ନିରଞ୍ଜନ ସରକାରଙ୍କ ବିଭିନ୍ନ ବିଭାଗରେ ମନ୍ତ୍ରୀ ତଥା ବାଚସ୍ପତି ରହି ଅପ୍ରତିଦ୍ୱନ୍ଦି ନେତା ଭାବରେ ନିଜକୁ ପ୍ରତିଷ୍ଠିତ କରି ପାରିଛନ୍ତି । କଂଗ୍ରେସ ନୂଆ ଚେହେରା ପ୍ରିୟବ୍ରତ ମାଝୀଙ୍କୁ ପ୍ରାର୍ଥୀ କରିଛି । ପ୍ରିୟବ୍ରତ ମଧ୍ୟ ଜଣେ ଯୁବ ସଙ୍ଗଠକ ଭାବେ ବେଶ ପରିଚିତ ।

ଏସବୁ ଭିତରେ ଚର୍ଚ୍ଚାର ସିରୋନାମା ପାଲଟିଛନ୍ତି ନୂତନ ହୋଇ ପ୍ରାର୍ଥୀ ହୋଇଥିବା ସୋନାଲି ବିଶି(୨୬)। ସୋନାଲି ଉଚ୍ଚ ଶିକ୍ଷିତା ବଲାଙ୍ଗିର ଜିଲାର ଝିଅ ହୋଇଥିବା ବେଳେ ସୋନପୁର ଜିଲାର ବୋହୂ । 'ଚାଷୀ ସରକାର ଆମର ଦରକାର' ବୋଲି

ନାରା ଦେଇ ଜୋରସୋର ପ୍ରଚାର ଆରମ୍ଭ କରିଛନ୍ତି। ନିଜେ ଟ୍ରାକ୍ଟର ଚଲାଇ ଲୋକଙ୍କ ଆସ୍ଥାଭାଜନ ହେବାରେ ଲାଗିଛନ୍ତି । ଗଳିକନ୍ଦିରେ ତାଙ୍କର ପୋଷ୍ଟର ଏବଂ ଲେଖା ଲାଗି ସାରିଥିବା ବେଳେ ଡୁଙ୍ଗୁରିପାଲିରେ ବିରାଟ ଟ୍ରାକ୍ଟର ଶୋଭାଯାତ୍ରା କରି ବିରୋଧୀଙ୍କୁ ଟାର୍ଗେଟ କରିଛନ୍ତି। ୨୫ ବର୍ଷର ଶାସନ ମଧ୍ୟରେ ଅଞ୍ଚଳକୁ ମରୁଡ଼ି ମୁହଁକୁ ଠେଲି ଦେବା, କେନାଲ ପାଣିର ଅଭାବରୁ ଚାଷ ଜମି ପଡ଼ିଆ ପଡ଼ିବାରେ ଲାଗିଛି। ଗାଁରେ ଶିଳ୍ପ ବଦଳରେ ଦେଶୀ ମହୁଲି କୁଚିଆ ମଦଭାଟି ଗଢ଼ି ଉଠିଛି। ଯୁବକ ଯୁବତୀ ବେରୋଜଗାର ହୋଇ ଦାଦନ ଖଟି ଯାଉଛନ୍ତି । ସରକାର ମହିଳାଙ୍କୁ ଆତ୍ମନିର୍ଭରଶୀଳର ଡାକରା ଦେଉଛନ୍ତି,କିନ୍ତୁ ଅର୍ଥଲଗାଣ ସଂସ୍ଥାର ଋଣ ଯନ୍ତାରେ ପଡ଼ି କେତେକ ପରିବାର ରାତିଅଧିଆ ଗାଁ ଛାଡି ଚାଲି ଯାଉଥିବା କହିଛନ୍ତି ସୋନାଲି । ଜଣେ ମହିଳା ନେତ୍ରୀଙ୍କ କଥାକୁ ଲୋକେ ଗ୍ରହଣ କରୁଥିବା ବେଳେ ଯୁବ ଭୋଟର, କୃଷକ, ବୟସ୍କ ଭୋଟର ତାଙ୍କ ଆଡକୁ ଢଳୁଥିବା ଆଲୋଚନା ହେଉଛି । ଜଣେ ପୋଖତ ଅଭିଜ୍ଞ ନେତ୍ରୀ ଭାବରେ ଗଣମାଧ୍ୟମକୁ ମଧ୍ୟ ସଂଯମତା ରଖି ପ୍ରତିକ୍ରିୟା ଦେଉଛନ୍ତି। ଭୋଟର ଯଦି ଜଣେ ମହିଳା ପ୍ରାର୍ଥୀକୁ ଦେଖିବାକୁ ଚାହିଁବେ ତାହେଲେ ମତଦାନ କଣ ହେବ ତାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଛି ।

ବାରୁଦ ଟ୍ରକରେ ଲାଗିଲା ନିଆଁ

ସମ୍ବଲପୁର, (ସବୁ୍ୟ): ସମ୍ବଲପୁର ୧୦ନମ୍ବର ରାଜ୍ୟ ରାଜପଥର ଶାସନ କେନାଲ ନିକଟରେ ଏକ ବାରୁଦ ଟ୍ରକରେ ନିଆଁ ଲାଗିଥିଲା । ଖବର ପାଇ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲା । ତେବେ ଅଗ୍ନିକାଣ୍ଡରେ ଟ୍ରକର ସମ୍ମୁଖ ଭାଗ ପୋଡିଥିବା ବେଳେ ବାରୁଦରେ ନିଆଁ ଲାଗିନଥିବା ଜଣାପଡିଛି । ଫଳରେ ଏକ ବଡ ଦୁର୍ଘଟଣାରୁ ରକ୍ଷା ମିଳିଛି । ସୂଚନାଯୋଗ୍ୟ, ହାଇଦ୍ରାବାଦରୁ ଛତିଶଗଡ ବାରୁଦ ନେଇ ଯାଉଥିବା ଟ୍ରକ ଗାଡି ନମ୍ବର(ଟିଏସ୍୦୫ୟୁସି-୧୧୧୯)ରେ କୌଣସି କାରଣରୁ ଟ୍ରକରେ ନିଆଁ ଲାଗିଥିଲା । ଏହା ଦେଖି ଟ୍ରକର ଡ୍ରାଇଭର ଓହ୍ଲାଇବା ସହ ସ୍ଥାନୀୟ ଲୋକଙ୍କ ସହାୟତାରେ ଅଗ୍ନିଶମ ବାହିନୀକୁ ଯୋଗାଯୋଗ କରିଥିଲେ ।

ମୁରିବାହାଲ ବ୍ଲକ ଅଞ୍ଚଳରେ କାଳବୈଶାଖୀ, ବ୍ୟାପକ କ୍ଷୟକ୍ଷତି

ମୁରିବାହାଲ,(ସବୁ୍ୟ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଅଞ୍ଚଳର କେତେକ ସ୍ଥାନରେ ଶନିବାର ସନ୍ଧ୍ୟାରେ ହୋଇଯାଇଥିବା କାଳ ବୈଶାଖୀ ପ୍ରଭାବରେ ବର୍ଷା ଓ ପବନ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି । ବ୍ଲକ ଅନ୍ତର୍ଗତ ଗରଗଡବାହାଲ ପଞ୍ଚାୟତ ସଦର ମହକୁମା ସମେତ ବହୁ ଗ୍ରାମରେ ରାସ୍ତା ଉପରେ ଗଛ ପଡ଼ି ରାସ୍ତା ଅବରୋଧ ହେବା ସହ ବିଦ୍ୟୁତ ଖମ୍ବ ଗୁଡ଼ିକ ଭାଙ୍ଗିଯିବାରୁ ଅଞ୍ଚଳରେ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ ସରବରାହ ବ୍ୟାହତ ହୋଇରହିଛି ।

ପ୍ରବଳ ବର୍ଷା ଓ ପବନରେ ଶତାଧିକ ଗଛ ଭାଙ୍ଗିଯିବା ସହ ଗମନାଗମନ ପାଇଁ ଅସୁବିଧା ହେବା ସହ ବିଦ୍ୟୁତ ତାର ଛିଣ୍ଡିଯିବାରୁ ବିଦ୍ୟୁତ ଖମ୍ବଗୁଡ଼ିକ ଭାଙ୍ଗି ଘର ଉପରେ ପଡ଼ିବାରୁ ଖପର ଘରଗୁଡ଼ିକ ଭାଙ୍ଗିରୁଜି ଯାଇଛି

। ଗରଗଡବାହାଲ ଗ୍ରାମର ଏକ ନୂତନ ନିର୍ମାଣଧିନ ପ୍ରକଳ୍ପର ଇଟାକାନ୍ଥ ମଧ୍ୟ ବର୍ଷା ପ୍ରଭାବରେ ଭାଙ୍ଗି ପଡିଯାଇଛି ।

ପୂର୍ବ ସରପଞ୍ଚ ଭକ୍ତବନ୍ଧୁ ଛତ୍ରିଆଙ୍କ ସହ ଗ୍ରାମର ସ୍ୱେଚ୍ଛାସେବୀମାନେ ଗଛକାଟି ରାସ୍ତା ସଫା କରିଥିଲେ । ସେହିପରି ପତ୍ରାପାଲି(କ)ପଞ୍ଚାୟତ ଲାରିପଡା ଛକ ଅଞ୍ଚଳରେ ରାସ୍ତା ଉପରେ ଗଛ ପଡ଼ିଥିବା ବେଳେ ବାଇକ୍ ଆରୋହୀ ଅସୁରମୁଣ୍ଡା ଗ୍ରାମର ଧର୍ମୁ ସେଲମା ଓ ଅନ୍ୟ ଜଣେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ । ତାଙ୍କୁ ସ୍ୱେଚ୍ଛାସେବୀ ଯୁଧିଷ୍ଠିର ଭରାସଗରିଆଙ୍କ ସହ ଅନ୍ୟମାନେ ଆମ୍ବୁଲାନ୍ସ ଡାକି ହସପିଟାଲ ପଠାଇଥିଲେ । କାଳବୈଶାଖୀ ପ୍ରଭାବରେ ବ୍ଲକ ଅଞ୍ଚଳର କେତେକ ଗ୍ରାମାଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ବ୍ଲକ ସଦର ମହକୁମା ସମେତ ଅନ୍ୟାନ୍ୟ ଗ୍ରାମରେ ସାମାନ୍ୟ ବର୍ଷା ହୋଇଥିବା ଯୋଗୁଁ ଅସହ୍ୟ ଗ୍ରୀଷ୍ମ ପ୍ରବାହରୁ ତ୍ରାହି ତ୍ରାହି ଡାକୁଥିବା ଲୋକେ ତାପମାତ୍ରା ସାମାନ୍ୟ ହ୍ରାସ ପାଇଥିବାରୁ ଆଶ୍ୱସ୍ତି ଅନୁଭବ କରିଥିବା ଜଣାପଡିଛି ।

ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ସମ୍ବଲପୁର,(ସବୁ୍ୟ): ସମ୍ବଲପୁର ଶାସନ ଥାନା ଅନ୍ତର୍ଗତ ହୀରାକୁଦ ଡାଇକ୍‌ରୁ ଏକ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତ ଯୁବକ ଜଣକ ଶାନ୍ତି ନଗର ମାତୃବିହାର ଅଞ୍ଚଳର ରାଜା ବିଶି(୨୧) ବୋଲି ଜଣାପଡିଛି । ତେବେ ତାଙ୍କୁ କେହି ହତ୍ୟା କରି ଫୋପାଡି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏନେଇ ଶାସନ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ଶବକୁ ଜବତ କରିଛି । ଜବତ ଶବକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

ସାଂଘାତିକ ଅଭିଯୋଗରେ ସହକାରୀ ପ୍ରଫେସର ନିଲମ୍ବିତ

ସମ୍ବଲପୁର, (ସବୁ୍ୟ): ସମ୍ବଲପୁର ବିଶ୍ୱବିଦ୍ୟାଳୟର ରାଜନୀତି ଓ ସାଧାରଣ ପ୍ରଶାସନ ବିଭାଗର ସହକାରୀ ପ୍ରଫେସର ଡକ୍ଟର ରଜତ କୁଜୁରଙ୍କୁ କୁଳପତିଙ୍କ ନିର୍ଦ୍ଦେଶ ମତେ କୁଳ ସଚିବ ନିଲମ୍ବନ କରିଛନ୍ତି। । ସହକାରୀ ପ୍ରଫେସର ଡକ୍ଟର କୁଜୁର ତାଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିବା ଓ ସାମାଜିକ ଗଣମାଧ୍ୟମରେ ତାଙ୍କ ବିରୋଧରେ ଆପତ୍ତିଜନକ ପୋଷ୍ଟ କରିବା ନେଇ ଅଭିଯୋଗ କରିଥିଲେ ନିଜେ ପିଜି କାଉନସିଲ ଅଧ୍ୟକ୍ଷ । ଏହାପରେ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ତଦନ୍ତ ପରେ ଡକ୍ଟର କୁଜୁରଙ୍କ ଉପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ତାଙ୍କୁ ନିଲମ୍ବନ କରାଯାଇଛି। ଏହି ନିଲମ୍ବନ ଅବଧି ମଧ୍ୟରେ ବିଶ୍ୱ ବିଦ୍ୟାଳୟର ବିନା ଅନୁମତିରେ ସେ ବିଶ୍ୱ ବିଦ୍ୟାଳୟର ପ୍ରଶାସନିକ ଭବନ, ସ୍ନାତକୋତ୍ତର ବିଭାଗ କିମ୍ବା ଲାଇବ୍ରେରିକୁ ପ୍ରବେଶ କରି ପାରିବେ ନାହିଁ ବୋଲି ନିଲମ୍ବନ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି । ତେବେ ଏ ସମ୍ପର୍କରେ ସଂପୃକ୍ତ ପ୍ରଫେସର କିଛି ପ୍ରତିକ୍ରିୟା ଦେବାକୁ ମନା କରି ଦେଇଛନ୍ତି।

ଜୁହାର ପରିବାର ପକ୍ଷରୁ ଶ୍ରୀରାମାୟଣ ଭଜନ ସନ୍ଧ୍ୟା

ସମ୍ବଲପୁର, (ସବୁ୍ୟ): ସ୍ଥାନୀୟ ଟାଉନ୍ ହଲ ପଡ଼ିଆ ଠାରେ ସମ୍ବଲପୁର ଜୁହାର ପରିବାର ପ୍ରକ୍ଷରୁ 'ଶ୍ରୀରାମାୟଣ' ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ଶିକ୍ଷା ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ଦେଶ ଓ ଦେଶ ବାହାରେ ସମ୍ବଲପୁରୀ ସଂସ୍କୃତି ଏବଂ ପରମ୍ପରାର ପ୍ରଚାର ପ୍ରସାର ଦିଗରେ ଜୁହାର ପରିବାରର ଉଦ୍ୟମ ଉଲ୍ଲେଖନୀୟ। ରାମନବମୀ ଓ ନବବର୍ଷ ଅବସରରେ ଏଭଳି ଆଧ୍ୟାତ୍ମିକ ଆୟୋଜନ ଆନନ୍ଦର ବିଷୟ। ବିଧାୟକ ଜୟନାରାୟଣ ମିଶ୍ର, ଡ. ଶିବନାରାୟଣ ଶତପଥୀ, ପ୍ରଫୁଲ୍ଲ ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବହୁ ପ୍ରବୀଣ ଓ ତରୁଣ କଣ୍ଠଶିଳ୍ପୀଙ୍କ ଭଜନ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବାରେ ସହାୟକ ହୋଇଥିଲା। ପ୍ରାରମ୍ଭରେ ଉଡ଼ାନ ଓ ଅଙ୍କନ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଭକ୍ତି ସଂଗୀତରେ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଡ. ଶିବନାରାୟଣ ଶତପଥୀ, ଡ. ଶ୍ୟାମସୁନ୍ଦର ଧର, ତ୍ରିଲୋଚନ ତ୍ରିପାଠୀ, ସନ୍ତୋଷ ମିଶ୍ର, ମୋତିଲାଲା ଦୋରା, ଅନଙ୍ଗ ସାଏଦେଓ, ସଂଗୀତ ନିର୍ଦ୍ଦେଶକ ରତନ ପୂଜାରୀ, କଣ୍ଠଶିଳ୍ପୀ ପ୍ରମୋଦ ମିଶ୍ର, କାହ୍ନୁ କେଶବ ବହିଦାର, ଲୋକବାଦ୍ୟ ଶିଳ୍ପୀ କୃଷ୍ଣଚନ୍ଦ୍ର ବାଗ୍, କପିଳେନ୍ଦ୍ର ସାହୁ ଓ ସୁରେନ୍ଦ୍ର ବାଗ୍, କଣ୍ଠଶିଳ୍ପୀ ବିଭୂତି ପଟ୍ଟନାୟକ, ସଂଗୀତଜ୍ଞ ଶଙ୍କର ପ୍ରଧାନ, ସଂଚାର ଶିଳ୍ପୀ ଦୁଃଖନାଶନ ବେହେରା ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ସଂଗଠନର ଆବାହକ ପ୍ରଫୁଲ୍ଲ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ତର୍ପଣ ପ୍ରଧାନ, ଗିରିଜା ଦେବୀ, ଡ. ସତ୍ୟନାରାୟଣ ଠାକୁର ଓ ଅରବିନ୍ଦ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

କପସିପାଲିରେ ସୀତା ବିବାହ ଉତ୍ସବ

ଗାଁ ଉତ୍ସବ ମୁଖର, ଖୋଲା ରଙ୍ଗମଞ୍ଚରେ ନାଟ୍ୟ ଅଭିନୟ

ଖପ୍ରାଖୋଲ, (ସବୁ୍ୟ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଓଡିଆପାଲି ପଞ୍ଚାୟତ କପସିପାଲି ଗାଁ ରେ ଶ୍ରୀରାମ ନବମୀ ଉତ୍ସବ ପାଳନ ଅବସରର ଶୁକ୍ରବାର ରାତିରେ ସୀତା ରାମଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରର ପୂଜା କମିଟି ସଦସ୍ୟ ସାମିଲ୍ ହେବା ସହ ନାଚଗୀତ, ରଙ୍ଗ ବେରଙ୍ଗ ରୋଷଣୀ ବିବାହ ଉତ୍ସବର ଭ୍ରମ ସୃଷ୍ଟି କରିଥିଲା । ଫଳରେ ଗାଁ ଉତ୍ସବ ମୁଖର ହୋଇଉଠିଥିଲା । ପୂଜକ ସହଦେବ ମିଶ୍ର, ପୂଜା କର୍ତା ନାରାୟନ ପଧାନ,ଆନନ୍ଦ ସାହୁ , କୁମର ସାହୁ ,ଆଦିତ୍ୟ ସାହୁ ,ରିଙ୍କୁ ସାହୁ ,କୁନୁ ସାହୁ ,ଦୋଲାମଣି ସାହୁ , ସମେତ ଶତାଧିକ ମହିଳା ପୁରୁଷ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ । କୁଲୁତାପଡାରୁ ବରଯାତ୍ରୀ ଦଳ କପସିପାଲି ଗାଁ ରେ ଖୋଲା ରଙ୍ଗମଞ୍ଚ ରେ ପହଞ୍ଚି ଥିଲେ । ସମସ୍ତେ କଳସ ସ୍ଥପନ କରି ପ୍ରଭୁ ରାମଙ୍କୁ ସ୍ୱାଗତ କରିଥିବା ବେଳେ ଗ୍ରାମ ପରିକ୍ରମା କରିଥିଲେ । ଖୋଲା ରଙ୍ଗମଞ୍ଚରେ ସୀତା ରାମଙ୍କ ନାଟ୍ୟ ଅଭିନୟ ପ୍ରଦର୍ଶିତ ହୋଇଥିଲା । ଆୟୋଜକ କମିଟି ଅନ୍ନ ଭୋଗ ପ୍ରଦାନ କରିଥଲେ । ସୀତା ବିବାହ କମିଟି ପକ୍ଷରୁ ଦୁର୍ଯ୍ୟୋଧନ ବରିହା, ଉମେଶ ସାହୁ, ଆଲୋକ ବିଶ୍ୱାଳ, ସୁଶୀଲ କୁମାର ପଧାନ ପ୍ରମୁଖ ସହଯୋଗ କରିଥିଲେ ।

କଂଗ୍ରେସ ନେତା ଶିବ ସାହୁଙ୍କ ଘର ବାହୁଡ଼ା

ବଲାଙ୍ଗିର, (ସବୁ୍ୟ): ଦୀର୍ଘ ୫୦ ବର୍ଷ ଧରି କଂଗ୍ରେସର ଜଣେ ଶୃଙ୍ଖଳିତ କର୍ମି ଓ କର୍ମକର୍ତ୍ତା ଭାବେ ରହି ଆସିଥିବା ଶିବ ସାହୁ ଗତ ୨୦୧୯ ନିର୍ବାଚନ ପୂର୍ବରୁ ଦଳ ଛାଡ଼ି ବିଜେଡ଼ିକୁ ପଳାଇଥିଲେ । କିନ୍ତୁ ଶନିବାର ନିଜର ପୂର୍ବଦଳକୁ ପୁଣି ଥରେ ଘର ବାହୁଡ଼ା କରିଛନ୍ତି । ଆଜି ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ତାଙ୍କୁ ଦଳକୁ ସ୍ୱାଗତ କରିବା ସହ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସ୍ୱାଗତ କରିଛନ୍ତି । କୌଣସି ପ୍ରକାର ପ୍ରଭାବିତ ହୋଇ ଶ୍ରୀ ସାହୁ ଅନ୍ୟ ଦଳକୁ ଚାଲିଯାଇଥିବାରୁ ଅନୁତାପ କରିଛନ୍ତି । କୌଣସି ପ୍ରକାର ଭୁଲ ବୁଝାମୁଣାକୁ ଭୁଲି କଂଗ୍ରେସ ପାଇଁ ପୁଣି ଥରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ବିଧାୟକ ଶ୍ରୀ ମିଶ୍ର ଶ୍ରୀ ସାହୁଙ୍କୁ ପରାମର୍ଶ ଦେଇଛନ୍ତି । ଶିବ ସାହୁଙ୍କ ଜିଲ୍ଲାର ଲୋଇସିଂହା ଓ ବଲାଙ୍ଗିର ସଦର

ବ୍ଲକ ଅଞ୍ଚଳରେ ଜନସମ୍ପର୍କ ରହିଛି । ତାକୁ ପାଥେୟ କରି ଜିଲ୍ଲା କଂଗ୍ରେସ ସଭାପତି ଅଶୋକ ନନ୍ଦଙ୍କ ସହ କାର୍ଯ୍ୟ କରିବି ବୋଲି ଶ୍ରୀ ସାହୁ କହିବା ସହ ଖୁସିବ୍ୟକ୍ତ କରିଛନ୍ତି ।

ନୂଆ ଓଡିଶା ଗଠନରେ ଶ୍ରମିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ସମ୍ବଲପୁର, (ସବୁ୍ୟ): ରାଜ୍ୟ ତମାମ ରୂପାନ୍ତରୀକରଣ କାମ ଚାଲୁ ରହିଛି । ଶିଳ୍ପ ବିକାଶ ସହ ଅଭିବୃଦ୍ଧି ଘଟିଛି । ନୂଆ ଓଡିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରୁଛନ୍ତି । ତେବେ ଏସବୁ କ

ନୋ ବୁଥ ନୋ ଭୋଟ'ରେ ଅଟଳ ଗ୍ରାମବାସୀ

ପ୍ରଶାସନ–ଗ୍ରାମବାସୀଙ୍କ ବୈଠକ ନିଷ୍ଫଳ

କୋକସରା, (ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ସିଲିଗୁଡା ହେଉଛି ଏକ ରାଜସ୍ୱ ଗ୍ରାମ । ତେବେ ଏହି ଗ୍ରାମର ଭୋଟର ପ୍ରତିବର୍ଷ ପୂର୍ବରୁ ଗ୍ରାମରୁ ୮ କିମି ଦୂରରେ ଥିବା ବଙ୍ଗୋମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ମତଦାନ କେନ୍ଦ୍ରକୁ ଭୋଟ ଦେବାପାଇଁ ଯାଉଥିଲେ । ଏନେଇ ସିଲିଗୁଡା ଗ୍ରାମବାସୀ ଦୀର୍ଘ ବର୍ଷରୁ ନିଜ ଗାଁରେ ମତଦାନ କେନ୍ଦ୍ର ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରି ଆସୁଛନ୍ତି ।

ହେଲେ ଗ୍ରାମବାସୀଙ୍କ ଦାବିକୁ ଅଣଦେଖା କରି ଚଳିତ ନିର୍ବାଚନରେ ପ୍ରଶାସନ ସିଲିଗୁଡାର ହେମଲେଟ ଗ୍ରାମ ଅଁଳାଗୁଡା ପ୍ରାଥମିକ ବିଦ୍ୟାଳୟରେ ମତଦାନ କେନ୍ଦ୍ର କରିଛନ୍ତି । ଯାହାକୁ ବିରୋଧ କରି ପ୍ରଶାସନକୁ ଭୋଟ ବର୍ଜନ ପାଇଁ ଲିଖିତ ଅଭିଯୋଗ ସହ ଗ୍ରାମରେ ବୈଠକ କରି ଚରମ ନିଷ୍ପତ୍ତି ନେଇଥିଲେ ଗ୍ରାମବାସୀ । ଏହି ଖବର ପ୍ରଶାସନ ନିକଟରେ ପହଞ୍ଚିବା ପରେ ଶନିବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଧର୍ମଗଡ ଉପ ଜିଲ୍ଲାପାଳ ଧିମାନ ଚକମା, କୋକସରା ବିଡ଼ିଓ ସ୍ନେହାପ୍ରଭା ମାଝୀ, ତହସିଲଦାର ନବୀନ କିଶୋର ପାଢ଼ୀ, ଥାନା ଅଧିକାରିଣୀ ରନିତା ପ୍ରଧାନ ସିଲିଗୁଡା ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ସ୍କୁଲରେ ବୈଠକ ଡାକି ଆଲୋଚନା କରିଥିଲେ ।

ପ୍ରଶାସନ ପକ୍ଷରୁ ସେମାନଙ୍କ ଦାବି ବର୍ତ୍ତମାନ ସ୍ଥିତିରେ ପୂରଣ କରିବା ସମ୍ଭବ ନୁହେଁ । ଆଗାମୀ ସମୟରେ ସିଲିଗୁଡା ଠାରେ ମତଦାନ କେନ୍ଦ୍ର କରିବାକୁ ପ୍ରଶାସନ ପକ୍ଷରୁ ଚେଷ୍ଟା କରାଯିବ ବୋଲି ପ୍ରଶାସନିକ ଅଧିକାରୀ ମାନେ କହିଥିଲେ । ନାଗରିକ ହିସାବରେ ନିକଟସ୍ଥ ଅଁଳାଗୁଡା ମତଦାନ କେନ୍ଦ୍ରରେ ଭୋଟ ଦେବାକୁ ବୁଝାଇବା ପରେ ମଧ୍ୟ ଗ୍ରାମବାସୀ ମାନେ ନିଜ ଜିଦରେ ଅଡ଼ି ରହି 'ନୋ ବୁଥ ନୋ ଭୋଟ' ବୋଲି ପ୍ରଶାସନକୁ ନିଜର ନିଷ୍ପତ୍ତି ଶୁଣାଇବା ସହ ଭୋଟ ବର୍ଜନ ନିଷ୍ପତ୍ତିରେ ଅଟଳ ରହିଛନ୍ତି । ଆଲୋଚନା ସମୟରେ ସିଲିଗୁଡା ଗ୍ରାମର ଚନ୍ଦ୍ର ଶେଖର ସୁନାନୀ, ଧନେଶ୍ୱର ମହାନନ୍ଦ, ପୁରୁଷୋତ୍ତମ ସୁନାନୀ, ବସନ୍ତ ନାଗ, ଭୂଷଣ ମହାନନ୍ଦ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ ।

ବୌଦ୍ଧ ଜିଲ୍ଲାରେ ତାପମାତ୍ରା ୪୫ ଡିଗ୍ରୀ ଟପିଲା

ବୌଦ୍ଧ, (ସବ୍ୟୁ): ସାରା ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଆଜି ବୌଦ୍ଧ ଜିଲ୍ଲା ରାଜ୍ୟର ସବୁଠୁ ଉତପ୍ତ ଜିଲ୍ଲା ଭାବରେ ତାପମାତ୍ରା ୪୫.୩ ଡିଗ୍ରୀ ବୋଲି ରେକର୍ଡ କରାଯାଇଛି । ପ୍ରବଳ ଖରା ଯୋଗୁଁ ପୁରାପୁରି ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ସକାଳ ୧୦ ଟାରୁ ରାସ୍ତାଘାଟ ଶୂନଶାନ ହୋଇପଡୁଥିବା ବେଳେ ଘରୁ ବାହାରିବା ମୁସ୍କିଲ ହୋଇପଡିଛି । ବୌଦ୍ଧ ସହର ଦେଇ ଚିରସ୍ରୋତା ମହାନଦୀ ପ୍ରବାହିତ ହୋଇଥିବା ବେଳେ ଏବେ ମହାନଦୀ ପୁରାପୁରୀ ଶୁଖିଲା ପଡିଛି । ମହାନଦୀ ଶୁଖିଲା ପଡିବା ଯୋଗୁଁ ନଦୀର ବାଲି ଓ ନଦୀ ଭିତରେ ଥିବା ପଥର ଖରାର ତାପ ଯୋଗୁଁ ତାପମାତ୍ରା ବୃଦ୍ଧି ହେବାରେ ଲାଗିଛି । ଖରା ସହିତ ଝାଂଜି ପବନ ସାଙ୍ଗକୁ ଗୁଳୁଗୁଳି ଜନଜୀବନ ଅସ୍ତବ୍ୟସ୍ତ କରିପକାଉଛି । ସନ୍ଧ୍ୟା ୬ଟା ନହେଲା ପର୍ଯ୍ୟନ୍ତ ଘରୁ ବାହାରି ହେଉନାହିଁ । ରାସ୍ତା ଘାଟକୁ ଦେଖିଲେ ଅଘୋଷିତ କର୍ଫ୍ୟୁ ଭଳି ଲାଗୁଛି । ଆହୁରୀ ମଧ୍ୟ ବୌଦ୍ଧ ସହର ବର୍ତ୍ତମାନ ବୃକ୍ଷ ଶୂନ୍ୟ ହୋଇପଡିଛି । ସହରର ପ୍ରମୁଖ ରାସ୍ତା ଗୁଡିକ ପ୍ରଶସ୍ତି କରଣ କରାଯିବା ଯୋଗୁଁ ରାସ୍ତା କଡରେ ଥିବା ବଡ ବଡ ଗଛ ଗୁଡିକ କାଟି ଦିଆଯାଇଥିଲା । ଗଛ ଗୁଡିକ କାଟିଦିଆଯିବା ଯୋଗୁଁ ଖରାର ଉତ୍ତାପ ମଧ୍ୟ ବୃଦ୍ଧିର କାରଣ ପାଲଟିଛି । ପ୍ରଶାସନ ପକ୍ଷରୁ ମହାନଦୀରେ ଖରାଦିନେ ଯେପରି ପାଣି ଭରପୁର ରହିପାରିବ ସେ ନେଇ ପଦକ୍ଷେପ ନେବା ଏକ ପ୍ରକାର ଜରୁରୀ ହାଇପଡିଛି । ସକାଳୁଆ ଅଫିସ ଥିଲେ ମଧ୍ୟ କର୍ମଚାରୀଙ୍କ ବ୍ୟତୀତ ଜରୁରୀ କାର୍ଯ୍ୟ ନଥିଲେ କୌଣସି ସାଧାରଣଲୋକ ଆସୁନାହାନ୍ତି। ଯାତ୍ରୀବାହୀ ବସ ଗୁଡିକରେ ମଧ୍ୟ ଯାତ୍ରୀଙ୍କ ଭିଡ ନଥିବା ଦେଖାଯାଉଅଛି। ତେବେ ଚାରିପଟେ ଜଙ୍ଗଲ ଓ ନଦୀ ଘେରି ରହିଥିବା ଏହି ଜିଲ୍ଲାରେ ଅସମ୍ଭବ ଭାବରେ ତାପମାତ୍ରା ବୃଦ୍ଧି ପାଇବା କାରଣକୁ ନେଇ ପରିବେଶବିତମାନେ ଚିନ୍ତା ପ୍ରକଟ କରିଛନ୍ତି।

ଦିନକୁ ଦିନ ମହାନଦୀରେ ବାଲି ପୋତି ହୋଇଚାଲିଥିବାବେଳେ ଜଳ ସଙ୍କଟ ଯୋଗୁଁ ବର୍ଷର ୮ ମାସ ମହାନଦୀ ଶୁଖିଲା ରହୁଅଛି। ସହରର ରାସ୍ତା କଡରେ ଲିମ୍ବ, ଜାମୁ , ତେନ୍ତୁଳି, ବର ଓ ପିପଳ ଗଛ ଲଗାଗଲେ ସହରରେ ଖରା ତାପ କମିବାରେ ସହାୟକ ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ମନମୁଖୀକୁ ବିରୋଧ

ସିନାପାଲି, (ସବ୍ୟୁ): ସିନାପାଲି ବିଦ୍ୟୁତ ବିଭାଗୀୟ କର୍ମଚାରୀଙ୍କ ବିରୁଦ୍ଧରେ ମନମୁଖୀ କାର୍ଯ୍ୟ ନେଇ ଥାନାରେ ଅଭିଯୋଗ ହୋଇଛି । ସିନାପାଲି ସହର ଶ୍ରୀରାମ ଛକ ନିବାସୀ ଜିତେନ୍ଦ୍ରିୟ ମେହେରଙ୍କ ଘରବାଡିକୁ ବିନା ଅନୁମତିରେ ଜୋର ଜବରଦସ୍ତି ପଶି ଏକ ଫଳନ୍ତି ନଡ଼ିଆ ଗଛର ଡାଳକୁ କାଟି ନଷ୍ଟ କରାଯାଇଥିବା ସେ ଅଭିଯୋଗ ରେ ଉଲ୍ଲେଖ କରିଛନ୍ତି । ଦୀର୍ଘ ୧୫ ବର୍ଷରୁ ଘରବାଡ଼ିରେ ଥିବା ନଡ଼ିଆ ଗଛରେ ପ୍ରାୟ ୨ରୁ ୩ଶହ ଫଳ ଆସିଥିବା ବେଳେ ଗଛର ବରଡାକୁ କାଟି ଦିଆଯାଇଛି । ଯଦ୍ୱାରା ଏବେ ଫଳ ବଢିବା ପରିବର୍ତ୍ତେ ସବୁଫଳ ଝଡି ଯିବା ସହ ଗଛ ମଧ୍ୟ ନଷ୍ଟ ହେବାର ସମ୍ଭାବନା ରହିଛି । ବିଭାଗୀୟ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଏଭଳି କ୍ଷତିରେ ଶ୍ରୀ ମେହେର କ୍ଷୋଭ ପ୍ରକାଶ କରିଛନ୍ତି । ତୁରନ୍ତ ସମ୍ପୃକ୍ତ ଅଧିକାରୀ ତଥା କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବିଦ୍ୟୁତ ଖୁଣ୍ଟକୁ ଘରବାଡିରୁ ସ୍ଥାନାନ୍ତର କରିବା ପାଇଁ ସେ ଦାବି କରିଛନ୍ତି । ନଚେତ ଆଇନ ର ଆଶ୍ରୟ ନେବି ବୋଲି ପ୍ରକାଶ କରିଛନ୍ତି । ଏନେଇ ସିନାପାଲି ଥାନାରେ ଏକ ଲିଖିତ ଅଭିଯୋଗ କରିବା ସହ ବିଭାଗୀୟ ଏସଡ଼ିଓ ଖଡ଼ିଆଳ , ବିଭାଗୀୟ ଯନ୍ତ୍ରୀ ସିନାପାଲି ଏବଂ ବନାଞ୍ଚଳ ଅଧିକାରୀ ସିନାପାଲି ଠାରେ ଲିଖିତ ଅବଗତ କରିଛନ୍ତି ।

ଟିପିଡବ୍ଲୁଓଡିଏଲ୍ ଗ୍ରୀଷ୍ମ ଋତୁରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବା ପାଇଁ ପ୍ରସ୍ତୁତ

ସମ୍ବଲପୁର, (ସବ୍ୟୁ): ରାଜ୍ୟରେ ଜାରି ରହିଛି ଗ୍ରୀଷ୍ମ ଲହରୀ । ପ୍ରଚଣ୍ଡ ରୌଦ୍ରତାପର ପ୍ରକୋପ ଦିନକୁ ଦିନ ବଢିବାରେ ଲାଗିଛି । ଯାହାକୁ ଦୃଷ୍ଟିରେ ରଖି ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଚଳିତ ଗ୍ରୀଷ୍ମ ଋତୁରେ ବିଦ୍ୟୁତ ଉପଭୋକ୍ତାମାନଙ୍କୁ ସନ୍ତୋଷ ଜନକ ବିଜୁଳି ପ୍ରଦାନ କ୍ଷେତ୍ରରେ କମ୍ପାନୀ ତରଫରୁ ବିସ୍ତୃତ ଭାବରେ ପଦକ୍ଷେପ ଗ୍ରହଣ କରାଯାଇଛି । କମ୍ପାନୀରେ କାର୍ଯ୍ୟରତ ସମସ୍ତ ଲାଇନମେନ ତଥା ସହଯୋଗୀ ବ୍ୟବସାୟୀକ ସଂସ୍ଥାର କର୍ମଚାରୀମାନଙ୍କୁ ମିଶାଇ ପ୍ରାୟ ୫ହଜାର କର୍ମଚାରୀଙ୍କୁ ୨୦୧ ଗୋଟି ସେକ୍ସନ୍ କାର୍ଯ୍ୟାଳୟରେ ନିଯୁକ୍ତ କରାଯାଇଛି । ଏହି ଗ୍ରୀଷ୍ମ ପ୍ରବାହ ଯୋଗୁଁ ଉପୁଜୁ ଥିବା ସମସ୍ୟାର ସମାଧାନ ନିମନ୍ତେ ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ଟିପିଡବ୍ଲୁଓଡିଏଲ୍ ସଂପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି କୁହାଯାଇଛି ।

ବିଗତ ବର୍ଷ ତୁଳନାରେ ଚଳିତ ବର୍ଷ ପ୍ରାୟ ଶତକଡା ୧୨ ପ୍ରତିଶତ ଅଧିକ ବିଦ୍ୟୁତ ଶକ୍ତିର ଆବଶ୍ୟକତା ପଡୁଥିବା ଯୋଗୁଁ କମ୍ପାନୀ ତରଫରୁ ଗତ ଆର୍ଥକ ବର୍ଷ ମଧ୍ୟରେ ୫୧୭ ଗୋଟି ନୂତନ ସବଷ୍ଟେସନ୍ ନିର୍ମାଣ କରାଯାଇଛି । ୫୦୦ ରୁ ଉର୍ଦ୍ଧ୍ୱ କମ୍ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ଗୁଡିକୁ ବଢାଇ ଦିଆଯାଇଛି ।

ପ୍ରାୟ ୨୦.୦୦୦ କ୍ୟୁ–ବି କିଲୋମିଟରରେ ୧୧ କେ.ଭି ଏବଂ ୩୩ ଭେରି ତାର ୫୬୦୦ ମିଟର ତାରରେ ରକ୍ଷଣାବେକ୍ଷଣ କାର୍ଯ୍ୟ ଶେଷ କରାଯାଇଛି ।ଏହା ବ୍ୟତିତ ଗ୍ରାହକମାନଙ୍କର ଚାହିଦା ଅନୁଯାଇ ଏବଂ ଅବିରତ ବିଦ୍ୟୁ ସେବା ଯୋଗାଇବାକୁ ଯାଇ ଟିପିଡବ୍ଲୁଓଡିଏଲ୍ ତରଫରୁ ୯ ଗୋଟି ମେଗ୍ନିଫଟର ମେସିନ୍, ୫୫ ଗୋଟି ପୋଲ ମାଷ୍ଟର, ୬୫ ଗୋଟି ହାଇଡ୍ରା ମେସିନ୍ ଏବଂ ବିଭିନ୍ନ ପ୍ରକାରର ଯନ୍ତ୍ରପାତି ସମସ୍ତ ଡିଭିଜନ କାର୍ଯ୍ୟାଳୟରେ ମହକୃତ ରଖାଯାଇଛି ।

ଏହି ଅବସରରେ ଟିପିଡବ୍ଲୁଓଡିଏଲ୍ ବର୍ଦ୍ଧିତ ବିଦ୍ୟୁତ ଶକ୍ତିର ଚାହିଦା ଯୋଗୁଁ ବିଦ୍ୟୁତ ଶକ୍ତିର କ୍ଷମତାକୁ ୧୮୦୦ ଏମ–ଭି–ଏ ପର୍ଯ୍ୟନ୍ତ ବଢାଇ ଦିଆଯାଇଛି ।

ଭାରସାମ୍ୟ ହରାଇ ଓଲଟିଲା ଅଟୋ, ୪ ଗୁରୁତର

ହରଭଙ୍ଗା, (ସବ୍ୟୁ): ବୌଦ ଜିଲ୍ଲା ହରଭଙ୍ଗା ଥାନା ଅଯୋଧ୍ୟା ନିକଟରେ ଅଟୋ ଓଲଟି ୪ ଗୁରୁତର ହୋଇଥିବା ଜଣାପଡ଼ିଛି । ସୂଚନା ମତେ ଅଟୋ ଟି ଚାରିଛକରୁ କୁମାରୀ ଯାଉଥିବା ସମୟରେ ଅଯୋଧ୍ୟା ନିକଟବର୍ତ୍ତୀ ଝରଦାଣ୍ଡି ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଅଟୋରେ ଥିବା ଯାତ୍ରୀ ଗଲେଖ ସାହୁ (୫୦), ସ୍ମୃତିତା ବେହେରା (୩୦)ଙ୍କ ଗୋଡ଼ ଭାଙ୍ଗିବା,ଓ ପ୍ରଭାସିନୀ କଁହର (୨୮) ଓଟୋ ଚାଳକ ଝଗୁଡୁ ନାଏକ (୪୦) ନାମକ ବ୍ୟକ୍ତି ଗୁରୁତର ହୋଇଥିଲେ । ତୁରନ୍ତ ଗୁରୁତରଙ୍କୁ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ହରଭଙ୍ଗା ମେଡିକାଲ ଅଣାଯାଇଥିବା ବେଳେ ଦୁର୍ଘଟଣାକୁ ନେଇ ହରଭଙ୍ଗା ପୋଲିସ ତଦନ୍ତ ଜାରି ରଖିଛି ।

ମଝି ରାସ୍ତାରେ ଓଲଟି ପଡ଼ିଲା ହାଇୱା

କୋରାପୁଟ, (ସବ୍ୟୁ): କୋରାପୁଟ ଜିଲ୍ଲାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ୩ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତଙ୍କ ଭିତରେ ଜଣେ ନାବାଳକ ଅଛନ୍ତି । ସମସ୍ତଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ଜଲାପୁଟରୁ ମେଟାଲ ବୋଝେଇ କରି ଗୋଟିଏ ହାଇୱା ବୈପାରୀଗୁଡା ଅଞ୍ଚଳକୁ ଯାଉଥିଲା । ତେବେ ଲମତାପୁଟ ସ୍ଥିତ ଆଶାକିରଣ ନିକଟରେ ମଝି ରାସ୍ତାରେ ହାଇୱାଟି ଓଲଟି ପଡ଼ି କାରରେ ପିଟି ହୋଇଯାଇଥିଲା । ଚିପ୍ସ ବୋଝେଇ କରି ଯାଉଥିବା ହାଇୱା ମଝି ରାସ୍ତାରେ ଓଲଟି ପଡ଼ିଲା । ଜଲାପୁଟରୁ ମେଟାଲ ବୋଝେଇ କରି ହାଇୱା ବୈପାରୀଗୁଡା ଅଞ୍ଚଳକୁ ଯାଉଥିଲା । ତେବେ ଲମତାପୁଟ ସ୍ଥିତ ଆଶାକିରଣ ନିକଟରେ ମଝି ରାସ୍ତାରେ ହାଇୱାଟି ଓଲଟି ପଡ଼ି କାରରେ ପିଟି ହୋଇଯାଇଥିଲା । ଫଳରେ ହାଇୱା ଡ୍ରାଇଭର, ହେଲପର ଓ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଜଣେ ପିଲା ଆହତ ହୋଇଥିଲେ । ସମସ୍ତଙ୍କୁ ଲମତାପୁଟ ଆଶା କିରଣ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଲମତାପୁଟ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

ପଦ୍ମ ତୋଳା ଅଭୟାରଣ୍ୟରେ ଲାଗିଛି ନିଆଁ

ହରଭଙ୍ଗା, (ସବ୍ୟୁ): ଶୁକ୍ରବାର ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିନସ୍ଥ କୁସଙ୍ଗ ରେଞ୍ଜ୍ ପଦ୍ମ ତୋଳା ଅଭୟାରଣ୍ୟରେ ଲାଗିଛି ନିଆଁ । ବନ ବିଭାଗର ସାଥି ଓ କର୍ମଚାରୀ ମାନେ ନିଆଁ ଲିଭାଇବା ପାଇଁ ନାକେଦମ୍ ହୋଇଗଲେଣି । କିଛି ଦୁର୍ବୃତ୍ତ ଅଭୟାରଣ୍ୟ ଭିତରେ ପଶି ନିଆଁ ଲଗାଇ ପଳାଇ ଯାଇଥିବା ବେଳେ ନିଆଁ ଜଙ୍ଗଲ ରେ ଧୀରେ ଧୀରେ ବ୍ୟାପିବାକୁ ଲାଗିଥିଲା । ବନ୍ୟ ପ୍ରାଣୀବିଭାଗ ଖବର ପାଇ ନିଆଁକୁ ଆୟତ ପାଇଁ ରେଞ୍ଜରଙ୍କ ସମେତ ସ୍କୁଆଡ଼ କର୍ମଚାରୀ ପହଁଚି ଥିଲେ । ଏନେଇ ଜଙ୍ଗଲ ଭିତରେ ସର୍ଚ୍ଚ ଅପରେସନ ଜାରୀ ରହିଛି ବୋଲି କୁସଙ୍ଗ ରେଞ୍ଜର ସଂସାରୀ ବର୍ଗିଆ କହିଛନ୍ତି । ଅନ୍ୟପଟେ ପଦ୍ମତୋଳା, ବଡ଼ ପାହାଡ,ସୁନାଖଣିଆଁ ପାହାଡ଼, ଦିମ୍ବିରିଆ ପାହାଡ଼ରେ ଲାଗିଥିବା ନିଆଁକୁ ଆୟତ କରିଛି ବନବିଭାଗର ନିୟୋଜିତ ଥିବା କର୍ମଚାରୀ। ଅନ୍ୟ ପଟେ ଏକା ବେଳେ ସାତଖଣ୍ଡ, ନନ୍ଦାଗାଡୁ ରେ ମଧ୍ୟ ନିଆଁ ଲାଗିଥିବାର ଦେଖିବାକୁ ମିଳିଥିଲା। ସୂଚନା ମତେ କେନ୍ଦୂ ପତ୍ର ତୋଳାଳୀ ଓ ଜଙ୍ଗଲ ଜନ୍ତୁ ଶିକାରୀ ମାନେ ଏଭଳି ଜଙ୍ଗଲରେ ନିଆଁ ଲଗାଇ ଥିବାର ସାଧାରଣରେ ଚର୍ଚ୍ଚା ହେଉଛି। ଦେଖିବକୁ ଗଲେ ଦୁଇ ତିନି ଦିନ ହେଲା ବୌଦ୍ଧରେ ୪୪ ଡିଗ୍ରୀ ପାରଦ ଥିବା ବେଳେ ଜଙ୍ଗଲରେ ନିଆଁ ଲାଗିଲା ପରେ ଜନଜୀବନ ଆଉଟିକେ ଅସ୍ତବ୍ୟସ୍ତ ହୋଇ ଯାଉଥିବାର ଦେଖିବାକୁ ମିଳିଛି ।

ସମ୍ଭାବ୍ୟ ରୌଦ୍ରତାପର ମୁକାବିଳା ପାଇଁ ବୈଠକ

ଝାରସୁଗୁଡ଼ା, (ସବ୍ୟୁ): ସାଧାରଣ ନିର୍ବାଚନ ସମୟରେ ସମ୍ଭାବ୍ୟ ରୌଦ୍ରତାପର ମୁକାବିଲା ସହ ନିର୍ବାଚନର ସଫଳ ପରିଚାଳନା ନେଇ ଜିଲ୍ଲା ନିର୍ବାଚନ ଅଧିକାରୀ ଓ ଜିଲ୍ଲାପାଳ ଆବୋଲୀ ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ମୂଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସଂଜୀବ ପଟେଲଙ୍କ ସମେତ ବିଡ଼ିଓ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ମତଦାନ ପୂର୍ବଦିନ , ମତଦାନ ଦିନ, ଗଣତି ଓ ପୂର୍ବ ଦିନ , ମତଦାନ କେନ୍ଦ୍ରକୁ ଆନୁସଙ୍ଗିକ ସାମଗ୍ରୀ ନେବା ଦିନ ଓ ସେ ସବୁକୁ ଗ୍ରହଣ କରିବା ଦିନ, ଷ୍ଟ୍ରଙ୍ଗ ରୁମ , ମତଦାନ କେନ୍ଦ୍ର ଓ ଭୋଟ ଗଣତି କେନ୍ଦ୍ରରେ ଯେପରି ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ରହିବ ସେ ନେଇ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହିପରି ମତଦାନ ଅନୁଷ୍ଠିତ ହେଉଥିବା ସ୍କୁଲ ମାନଙ୍କରେ ବିଦ୍ୟୁତ ସଂଯୋଗ,ପାନୀୟ ଜଳ ସହ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ ନେଇ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ସମ୍ପୃକ୍ତ ଅଧିକାରୀଙ୍କୁ ତଦାରଖ ଓ ଏହାକୁ ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ। ମତଦାନ ଦିନ ଆବଶ୍ୟକ ସ୍ଥଳେ ଜଳଛତ୍ରର ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଭୋଟ ଗ୍ରହଣ କେନ୍ଦ୍ରଗୁଡିକରେ ଆବଶ୍ୟକ ସ୍ଥଳେ ଭାଙ୍ଗିଥିବା ପାଚେରୀ, ଝରକା ଓ କବାଟ ମରାମତି , ଡାକ୍ତର ଓ ପାରା ମେଡ଼ିକାଲ କର୍ମଚାରୀ ମୁତୟନ, ଏନ୍ ସି ସି , ଏନ୍ ଏସ୍ ଏସ୍ ଓ ସ୍କାଉଟ ବାହିନୀ ମୁତୟନ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଭୋଟଦାନ ପାଇଁ ଆବଶ୍ୟକୀୟ ସାମଗ୍ରୀ , ପୁଲିସ , ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଆଦିଙ୍କ ଯାତାୟତ ସକାଶେ ଆବଶ୍ୟକୀୟ ଯାନବାହନର ବ୍ୟବସ୍ଥା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ମୋବାଇଲ ମେଡ଼ିକାଲ ଭ୍ୟାନ ପ୍ରସ୍ତୁତ ରଖିବା ଓ ନିର୍ବାଚନ ଦିନ ନିର୍ବାଚନରେ ନିୟୋଜିତ ହେବାକୁ ଥିବା ସମସ୍ତ କର୍ମଚାରୀ ଯେପରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ବୀମା ଯୋଜନା ଅନ୍ତର୍ଭୁକ୍ତ ହେବେ ଓ ଆବଶ୍ୟକ ହେଲେ ମାଗଣା ଚିକିତ୍ସାର ସୁବିଧା ପାଇ ପାରିବେ ସେ ନେଇ ନିର୍ଦ୍ଦେଶ ଦିଆଯାଇଛି ।

ଯୁବକର ରକ୍ତ ଜୁଡୁବୁଡୁ ମୃତ ଦେହ ଉଦ୍ଧାର, ହତ୍ୟା ସନ୍ଦେହ

ବୌଦ୍ଧ, (ସବ୍ୟୁ): ବୌଦ୍ଧ ଜିଲ୍ଲା ବଘିଆପଡା ଫାଣ୍ଡି ଅର୍ନ୍ତଗତ ଗୌଡଦେଇ ନିକଟରେ ପୁଲିସ ଆଜି ସକାଳେ ଏକ ଯୁବକର ରକ୍ତ ଜୁଡୁବୁଡୁ ମୃତ ଦେହ ଉଦ୍ଧାର କରିଛି । ଯୁବକକୁ କେହି ମାରି ଫିଙ୍ଗି ଦେଇ ଥିବା ଅନୁମାନ କରାଯାଉଛି ।

ମୃତ ଯୁବକ ଜଣକ ହେଲେ ବଘିଆପଡା ଗ୍ରାମପଞ୍ଚାୟତ ଜମୁପାଲି ଗ୍ରାମର ୫୦ ବର୍ଷୀୟା ବିଭୀଷଣ ମହାରଥି ବୋଲି ପରିବାର ଲୋକ ଚିହ୍ନଟ କରିଛନ୍ତି । ଖବର ପାଇ ସକାଳୁ ଘଟଣା ସ୍ଥଳରେ ବୌଦ୍ଧ ଏସଡିପିଓ କୁଳଦୀପ ମିନା ଓ ବୌଦ୍ଧ ଥାନା ଅଧିକାରୀ ରଂଜିତ ମୁନୀ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ସାଇଣ୍ଟିଫିକ ଟିମ ସକାଳୁ ତଦନ୍ତ କରିବା ସହ ସନ୍ଧ୍ୟାରେ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ କରିଛନ୍ତି। ପୁଲିସ ଶବକୁ ଜବତ କରିବା ସହ ପୋଷ୍ଟମର୍ଟମ ପାଇ ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ଏନେଇ ମୃତ ବିଭିଷଣ କୁ କେହି ହତ୍ୟା କରିଥିବା ନେଇ ପରିବାର ପକ୍ଷରୁ ବୌଦ୍ଧ ଥାନାରେ ଅଭିଯୋଗ କରିଛନ୍ତି । ଏନେଇ ବୌଦ୍ଧ ଥାନା ଅଧିକାରୀ ରଂଜିତ ମୁନୀଙ୍କୁ ପଚାରିବାରୁ ଏକ ମାମଲା ରୁ

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର

ଅସିତ ମହାନ୍ତି

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର (୧୮୮୮ରୁ ୧୯୫୩ ଜୀବନକାଳ) ଥିଲେ ଜଣେ ପ୍ରତିଷ୍ଠିତ ଓଡିଆ କବି, ଲେଖକ ଏବଂ ସ୍ୱାଧୀନତା ସଂଗ୍ରାମୀ । ସରଳ ଏବଂ କୋମଳ ଭାଷାରେ ତାଙ୍କ କବିତାଗୁଡିକ ରଚିତ ହୋଇଥିବାରୁ, ତାଙ୍କୁ 'କାନ୍ତକବି' ବୋଲି କୁହାଯାଏ । ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ଗଳ୍ପ , ଉପନ୍ୟାସ ଏବଂ ହାସ୍ୟରସାତ୍ମକ କବିତା ଦ୍ୱାରା ସେ ସମୃଦ୍ଧ କରିଥିଲେ । ହାସ୍ୟରସ ସଙ୍ଗେ ସଙ୍ଗେ ଜାତୀୟତାବୋଧ ମଧ୍ୟ ତାଙ୍କ କବିତାର ଅଙ୍ଗ ଥିଲା । 'ବନ୍ଦେ ଉତ୍କଳ ଜନନୀ' ତାହାର ଜ୍ୱଳନ୍ତ ଉଦାହରଣ । ସେ ଡଗର ନାମରେ ଏକ ପତ୍ରିକା ପ୍ରକାଶ କରୁଥିଲେ, ଯାହା ବିଭିନ୍ନ ପ୍ରକାରରେ ପ୍ରବନ୍ଧ ପ୍ରକାଶ କରିଥିଲା । ଯେପରିକି ବ୍ୟଙ୍ଗ, ଶିଶୁ କାହାଣୀ, ରାଜନୈତିକ ଏବଂ ସାମାଜିକ ସମାଲୋଚନା । ଲକ୍ଷ୍ମୀକାନ୍ତ ଭଦ୍ରକ ଜିଲ୍ଲାର ତିହିଡି ବ୍ଲକର ତାଳପଡା ଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଜମିଦାର ଚୌଧୁରୀ ଭଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର ଏବଂ ମାତାଙ୍କ ନାମ ରାଧାମଣି ଦେବୀ । ସେ ଭଦ୍ରକ ଜିଲ୍ଲାର ତାଳପଡା ଗାଁର ମୂଳ ବାସିନ୍ଦା ଥିଲେ । ଯାହା ତତ୍କାଳୀନ ବଙ୍ଗଳା ପ୍ରେସିଡେନ୍ସିର ଅଂଶ ଥିଲା । ତାଙ୍କ ପିତା ବିହାର ଏବଂ ଓଡ଼ିଶା ବିଧାନ ପରିଷଦର ଚାରିଥର ପ୍ରତିନିଧିତ୍ୱ କରିଥିଲେ ଏବଂ ଦୁଇଥର ଏହାର ଉପାଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିଲେ ।

ଲକ୍ଷ୍ମୀକାନ୍ତ ତାଙ୍କ ପିଲାଦିନକୁ ତାଙ୍କ ମାତା ମାମୁଁ ଘରେ ବିତାଇ ବାଲେଶ୍ୱରରେ ଅଧ୍ୟୟନ କରିଥିଲେ । ଇଣ୍ଟରମିଡିଏଟ ପାସ୍ କରିବା ପରେ ସେ ଉଚ୍ଚଶିକ୍ଷା ପାଇଁ କୋଲକାତାର ପିଓନ୍ କଲେଜରେ ଅଧ୍ୟୟନ କରିଥିଲେ । ସେ ୧୯୧୩ରେ ରେଭେନ୍ସା କଲେଜକୁ ଫେରି ସ୍ନାତକୋତ୍ତର ଡିଗ୍ରୀ ସମାପ୍ତ କରିଥିଲେ । ସେ ଜମିଦାର ଲାଲମୋହନ ଦାସଙ୍କ ଝିଅ ଲବଙ୍ଗଲତାଙ୍କୁ ବିବାହ କରିଥିଲେ । କ୍ୟାରିୟର ଆରମ୍ଭରେ ସେ କୁଷ୍ଠ ରୋଗରେ ପୀଡିତ ହୋଇଥିଲେ ଏବଂ ତାଙ୍କର ଶାରୀରିକ କାର୍ଯ୍ୟକଳାପ ବନ୍ଦ ହୋଇଯାଇଥିଲା । ତଥାପି ଏହା ତାଙ୍କୁ ସାହିତ୍ୟିକ ଦୃଶ୍ୟରେ ସକ୍ରିୟ ରହିବାକୁ ଅଟକାଇ ନଥିଲା । ଲକ୍ଷ୍ମୀକାନ୍ତ ନାଟକ, ପାରୋଡି, କବିତା, କ୍ଷୁଦ୍ରଗଳ୍ପ ଏବଂ ଉପନ୍ୟାସର ଧାରାବାହିକରେ ସାହିତ୍ୟିକ ରଚନା କରିଥିଲେ । ତାଙ୍କର ସାହିତ୍ୟିକ ଶୈଳୀ ଜାତୀୟତାବାଦୀ ଉତ୍ସାହ ଏବଂ ତୀକ୍ଷ୍ଣ ବ୍ୟଙ୍ଗରେ ପରିପୂର୍ଣ୍ଣ ଥିଲା । ସେ ଅଳ୍ପ କିଛି ଲେଖକଙ୍କ ମଧ୍ୟରୁ ଜଣେ ଯିଏକି ଓଡ଼ିଆ ସାହିତ୍ୟରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ ଯେଉଁ ସମୟରେ ଏହାର ଅସ୍ତିତ୍ୱ ବିପଦରେ ଥିଲା । ସେ ଯେତିକି ଲୋକଙ୍କ କାହାଣୀକୁ ତାଙ୍କ କାର୍ଯ୍ୟରେ ଆଣିଥିଲେ, ତାଙ୍କ କାର୍ଯ୍ୟ ମଧ୍ୟ ସାହିତ୍ୟକୁ ସେମାନଙ୍କ ନିକଟକୁ ନେବା ଦାୟିତ୍ୱ ଗ୍ରହଣ କଲା । ସାହିତ୍ୟ ମାଧ୍ୟମରେ ସେ ହଜାର ହଜାର ଲୋକଙ୍କ ନିକଟରେ ଜାତୀୟତାବାଦୀ ଉତ୍ସାହ ବିସ୍ତାର କରିଥିଲେ ଏବଂ ସେମାନଙ୍କ ମଧ୍ୟରେ ଦେଶପ୍ରେମର ଭାବନା ଜାଗ୍ରତ କରିଥିଲେ । ଜଣେ ରାଜନୈତିକ ସମାଲୋଚକ ଭାବରେ ରାଜନେତା ତଥା ସାମ୍ରାଜ୍ୟ ମୁଖିଆଙ୍କ ଉପରେ ତାଙ୍କର ତୀବ୍ର ସମାଲୋଚନା ତାଙ୍କୁ ଏକ ଅନୁକୂଳ ସୁନାମ ଦେଇଥିଲା । ସେ ଜଣେ ସଂଗୀତଜ୍ଞ ଏବଂ ଅଭିନେତା ମଧ୍ୟ ଥିଲେ । ସେ ଓଡ଼ିଶାରେ କଳା ପ୍ରଦର୍ଶନ କରିବାର ସମୃଦ୍ଧ ପରମ୍ପରାରେ ମଧ୍ୟ ଅତୁଳନୀୟ ଅବଦାନ ରଖିଛନ୍ତି । ସେ ତାଙ୍କ ଗାଁରେ ଗୋପୀନାଥ ନାଟ୍ୟ ସମାଜ ନାମକ ଏକ ନାଟକୀୟ ଗ୍ରୁପ ଗଠନ କରିଥିଲେ । ଲକ୍ଷ୍ମୀକାନ୍ତଙ୍କ ରଚିତ କବିତାଗୁଡିକ ସ୍ୱାଧୀନତାପ୍ରେମୀମାନଙ୍କୁ ଏକଜୁଟ କରାଇବାରେ ସାହାଯ୍ୟ କରିଥିଲା । ୧୯୩୩ରେ ତାଙ୍କୁ ଭଦ୍ରକ ହାଇସ୍କୁଲ ପ୍ରାଙ୍ଗଣରେ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ସଭାରେ ତାଙ୍କୁ 'କାନ୍ତକବି' ଉପାଧି ଦିଆଯାଇଥିଲା । ୧୯୨୦ର ଅସହଯୋଗ ଆନ୍ଦୋଳନ ଏବଂ ୧୯୩୦ର ଲବଣ ସତ୍ୟାଗ୍ରହ କାନ୍ତକବିଙ୍କ ପରିବାର ଉପରେ ଗଭୀର ପ୍ରଭାବ ପକାଇଥିଲା ।

ଏହି ଆନ୍ଦୋଳନର ସୂତ୍ରଧାର ମହାତ୍ମା ଗାନ୍ଧିଙ୍କ ଆହ୍ୱାନ ଲକ୍ଷ୍ମୀକାନ୍ତଙ୍କ ପରିବାରକୁ ଦେଶପ୍ରେମରେ ବୁଡ଼ାଇଦେଇଥିଲା । ତାଙ୍କ ବାପା, ଦୁଇ ସାନ ଭଉଣୀ ଏବଂ ସାନ ଭାଇ କମଳାକାନ୍ତ ପ୍ରମୁଖ ୧୯୩୦ର ଇଞ୍ଚୁଡି ଲବଣ ସତ୍ୟାଗ୍ରହରେ ପ୍ରତ୍ୟକ୍ଷ ଭାବେ ଯୋଗ ଦେଇଥିଲେ । କାନ୍ତକବିଙ୍କ ବଡ ପୁଅ ନିତ୍ୟାନନ୍ଦ ମହାପାତ୍ର ଏଥିରେ ଏକ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ । ସେହି ସମୟରେ ଏହିସବୁ ଆନ୍ଦୋଳନରେ ଜନସାଧାରଣଙ୍କୁ ଯୋଗଦାନ ପାଇଁ ଏବଂ ସେମାନଙ୍କୁ ଜାତୀୟତା ପ୍ରତି ଆକର୍ଷଣ କରିବା ପାଇଁ କାନ୍ତକବି ନିଜ କଲମର ସାହାଯ୍ୟ ନେଇଥିଲେ ।

ଗଳ୍ପ, ନାଟକ, କବିତା ଏବଂ ଉପନ୍ୟାସ ଆଦି ରଚନା କରି ଲୋକମାନଙ୍କ ମଧ୍ୟରେ ଦେଶପ୍ରେମର ଭାବନା ଜାଗୃତ କରିବା ପାଇଁ ଲାଗି ପଡ଼ିଥିଲେ । କାନ୍ତକବିଙ୍କ ଦ୍ୱାରା ରଚିତ କବିତା ଲୋକମାନଙ୍କୁ ଏକଜୁଟ କରିବାରେ ସାହାଯ୍ୟ କଲା । ସେଥିପାଇଁ ସାଧାରଣ ଜନତାଙ୍କୁ ଇଂରେଜମାନଙ୍କ ବିରୋଧରେ ଲଢ଼ିବାକୁ ଏବଂ ସ୍ୱାଧୀନତାପ୍ରାପ୍ତ କରିବାକୁ ସେ କବିତାକୁ ନିଜର ଅସ୍ତ୍ର ଭାବରେ ବ୍ୟବହାର କଲେ । ସେତେବେଳେ ଓଡ଼ିଆ ସାହିତ୍ୟରେ ସତ୍ୟବାଦୀ ଯୁଗ ଚାଲିଥିଲା । ନୀଳକଣ୍ଠ ଦାସ ଏବଂ ଗୋଦାବରୀଶ ମିଶ୍ରଙ୍କ ଭଳି ପାଠ ପ୍ରଦର୍ଶକମାନେ ପୁରାତନ ଖ୍ୟାତି, ସମ୍ଭ୍ରାନ୍ତ ପୃଷ୍ଠଭୂମି ଏବଂ ପରମ୍ପରାକୁ ନେଇ ଜାତୀୟତାର ବାର୍ତ୍ତା ପ୍ରଚାର କରୁଥିବାବେଳେ ମହାତ୍ମା ଗାନ୍ଧିଙ୍କର ନୀତି ଆଦର୍ଶ ଅସଂଖ୍ୟ ଜନସାଧାରଣଙ୍କୁ ଜାତୀୟତା ପ୍ରତି ଆକର୍ଷଣ ସୃଷ୍ଟି କରୁଥିଲା । ସେହିମାନଙ୍କଠାରୁ କାନ୍ତକବିଙ୍କୁ ଅଧିକରୁ ଅଧିକ ଉତ୍ତମ ଏବଂ ଶକ୍ତିଶାଳୀ କବିତା ଲେଖିବାକୁ ପ୍ରେରଣା ମିଳିଥିଲା, ଯାହାକି ସମାଜର ତୃଣମୂଳ ସ୍ତରରେ ପହଞ୍ଚିଥିଲା ।

ବାସ୍ତବରେ ସେ ତାଙ୍କ ସାହିତ୍ୟକୁ ଜନସାଧାରଣଙ୍କୁ ଇଂରେଜମାନଙ୍କ ବିରୁଦ୍ଧରେ ଲଢ଼ି ଦେଶରୁ ହଟାଇବାପାଇଁ ବ୍ୟବହାର କରିଥିଲେ । ଏହାହିଁ ହେଉଛି ତାଙ୍କର ସାହିତ୍ୟ ପ୍ରତି ଦୃଷ୍ଟିକୋଣ ଏବଂ ସେ ଏଥିରେ ସଫଳତା ହାସଲ କରିଥିଲେ । ଓଡ଼ିଆ ଜାତି ମଧ୍ୟରେ ନିକୃଷ୍ଟତାକୁ ଦୂର କରି ଆତ୍ମବିଶ୍ୱାସ ଯୋଗାଇବା ଏହି କବିତାଗୁଡିକର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଓଡ଼ିଆମାନଙ୍କର ହଜିଯାଇଥିବା ଖ୍ୟାତି ଏବଂ ପୁରାତନ ପରମ୍ପରାକୁ ଫେରିପାଇବା ତଥା ମାତୃଭୂମି ଏବଂ ମାତୃଭାଷା ପ୍ରତି ପ୍ରେମ ଓ ଭକ୍ତି ଜାଗ୍ରତ କରିବା ଏହି କବିତାଗୁଡିକର ଅନ୍ୟ ଏକ ପ୍ରମୁଖ ଉଦ୍ଦେଶ୍ୟ ଥିଲା । ମାତୃଭୂମିର ସେବା କରିବା ପାଇଁ ଦୁଇଟି ମୁଖ୍ୟ ଅସ୍ତ୍ର ହେଉଛି ତ୍ୟାଗ ଏବଂ ସମର୍ପଣ ଭାବ । ଏହି କଥା ସେ ତାଙ୍କ ଏକ କବିତା ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚାଇଥିଲେ । ଏହି ସମୟରେ ଭଦ୍ରକରେ କଂଗ୍ରେସ କମିଟିର ସଭା ହୋଇଥଲା । ଯେଉଁଥିରେ ସାଧାରଣ ଜନତାଙ୍କ ସହିତ ଗଣମାନ୍ୟ ବ୍ୟକ୍ତିମାନେ ସେହି ସଭାରେ ଉପସ୍ଥିତ ଥିଲେ । ଏହି ସଭାରେ କାନ୍ତକବିଙ୍କ ଦ୍ୱାରା ଲିଖିତ କବିତାଟି ପ୍ରାରମ୍ଭ ସଙ୍ଗୀତ ଭାବରେ ଆବୃତ୍ତି କରାଯାଇଥିଲା । ଏହି ହୃଦୟସ୍ପର୍ଶୀ କବିତାଟି ଉପସ୍ଥିତ ଶ୍ରୋତା ମଣ୍ଡଳୀଙ୍କ ମୋହିତ କରିଥିଲା ଏବଂ ଜାତୀୟତା ପ୍ରେମରେ ବାନ୍ଧି ଦେଇଥିଲା । ଶାନ୍ତ ଏବଂ ଗମ୍ଭୀର ସଭାଟି ହଠାତ ମନ୍ତ୍ରମୁଗ୍ଧ ହୋଇଉଠିଥିଲା । ଉତ୍କଳମଣି ଗୋପବନ୍ଧୁ ଦାସ ମଧ୍ୟ ସେହି ସଭାରେ ଉପସ୍ଥିତ ଥିଲେ । ସେ ଅନୁଗ୍ରହ ହୃଦୟର ସହ ମଞ୍ଚ ଉପରୁ ତଳକୁ ଓହ୍ଲାଇ ଆସିଥିଲେ ଏବଂ ଲକ୍ଷ୍ମୀକାନ୍ତଙ୍କୁ ପ୍ରଶଂଶା କରି କହିଲେ ,ଏହା କେତେ ସୁନ୍ଦର କବିତାଟିଏ ରଚନା କରିଛ ଲକ୍ଷ୍ମୀକାନ୍ତ ! ଉତ୍କଳମଣିଙ୍କର ଏହି ପ୍ରଶଂଶାର ବାଣୀ ସେହି କବିତାର ଚୁମ୍ବକୀୟ ଆକର୍ଷଣକୁ ଉଜ୍ଜୀବିତ କରିଥିଲା ।

ଏହା ଦେଶପ୍ରେମ ଯୋଗାଇବା ସହିତ ଅନେକଙ୍କ ହୃଦୟରେ ଉଦ୍ଦୀପନା ସୃଷ୍ଟି କଲା । ମାତୃଭୂମି ପାଇଁ କିଛି କରିବାପାଇଁ ହୃଦୟରୁ ଆପେ ଆପେ ଦେଶପ୍ରେମ ଜାଗ୍ରତ ହେଲା । କାନ୍ତକବିଙ୍କ ରଚନା ବଳି ୨ ଖଣ୍ଡରେ ରହିଛି । ଏଥିରେ ୩୩ ଟି ଦେଶପ୍ରେମ କବିତା ରହିଛି । ଏଥିରୁ ୨୬ ଟି କବିତା ପ୍ରଥମ ଖଣ୍ଡରେ ରହିଛି । ଯାହା ଭିତରୁ ଦୁଇଟି କବିତା ଅତ୍ୟନ୍ତ ଜଣାଶୁଣା – ଗୋଟିଏ ହେଉଛି ବନ୍ଦେ ଉତ୍କଳ ଜନନୀ ଓ କେ କହିବ ଆଜି ଭାରତ..... । ବାକି ୭ ଟି କବିତା ଦ୍ୱିତୀୟ ଭାଗରେ ଅଛି ଏବଂ ସେଗୁଡିକ ହେଲା – ପ୍ରଳୟ ଦୁନ୍ଦୁଭି, ଉନ୍ମାଦ, ଆର୍ଯ୍ୟ ବାହିନୀ, ବିଜୟ ବନ, ଜାତୀୟ ପତାକା, ସମର ସଙ୍ଗୀତ । ସେ ତାଙ୍କର ଅସମ୍ପୂର୍ଣ୍ଣ ଉପନ୍ୟାସ କଣା ମାମୁଁ ଓ କ୍ଷୁଦ୍ର ଗଳ୍ପ ବୁଢା ଶଙ୍ଖାରି ପାଇଁ ଓଡ଼ିଶାର ଘରେ ଘରେ ପରିଚିତ । ତାଙ୍କ ରଚିତ ବନ୍ଦେ ଉତ୍କଳ ଜନନୀ ଉତ୍କଳ ସମ୍ମିଳନୀ ସଭାରେ ଗାନ କରାଯାଇଥିଲା ଓ ମଧୁସୂଦନ ଦାସ ଏହାର ଭୁୟସୀ ପ୍ରଶଂସା କରିଥିଲେ । ଏହି ଗୀତକୁ ୨୦୨୦ ରେ ଓଡିଶାର ରାଜ୍ୟ ସଙ୍ଗୀତର ମାନ୍ୟତା ଦିଆଯାଇଥିଲା । ୧୯୫୩ ମସିହା ଫେବୃଆରୀ ୨୪ ତାରିଖ ଦିନ ଏହି ମହାନ ସାହିତ୍ୟକାର ପ୍ରାଣତ୍ୟାଗ କରିଥିଲେ । ତାଙ୍କର ନିଃସ୍ୱାର୍ଥପର ଦେଶସେବା ଏବଂ ସାହିତ୍ୟର ସୃଷ୍ଟି କେବଳ ମାତ୍ର ମାତୃଭୁମିର ସମ୍ମାନକୁ ଏକ ଉଚ୍ଚ ଶିଖରରେ ପହଞ୍ଚାଇଥିଲା । ତାଙ୍କ ସାହିତ୍ୟ ସୃଷ୍ଟିର ଉଦ୍ଦେଶ୍ୟ କେବଳ ମାତ୍ର ଭାରତକୁ ସ୍ୱାଧୀନ କରିବାରେ ହିଁ ନିହିତ ଥିଲା । ଏହି ମହାନ କାର୍ଯ୍ୟ ପାଇଁ ସେ ଓଡିଶାବାସୀଙ୍କ ମନ ମସ୍ତିଷ୍କରେ ସର୍ବଦା ଉଜ୍ଜ୍ୱଳ ତାରକା ଭାବେ ରହିବେ ।

ସୁଜନପୁର , ଯାଜପୁର
ମୋ–୯୩୪୮୭୬୮୮୧୨

ଛୁଟି

ଡ଼ ସୀତାକାନ୍ତ ତ୍ରିପାଠୀ

ମିନିଗଳ୍ପ

ମା' ଲୋ ଏଥର ମୁଁ ଛୁଟିରେ ଘରକୁ ଯିବା ପାଇଁ ଯେଉଁ ପ୍ଲାନ କରିଥିଲି ଆଉ ଯାଇ ପାରିବି ନାହିଁ । ଲମ୍ବା ଛୁଟି ମିଳୁନି ତା'ଛଡ଼ା ପିଲାମାନେ କହୁଛନ୍ତି ୩–୪ ଦିନ ପାଇଁ ଟିକେ ବାହାରକୁ ପିକ୍‌ନିକ୍ କରିବା ପାଇଁ ଯିବେ । ପୁଣି ଖରାଦିନ ଛୁଟି ହେଲେ ନିଶ୍ଚୟ ଯିବି । ଫୋନ୍‌ରୁ ଏକଥା ଶୁଣି ମିନି ଦେବୀ ମନେମନେ ଭାବୁଥିଲେ ଦିନେ ତାଙ୍କ ସ୍ୱାମୀ କହିଥିଲେ 'ଦେଖ ମିନି, ମୁଁ ସିନା ଜଣେ ସ୍ୱଳ୍ପ ବେତନ ଭୋଗୀ କର୍ମଚାରୀ, ଆମ ପିଲେ ପାରିଗଲେ ତମକୁ ସବୁ କାମରୁ ଛୁଟି ମିଳିବ, ଆଉ ଆରାମ ହିଁ ଆରାମ' । ହେଲେ ଆଜି ...

ସକାଳୁ ସକାଳୁ ସାନ ପୁଅକୁ ନେଇ ଡାକ୍ତର ଦେଖାଇ ସାରି ଅଫିସରେ ପହଞ୍ଚିବା ପାଇଁ ଅଭିନ୍ନ ବାବୁଙ୍କର ୫ ମିନିଟ୍ ବିଳମ୍ବ ହୋଇଗଲା । ପହଞ୍ଚିବା ବେଳକୁ ଗେଟ୍ ବନ୍ଦ, ଗାର୍ଡ କହିଲା ଆଜ୍ଞା, ଆପଣଙ୍କୁ ଛାଡ଼ି ଦେଲେ ମୋର ଚାକିରିରୁ ଛୁଟି ହୋଇଯିବ । ମ୍ୟାନେଜର ସାରଙ୍କୁ ଫୋନ୍ କରନ୍ତୁ ନହେଲେ ଭିତରକୁ ଯିବା ମନା । ଅଭିନ୍ନ ବାବୁ ଜାଣନ୍ତି ପ୍ରାଇଭେଟ୍ ଚାକିରିରେ ପହଞ୍ଚିବା ଟାଇମ୍ ସିନା ଠିକ୍ ଥାଏ କିନ୍ତୁ ଫେରିବା ଟାଇମ୍ ... । ତାଙ୍କ ପରି ଜଣେ ସଚ୍ଚୋଟ କର୍ମଚାରୀ ଆତ୍ମସମ୍ମାନର ସହିତ ଘରକୁ ଫେରିଆସି ଛୁଟି ଦରଖାସ୍ତ ଲେଖିବା ପାଇଁ ଉଚିତ୍ ମନେ କଲେ ଅ । ଉ ଭାବୁଥିଲେ, ଯେ ଉଁ କର୍ମଚାରୀମାନେ ଘରକୁ ଅଫିସ୍ ଅ । ଉ ଯେଉଁମାନେ ଅଫିସ୍‌କୁ ଘର ମନେ କରନ୍ତି ତା ଭିତରେ କ'ଣ କିଛି ଫରକ ନାହିଁ ?

ତଳଗୋପ ବିନ୍ଧା,ଅର୍ଣ୍ଣପାଳ
ଭଦ୍ରକ, ମୋ––୯୭୭୮୭୬୪୩୯୪

ଦଣ୍ଡଯାତ୍ରାରେ ସାମାଜିକ ରୂପକଳ୍ପ

ଡ.ଇଂ.ସଞ୍ଜୟ କୁମାର ପଣ୍ଡା

ପ୍ରସିଦ୍ଧ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ସଂଗୃହିତ ପୂର୍ଣ୍ଣଚନ୍ଦ୍ର ଓଡିଆ ଭାଷାକୋଷ ଅନୁସାରେ ଯାତ୍ରା (ଯା ଧାତୁ ତ୍ର ଭାବ ଆ) ବର୍ଣ୍ଣିତ ହୋଇଛି, ଯାହାର ଅର୍ଥ ଭ୍ରମଣ ବା ଗମନ କରିବା । ସେହିପରି ଶୁଭ ପରିଣୟ, ବ୍ରତୋପନୟନ, ପୁଣ୍ୟପର୍ବ ଓ ଦେବୋତ୍ସବ ଆଦିକୁ ଯାନିଯାତ୍ରା ଭାବେ ବିବେଚନା କରାଯାଏ । ଅତଏବ ଦେବତାମାନଙ୍କୁ ବିମାନରେ ଉପବେଶନ କରାଇ ଏକ ସ୍ଥାନରୁ ଅନ୍ୟତ୍ର ଭ୍ରମଣ କରିବାକୁ ଯାତ୍ରା କୁହାଯାଏ । ଓଡିଆ ଧର୍ମୀୟ ପ୍ରଭାବରେ ବାରମାସରେ ତେରପର୍ବ ଅନୁଷ୍ଠିତ । ଜଗନ୍ନାଥ ସଂସ୍କୃତିରେ ପ୍ରତ୍ୟେକ ଦିନ ପର୍ବ ପାଳିତ ହୁଏ । କିନ୍ତୁ ଯେଉଁ ପର୍ବରେ ଲୋକଙ୍କ ବହୁ ସଂଖ୍ୟାରେ ଯୋଗଦାନ ହୁଏ ତାହାକୁ ମେଳା କୁହାଯାଏ । ହିନ୍ଦୁ ଧର୍ମ ପରମ୍ପରାରେ ଦେବତାମାନଙ୍କୁ ମାନବୀୟ ସ୍ୱରୂପ ପ୍ରଦାନ କରାଯାଇ ଭକ୍ତଙ୍କ ସହ ଭାବ ମିଳନ ନିମନ୍ତେ ସ୍ୱସ୍ଥାନରୁ ଅନ୍ୟ ସ୍ଥାନକୁ ଗମନ ନିମନ୍ତେ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଭକ୍ତର ଭଗବାନ ହୋଇଥିବାରୁ ନିଜ ଯାତ୍ରା ମାଧ୍ୟମରେ ଲୋକମାନଙ୍କ ସହ ମିଶିବା ଖେଳିବା ଓ ସୁଖ ଦୁଃଖରେ ସାମିଲ ହେବାର ଧର୍ମ ପ୍ରବାହ ହିନ୍ଦୁ ଧର୍ମକୁ ଲୋକଧର୍ମ ଭାବେ ବିବେଚନା କରାଯିବା ସହ ବିଶ୍ୱର ଶ୍ରେଷ୍ଠ ଧର୍ମର ମାନ୍ୟତା ପ୍ରଦାନ କରିଛି। ଏହି ଉପକ୍ରମରେ ଯାତ୍ରା ମୁଖ୍ୟତଃ ଲୋକଦେବତା କଳ୍ପନା ସମ୍ଭୁତ ହୋଇଥିବା ବେଳେ ବୈଦିକ ଦେବତା ଶାସ୍ତ୍ରୀୟ ଅଟନ୍ତି । ବୈଦିକ ଦେବତାଙ୍କ ନାମ ଓ ସ୍ୱରୂପ ପ୍ରାୟତଃ ସମାନ ଥିବାବେଳେ ଲୋକ ଦେବାଦେବୀଙ୍କ ନାମ ସ୍ୱରୂପ ଭୌଗଳିକ ଦୃଷ୍ଟିକୋଣ, ଗ୍ରାମ ସରହଦ, ବିଶ୍ୱାସ, ଜୀବନଚର୍ଯ୍ୟାକୁ ଆଧାରିତ କରି ଭିନ୍ନ ଭିନ୍ନ ହୋଇଥାଏ । କିନ୍ତୁ ଉଭୟଙ୍କ ଯାତ୍ରା, ଉତ୍ସବରେ ଭକ୍ତି ହିଁ ସର୍ବସ୍ୱ ଥିବା ସହ ମନୋରଞ୍ଜନର ପ୍ରଭାବ ମଧ୍ୟ ଅନୁଭୂତ ହୁଏ । ଭକ୍ତି ପୂର୍ଣ୍ଣ ଧର୍ମ ପାଳନ ମାନବ ଜୀବନରେ ଶାନ୍ତି ପ୍ରଦାନ କରିବା ସହ ଅଭୟ ହେବାର ବିଶ୍ୱାସ ରହିଛି । ଯାତ୍ରାରେ ଭକ୍ତିରସ ଆନନ୍ଦଦାୟକ ହୋଇଥିବାରୁ ଭକ୍ତ ଭକ୍ତିରେ ତଲ୍ଲୀନ ହେବା ଏକ ସୌଭାଗ୍ୟ ଭାବେ ବିବେଚନା କରାଯାଏ ।

ଓଡିଶାର ନଦୀ ଉପତ୍ୟକା, ପାହାଡ ଓ ଅରଣ୍ୟ ପରିବେଷ୍ଟନୀରେ ଆଦିବାସୀ ବହୁଳ ଅଞ୍ଚଳରେ ଆଦିବାସୀ ବା ଲୋକ ସଂସ୍କୃତିର ବିଭବ ସହଜେ ଅନୁମେୟ । ମୂଳ ନିବାସୀ ଭାବେ ଆଦିବାସୀମାନଙ୍କ ଜୀବନଚର୍ଯ୍ୟା ପ୍ରକୃତିର ଚତୁଃର୍ପାର୍ଶ୍ୱରେ କେନ୍ଦ୍ରିଭୂତ ହୋଇଥାଏ । ଜୀବନ ସଂଗ୍ରାମରେ ଜୟଯୁକ୍ତ ହୋଇ ନିଜର ସଭ୍ୟତାକୁ ଅଗ୍ରସର କରିବା ଲକ୍ଷ୍ୟରେ ମାନବ ନିଜର ଅନବରତ ଉଦ୍ୟମ ଜାରିରଖିବା ସହ ନିଜର ଶାନ୍ତି ଓ ସୁରକ୍ଷା ପାଇଁ ପ୍ରକୃତିକୁ ଉପାସନା କରିଛି । ସେ ବୃକ୍ଷ, ପ୍ରସ୍ତର, ଅଗ୍ନି, ଜଳ, ପୃଥିବୀ ଆଦିକୁ ଦେବତା ରୂପେ ପୂଜାକରି ଦୁଃଖନାଶନର ମାର୍ଗ ପ୍ରଶସ୍ତ କରିପାରିଛି । ଏହି ଧର୍ମୀୟ ଭାବନାରୁ ଲୋକଦେବତାଙ୍କ ସୃଷ୍ଟି ।

ଆଦିବାସୀ ସଂସ୍କୃତିରେ ସ୍ତମ୍ଭ ପୂଜାରୁ ଲିଙ୍ଗ ପୂଜା ଓ ବାଡି ପୂଜାରୁ ଦଣ୍ଡ ପୂଜାର ରୂପାନ୍ତର ହୋଇଥିବାର ବିଶ୍ୱାସ କରାଯାଏ । ପ୍ରକୃତି ପୂଜାରୁ ହିଁ ଶୈବ, ଶାକ୍ତ, ଜଗନ୍ନାଥ ସଂସ୍କୃତିର ସୃଷ୍ଟି । ବୁଦ୍ଧଦେବଙ୍କ ମହାନିର୍ବାଣ ପରେ ମୂର୍ତ୍ତି ପୂଜା ସହ ତନ୍ତ୍ରର ପ୍ରବେଶ ହେଲା ଓ ପରେ ଶୈବ ସଂସ୍କୃତିର ସମ୍ପ୍ରସାରଣ ହେବାରୁ ବୌଦ୍ଧ ସଂସ୍କୃତିର ବିଲୟ ହେଲା । ଏହି କାଳରୁ ଦଣ୍ଡନୃତ୍ୟର ପ୍ରଭାବ ଅନୁଭୂତ ହେବା ଗବେଷକଙ୍କ ମତ । ଖ୍ରୀପୂ ୨୦୦ରୁ ୩୦୦ ମଧ୍ୟରେ ଭରତଙ୍କ ନାଟ୍ୟଶାସ୍ତ୍ରରେ ଦଣ୍ଡର ବର୍ଣ୍ଣନା ଥିବାରୁ ଏହା ପୂର୍ବରୁ ଦଣ୍ଡଯାତ୍ରା ପାଳିତ ହେଉଥିବା ସ୍ପଷ୍ଟ ଅନୁମିତ । କିନ୍ତୁ ଡ. କୁଞ୍ଜବିହାରୀ ଦାଶଙ୍କ ମତରେ ଦଣ୍ଡନୃତ୍ୟର ଅବଧି ଖ୍ରୀ ପଞ୍ଚମରୁ ଖ୍ରୀ ନବମ ଶତାବ୍ଦୀ ରହିଛି ।

ଦଣ୍ଡନୃତ୍ୟର ଉତ୍ପତ୍ତି କାଳ ବିଭିନ୍ନ ଗବେଷକଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବାବେଳେ ଏହାର ଉତ୍ପତ୍ତି ସ୍ଥାନକୁ ନେଇ ମଧ୍ୟ ଭିନ୍ନ ଭିନ୍ନ ମତ ରହିଛି । ଖ୍ରୀ ୮୫୦ରେ ସୋମବଂଶୀ ରାଜା ଜନ୍ମେଜୟ ସୋନପୁର ଶାସନ କରୁଥିବାବେଳେ ବୌଦ୍ଧରାଜ୍ୟର ଗନ୍ଧତପତ୍ତନ ରାଜଧାନୀ ଥିଲା । ଏଠାରେ ରାଜା ରଣଭ ହରହରି ଯୁଗଳ ମନ୍ଦିର ସ୍ଥାପନ କରିଥିଲେ । ତାମ୍ର ଶାସନରୁ ବୌଦ୍ଧ ରାଜବଂଶ ପରମ ମହେଶ୍ୱର ବା ପରମଶୈବ ଉପାଧି ପ୍ରାପ୍ତ ଥିବା ଖ୍ରୀ ଷଷ୍ଠ ଶତାବ୍ଦୀରୁ ସ୍ପଷ୍ଟ । ଏଣୁ ସୋମବଂଶୀ ଶାସକ ଜନ୍ମେଜୟଙ୍କ ବୌଦ୍ଧ ଅଧିକାର ପୂର୍ବରୁ ଶୈବ ସଂସ୍କୃତି ବୌଦ୍ଧରେ ଥିଲା । ବୌଦ୍ଧକୁ ଉତ୍ତ୍ରଦେଶ, ମଝିମ ଦେଶ ଭାବେ ପରିଚିତ ଥିବା ସହ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ଏ ଅଞ୍ଚଳରେ ଆଦିବାସୀ ସଂସ୍କୃତି ସହ ଶୈବ, ଶାକ୍ତ, ଜଗନ୍ନାଥ ସଂସ୍କୃତି ଯଥେଷ୍ଟ ପ୍ରାଚୀନ । ଏଥି ସହ ବୌଦ୍ଧ ଓ ବୈଷ୍ଣବ ସଂସ୍କୃତିର ପ୍ରଭାବ ଅନୁଭୂତ ହୋଇଥିବାରୁ

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ବିଶ୍ୱରେ...

୪୨, ଚାନ୍ଦବାଲିରେ ୪୧.୬, ମାଲକାନଗିରିରେ ୪୧.୬ ଓ ଭଦ୍ରକରେ ୪୧.୫ ଡିଗ୍ରୀ ରେକର୍ଡ କରାଯାଇଛି । ତେବେ କଟକ ଓ ଭୁବନେଶ୍ୱର ତାପମାତ୍ରା ହ୍ରାସ ପାଇଛି । ଉଭୟ ସହରରେ ସର୍ବୋଚ୍ଚ ତାପମାତ୍ରା ୪୦.୫ ଡିଗ୍ରୀ ରହିଛି । ପାରଳାଖେମୁଣ୍ଡି, ଯାଜପୁର, ଫୁଲବାଣୀ ଓ ବରଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୪୧ ଡିଗ୍ରୀ ରହିଥିଲା । ସେହିପରି ବାଲେଶ୍ୱର, କେନ୍ଦ୍ରାପଡ଼ା ଓ ଛତ୍ରପୁରରେ ୪୦ ଡିଗ୍ରୀ ରହିଥିଲା ।

ଆସନ୍ତାକାଲି(ରବିବାର) ପାଇଁ ଗ୍ରୀଷ୍ମ ପ୍ରବାହରୁ ଅତି ଗ୍ରୀଷ୍ମ ପ୍ରବାହ ନେଇ ମୟୂରଭଞ୍ଜ, କେନ୍ଦୁଝର ଓ ଅନୁଗୁଳ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ବାଲେଶ୍ୱର, ଯାଜପୁର, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, ଖୋର୍ଦ୍ଧା, କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ହେବା ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଏହାସହ ରବିବାର କନ୍ଧମାଳ, ଗଞ୍ଜାମ, ରାୟଗଡ଼ା, ଗଜପତି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି ଓ ବଲାଙ୍ଗିର ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ କାଳବୈଶାଖୀ ବର୍ଷା ହୋଇପାରେ । ଘଡ଼ଘଡ଼ି ସହିତ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ହୋଇପାରେ । ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ହେବା ନେଇ ପୂର୍ବାନୁମାନ କରାଯାଇଛି । ତେବେ ୨୫ରୁ ପୁଣି ତାତି ବଢ଼ିପାରେ । କେତେକ ସ୍ଥାନରେ ୪୬ ଡିଗ୍ରୀ ବି ଛୁଇଁପାରେ ଦିନ ତାପମାତ୍ରା ।

କେଜରିୱାଲଙ୍କୁ...

କହିଛନ୍ତି ଯେ କେଜରିୱାଲଙ୍କର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଙ୍ଗକୁ ଅଚଳ କରାଇ ତାଙ୍କୁ ଶେଷ କରିବା ପାଇଁ ଷଡଯନ୍ତ୍ର କରାଯାଉଛି । ୨ ରୁ ୪ ମାସ ପରେ ସେ ଜେଲ୍‌ରୁ ମୁକୁଳିବା ପରେ କିଡ୍‌ନୀ, ହାର୍ଟ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗର ପରୀକ୍ଷା ପାଇଁ କୋର୍ଟ ଯିବେ ବୋଲି ସେ ଅଭିଯୋଗ କରିଛନ୍ତି ।

୩ ଲୋକସଭା...

ପ୍ରାର୍ଥୀ କରିଛି । ସିପ୍ରା ଦୁଇ ଦିନ ତଳେ ବିଜେଡି ଛାଡି କଂଗ୍ରେସରେ ଯୋଗ ଦେଇଥିଲେ । ରାଜନଗରରୁ ଅଶୋକ ପ୍ରତିହାରୀ, ମହାକାଳପଡାର ଲୋକନାଥ ମହାରଥୀ, ପିପିଲିରୁ ଜ୍ଞାନରଞ୍ଜନ ପଟ୍ଟନାୟକ, ଜୟଦେବରେ ପ୍ରାର୍ଥୀ ପରିବର୍ତ୍ତନ କରାଯାଇ ଜୟନ୍ତ କୁମାର ଭୋଇଙ୍କ ବଦଳରେ କୃଷ୍ଣ ସଗରିଆ, ଖୋର୍ଦ୍ଧାରୁ ସୋନାଲି ସାହୁ, ଚିଲିକାରୁ ପ୍ରଦୀପ କୁମାର ସ୍ୱାଇଁ, ଖଣ୍ଡପଡାରୁ ମନୋଜ କୁମାର ପ୍ରଧାନ, ଦଶପଲ୍ଲାରୁ ନକୁଳ ନାୟକ, କବିସୂର୍ଯ୍ୟନଗରରେ ବିପିନୀ ବିହାରୀ ସ୍ୱାଇଁଙ୍କ ବଦଳରେ ସଞ୍ଜୟ କୁମାର ମଣ୍ଡଳ, ଗୋପାଳପୁରରେ ଶ୍ୟାମସୁନ୍ଦରଗଡ ସାହୁଙ୍କୁ ଦଳ ପ୍ରାର୍ଥୀ କରିଛି । ୩ ଆସନରେ ଦଳ ପୂର୍ବ ଘୋଷିତ ପ୍ରାର୍ଥୀଙ୍କୁ ପରିବର୍ତ୍ତନ କରିଛି ।

ଆମ୍ବୁଲାନ୍ସ....

ଦୁଇ ପିଲାଙ୍କ ଜିଦ୍ ରକ୍ଷା କରି ଗାଡ଼ି ଅଟାଇଥିଲେ। ଦୁଇ ଝିଅ ବ୍ରିଜ ଉପରେ ଠିଆ ହୋଇ ପାଣି ଦେଖିବାକୁ ଯାଇଥିଲେ। ପାଣି ଦେଖି ମଧ୍ୟ ସେମାନେ ଖୁସି ହେଉଥିଲେ। ବାପାମା' ଗାଡ଼ି ଉପରେ ବସି ଦୁଇ ଛୁଆଙ୍କ ଖୁସିକୁ ଦେଖୁଥିଲେ। ସେମାନଙ୍କ ଆସିବା ବାଟକୁ ଅପେକ୍ଷା କରିଥିଲେ। ଏହି ସମୟରେ ଯମ ଦୂତ ପରି ଏକ ଆମ୍ବୁଲାନ୍ସ ଦ୍ରୁତ ଗତିରେ ଆସି ମିଟୁ ଓ ତାଙ୍କ ସ୍ତ୍ରୀଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ମିଟୁଙ୍କର ମୃତ୍ୟୁ ଘଟିଥିବା ବେଳେ ଡାକ୍ତରଖାନାରେ ତାଙ୍କ ସ୍ତ୍ରୀର ମୃତ୍ୟୁ ଘଟିଛି । ଅନ୍ୟପକ୍ଷରେ ଦୁଇ ଝିଅ ବାପାମା'ଙ୍କୁ ହରାଇ ଭୋଭୋ ହୋଇ କାନ୍ଦୁଛନ୍ତି। ଦୁର୍ଘଟଣା ପରେ ଆମ୍ବୁଲାନ୍ସ ଡ୍ରାଇଭର ଗାଡ଼ି ଛାଡ଼ି ଚମ୍ପଟ ମାରିଛି। ପୁଲିସ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ କରୁଛି।

ଡଙ୍ଗାବୁଡି...

ଉଦ୍ଧାର କାର୍ଯ୍ୟରେ ଓଡ୍ରାଫ୍ ଟିମ୍ ସହ ଦମକଳ ବାହିନୀର ୪ ଟିମ୍ ଓ ୫ ଜଣ ସ୍ଥାନୀୟ ଡ୍ରାଇଭର ସାମିଲ ହୋଇଥିଲେ। ଏହା ସହିତ ଏକ ସ୍ୱତନ୍ତ୍ର କ୍ୟାମେରା ଟିମ୍ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲା। ଉଦ୍ଧାର କାର୍ଯ୍ୟକୁ ତଦାରଖ କରିବାକୁ ଜିଲ୍ଲାପାଳ ଓ ଏସପିଙ୍କ ସହ ଜିଲ୍ଲାର ବହୁ ଅଧିକାରୀ ଶନିବାର ଠାରୁ ଲଗାତର ଘଟଣାସ୍ଥଳରେ ଉପସ୍ଥିତ ଥିଲେ । ଡଙ୍ଗା ଚଲାଉଥିବା ଦୁଇ ଡଙ୍ଗା ଚାଳକଙ୍କୁ ପୁଲିସ ନିଜ ହେପାଜତକୁ ନେଇଛି। ସେମାନେ ବେଆଇନ ଭାବେ ଡଙ୍ଗା ଚଲାଉଥିଲେ। ଦୁର୍ଘଟଣାଗ୍ରସ୍ତ ଡଙ୍ଗାରେ ଲାଇଫ ଜ୍ୟାକେଟ ନଥିଲା। ଡଙ୍ଗାର ଅବସ୍ଥା ଭଲ ନଥିଲା। ପରିବହନ ବିଭାଗ ପକ୍ଷରୁ ଏହି ଡଙ୍ଗାକୁ ସମସ୍ତ ସୁରକ୍ଷା କବଚ ରଖି ୨୦ରୁ ଅଧିକ ଯାତ୍ରୀ ନ ନେବାକୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ଡଙ୍ଗାରେ ୫୦ରୁ ଅଧିକ ଯାତ୍ରୀ ଥିଲେ। ଫଳରେ ଏହା ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା।

ତଥ୍ୟ ନେବାରେ ଜଣାପଡ଼ିଛି ଯେ ଦୂର୍ଘଟଣାଗସ୍ତ ଡ଼ଙ୍ଗାରେ ଯିବା ସମୟରେ ୨୫ ଜଣ ବସିଥିବା ବେଳେ ଫେରିବା ସମୟରେ ୫୦ ଜଣଙ୍କ ସମେତ ୩ ଟି ବାଇକ୍ ଲୋଡ୍ ହୋଇଥିଲା । କୌଣସି ଯାତ୍ରୀଙ୍କ ପାଇଁ ସେଫ୍ଟି ଜାକେଟ ବ୍ୟବସ୍ଥା ରହିନଥିବା ବେଳେ ଡ଼ଙ୍ଗା ସମ୍ପୂର୍ଣ୍ଣ ଅସୁରକ୍ଷିତ ଥିବା ଅଭିଯୋଗ ହୋଇଛି ।

ନବୀନଙ୍କ...

କେତେକ ନିର୍ବାଚନମଣ୍ଡଳିରେ ପ୍ରଭାବ ପକାଇପାରେ ବୋଲି ଆଲୋଚନା ହେଉଛି । ସେହିଭଳି ବଡଚଣା ବିଧାନସଭା ଆସନ ଲାଗି ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ପ୍ରାର୍ଥୀ କରିଛନ୍ତି । ଯାହା ରାଜନୈତିକ ଗଣନାକାରଙ୍କ କଳ୍ପନା ବାହାରେ ଥିଲା । ଗତକାଲି ବଡଚଣା ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ନେତା ଓ କର୍ମୀଙ୍କୁ ଶଙ୍ଖଭବନ ଡକାଯାଇ ବୈଠକ କରାଯାଇଥିଲା । ବୈଠକରେ ନିଷ୍ପତ୍ତି ହୋଇଥିଲା ଯେ ଦଳ ଯାହାକୁ ପ୍ରାର୍ଥୀ କରିବ ସମସ୍ତେ ମାନିନେବେ । ବଡଚଣାରୁ ବିଧାୟକ ଥିବା ଅମର ଶତପଥୀ ୫ ଥର ଜିତିଛନ୍ତି । ସେହିଭଳି ପୂର୍ବରୁ କଂଗ୍ରେସ ବିଧାୟକ ଥିବା ସୀତାକାନ୍ତ ମହାପାତ୍ରଙ୍କ ପୁଅ ରାଜନାରାୟଣ ମହାପାତ୍ର ଯୋଗ ଦେଇଥିଲେ । ବଡଚଣାରୁ ପ୍ରାର୍ଥୀ ହେବାପାଇଁ ଅନେକ ଆଶାୟୀ ଥିଲେ । ହେଲେ ଶେଷରେ ବର୍ଷା ପ୍ରିୟଦର୍ଶିନୀଙ୍କୁ ପ୍ରାର୍ଥୀ କରାଯାଇଛି । ଆଉଏକ ଆସନ ହେଉଛି ଚମ୍ପୁଆ । ଯେଉଁଠି ସନାତନ ମହାକୁଡଙ୍କୁ ବିଜେଡି ପ୍ରାର୍ଥୀ କରିଛି । ସନାତନ ମହାକୁଡ ବିଜେଡିର ବିଧିବଦ୍ଧ ସଦସ୍ୟ ନଥିଲେ । ମାତ୍ର ସେଠାରୁ ତାଙ୍କୁ ପ୍ରାର୍ଥୀ କରାଯାଇଛି । ସନାତନ ମହାକୁଡ ଚମ୍ପୁଆରୁ ସ୍ୱାଧୀନ ଭାବେ ଥରେ ନିର୍ବାଚନ ଜିତିଥିଲେ । କେବଳ ଚମ୍ପୁଆ ନୁହେଁ ସମଗ୍ର କେନ୍ଦୁଝର ଜିଲ୍ଲାରେ ସନାଙ୍କର ଏକ ପ୍ରଭାବ ରହିଛି । ଯାହା ବିଜେଡି ପାଇଁ ଫାଇଦା ହେବ ବୋଲି କୁହାଯାଉଛି ।

ଲାଲ୍‌ରୁ...

ସିର୍‌କାର ଯିଏକି ପୂର୍ବରୁ ପ୍ରସାର ଭାରତୀର ସିଇଓ ଥିଲେ । ସେ କହିଛନ୍ତି ଯେ ଜାତୀୟ ପ୍ରଶାରଣ ସଂସ୍ଥା ଦୂରଦର୍ଶନର ଫ୍ଲାଗ୍‌ସିଭ୍ ଲୋଗୋ ଏବେ ଗେରୁଆ ହୋଇଯାଇଛି । ଏହାକୁ ମୁଁ ଗେରୁଆକରଣର ସତର୍କ ଘଣ୍ଟି ବୋଲି ଭାବୁଛି । ଏବେ ଏହା ପ୍ରସାର ଭାରତୀ ନୁହେଁ, ପ୍ରଚାର ଭାରତୀ ହୋଇଛି । କେବଳ ଲୋଗୋ ନୁହେଁ ଏଣିକି ସମସ୍ତ ପ୍ରସାରଣ ମଧ୍ୟ ଗେରୁଆ ହୋଇଯିବ । କ୍ଷମତାସୀନ ଦଳକୁ ଅଧିକ ସମୟ କାର୍ଯ୍ୟକ୍ରମ ପାଇଁ ମିଳିବ ଓ ବିରୋଧୀ ଦଳଙ୍କୁ ସମୟ ମିଳିବ କି ନାହିଁ ସନ୍ଦେହ । ସେହିଭଳି ରାଜ୍ୟସଭା ହଲ୍‌କୁ ମଧ୍ୟ ନୂଆ ସଂସଦ ଭବନରେ ଗେରୁଆ ରଙ୍ଗ କରାଯାଇଛି । ପୂର୍ବରୁ ଏହା ପୁରୁଣା ସଂସଦ ଭବନରେ ମେରୁନ୍ ଥିଲା । ତେବେ ପ୍ରସାର ଭାରତୀ ସିଇଓ ଗୌରବ ଦ୍ୱିବେଦୀ କହିଛନ୍ତି ଯେ ଏହି ଗେରୁଆ ରଙ୍ଗଟି ବେଶ୍ ଆକର୍ଷଣୀୟ ହୋଇଛି । କିଛିମାସ ପୂର୍ବରୁ ଡିଡି ଭାରତରେ ଆମେ ଏହି ରଙ୍ଗ ଆଣିବୁ ବୋଲି ପ୍ରସ୍ତାବ ରଖିଥିଲୁ । ତେବେ ଦୂରଦର୍ଶନ ୧୯୫୯ରେ ପ୍ରତିଷ୍ଠା କରାଯାଇଥିଲା । ନୀଳ ଓ ହଳଦିଆ ଓ ନାଲିରଙ୍ଗ ପ୍ରଥମେ ଏହାର ଲୋଗୋ ହେଉଥିଲା । ସେଥିରେ ମଧ୍ୟ କିଛିବର୍ଷ ଧରି ସତ୍ୟମ୍ ସିବମ୍ ସୁନ୍ଦରମ୍ ଲେଖାଯାଉଥିଲା । ମାର୍ଚ୍ଚରେ ରାମ ମନ୍ଦିର ଅଯୋଧ୍ୟାରେ ଉଦ୍‌ଘାଟନ ହେବାପରେ ଦୂରଦର୍ଶନରେ ପ୍ରତିଦିନ ସକାଳୁ ରାମଲାଲାଙ୍କ ସକାଳ ପ୍ରାର୍ଥନା ସିଧା ପ୍ରସାରିତ ହେଉଛି ।

କାନପୁର ଡ୍ୟାମ୍ : ୬ ଦଶନ୍ଧିର ପ୍ରକଳ୍ପ, ଏବେ ବି ପାଣିକୁ ଅପେକ୍ଷା

କେନ୍ଦୁଝର (ରବି ରାଜ) : ଷାଠିଏ ଦଶକରେ କେନ୍ଦୁଝର ଜିଲ୍ଲାର ଚାଷଜମିକୁ ଜଳଯୋଗାଣ ପାଇଁ ବୈତରଣୀ ନଦୀରେ ବନ୍ଧ ନିର୍ମାଣ କରିବାକୁ ଯୋଜନା ହୋଇଥିଲା। ୬ ଦଶନ୍ଧି ମଧ୍ୟରେ ଏହି ପ୍ରକଳ୍ପ ପାଇଁ ଚାରିଥର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବ୍ୟୟ ଅଟକଳ ୪୨୮ କୋଟି ଟଙ୍କାରୁ ବି ୨୪୩୮ କୋଟି ଟଙ୍କାରେ ପହଞ୍ଚିଛି। ହେଲେ ଏଯାଏ ପ୍ରକଳ୍ପ ନିର୍ମାଣ ଶେଷ ହୋଇପାରୁନି। ବହୁ ପ୍ରତୀକ୍ଷିତ କାନପୁର ଡ୍ୟାମ୍ କେବେ କାର୍ଯ୍ୟକ୍ଷମ ହେବ ଓ କେନାଲରେ କେବେ ପାଣି ଆସିବ, ସେହି ସମୟକୁ ଅପେକ୍ଷା କରିଛନ୍ତି ଚାଷୀକୁଳ।

୧୯୬୪ରେ ସରକାର ଯୋଡ଼ା ବ୍ଲକ୍ କାହ୍ନୁପୁର ଗ୍ରାମ ନିକଟ ବୈତରଣୀ ନଦୀରେ ଏକ ବନ୍ଧ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ। ତତ୍କାଳୀନ ରାଜ୍ୟପାଳ ଅଯୋଧ୍ୟାନାଥ ଖୋସଲା ୧୯୬୪ ଏପ୍ରିଲ ୨୫ରେ ଏଥିପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।କିନ୍ତୁ ପ୍ରକଳ୍ପ କାମ ଆଗକୁ ବି ନଥିଲା। କିଛିବର୍ଷ ପରେ ପୁଣି ସରକାର କାହ୍ନୁପୁର ପରିବର୍ତ୍ତେ ବାସୁଦେବପୁର ଠାରେ ବୈତରଣୀ ନଦୀ ଉପରେ ବନ୍ଧ ନିର୍ମାଣ ପାଇଁ ଯୋଜନା କରିଥିଲେ।ଯାହାର ନାମ କାନପୁର ବୃହତ ଜଳସେଚନ ପ୍ରକଳ୍ପ ବୋଲି ରଖାଯାଇଥିଲା। ପୁଣି ଏଥିପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲେ ମଧ୍ୟ କାମ ଆରମ୍ଭ ହୋଇନଥିଲା। ପରେ ପୁଣି ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨୦୦୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାନପୁର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ୪୨୮ କୋଟି ୩୨ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ହୀରାକୁଦ ପରେ କାନପୁର ଡ୍ୟାମ୍ ଓଡ଼ିଶାର ଦ୍ୱିତୀୟ ବୃହତମ ନଦୀବନ୍ଧ ହେବ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେଛ ଇତିମଧ୍ୟରେ ୨୨ ବର୍ଷ ବିତିଥିବା ବେଳେ ନିର୍ମାଣ କାର୍ଯ୍ୟରେ ବିଳମ୍ବ ଯୋଗୁଁ ବ୍ୟୟ ଅଟ୍ଟକଳ ବୃଦ୍ଧି ପାଇ ୨୪୩୮ କୋଟି ୨୯ ଲକ୍ଷ ଟଙ୍କାରେ ପହଞ୍ଚିଛିଛ ସରକାର ୨୦୨୦ରୁ ଏହି ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହେବ ବୋଲି ଘୋଷଣା କରିଆସୁଥିଲେ ହେଁ କାମ ସରୁନିଛ ୬ ଦଶନ୍ଧି ତଳର ପରିକଳ୍ପନା କେବେ ବାସ୍ତବ ରୂପ ନେବ ସେହିଦିନକୁ ସମସ୍ତେ ଅପେକ୍ଷା କରିଛନ୍ତି।ପ୍ରକଳ୍ପ କାମର ଅଗ୍ରଗତି ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ କୈଳାସ ଚନ୍ଦ୍ର ବିନ୍ଧାଣୀ କହିଛନ୍ତି, ବୈତରଣୀ ଉପରେ ନଦୀବନ୍ଧ ନିର୍ମାଣ ଶେଷ ହୋଇଛିଛ ସ୍ପିଲ୍‌ୱେ ନିର୍ମାଣ ଚାଲିଛି। ମୋଟ ୩୮୨ କିମି କେନାଲରୁ ୨୧୫ କିମି ସମ୍ପୂର୍ଣ୍ଣ ହୋଇଛି। ୯୭ ପ୍ରତିଶତ କାମ ଶେଷ ହୋଇଛି। ଆସନ୍ତା ବର୍ଷାଋତୁରେ ପ୍ରଥମେ ଡ୍ୟାମ୍ରେ ୪୦୦ରୁ ୪୨୫ ମିଟର ପାଣି ଭର୍ତ୍ତିହେବା ପରେ କେନାଲରେ ପାଣି ଛଡ଼ାଯିବ ବୋଲି ଶ୍ରୀ ବିନ୍ଧାଣୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ କାନପୁର ଡ୍ୟାମ୍ କାର୍ଯ୍ୟକ୍ଷମ ହେଲେ ଯୋଡ଼ା, ଚମ୍ପୁଆ, ଝୁମ୍ପୁରା, ପାଟଣା, କେନ୍ଦୁଝର ସଦର ବ୍ଲକ୍ର ୨୨୨ଟି ଗାଁର ଚାଷଜମି ଜଳସେଚିତ ହେବା ଏହାଦ୍ୱାରା ୨ ଲକ୍ଷ ୩୬ ହଜାର ୧୬୪ଜଣ ଲୋକେ ଉପକୃତ ହେବେ।

କାଜୁ ତୋଳିବାକୁ ନେଇ ଗଣ୍ଡଗୋଳ ଘଟଣା : ୨ଗିରଫ

ନିରାକାରପୁର, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ସିକୋ ଫାଣ୍ଡି ଅନ୍ତର୍ଗତ ଶଗଡଭଙ୍ଗା ପଞ୍ଚାୟତ ଗୋଡିକିଲୋ ଗ୍ରାମରେ କାଜୁ ତୋଳକୁ ନେଇ ଗତକାଲି ଘଟିଥିବା ମାଡପିଟ ଘଟଣାରେ ଶୁକ୍ରବାରଦିନ ଜଂକିଆ ପୋଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଙ୍କିଆ ଥାନା ଆଇଆଇସି ପ୍ରଜ୍ଞା ରିତମ୍ଭରା କର ଜଣାଇଛନ୍ତି। ସୂଚନାଯୋଗ୍ୟ କି କାଜୁ ତୋଳିବାକୁ କେନ୍ଦ୍ର କରି ଗୋଦିକିଲୋ ଗ୍ରାମର ଅନ୍ନପୂର୍ଣ୍ଣା ମଙ୍ଗରାଜ ପରିବାର ଓ ନିରୁପମା ପରିଡ଼ାଙ୍କ ପରିବାର ମଧ୍ୟରେ ବୁଧବାର ରାତି ୧୨ ଟା ବେଳେ ବିଭିନ୍ନ ମାରଣାସ୍ତ୍ର ଧରି ମାଡ଼ ପିଟ ହୋଇଥିଲା।ଏହି ଘଟଣାରେ ଉଭୟ ପକ୍ଷର ୪ ଜଣ ଆହତ ହୋଇଥିଲେଛ ଏ ନେଇ ଜଂକିଆ ଥାନାରେ ଉଭୟଙ୍କ ପକ୍ଷରୁ ଦୁଇଟି ମାମଲା ରୁଜୁ ହୋଇଥିଲା। ଆଜି ଗୋଟିଏ ପକ୍ଷର ଜଣେ ନାବାଳକ ସମେତ ସୁରେନ୍ଦ୍ର ପରିଡ଼ା(୪୨)ଙ୍କୁ ପୋଲିସ ଗିରଫ କରି କେସ ନଂ ୧୪୨/୨୪ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ପୋଲିସ ସୂତ୍ରରୁ ଜଣାପଡିଛି।

ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର

ବେତନଟୀ ,(ସବ୍ୟୁ) : ଶୁକ୍ରବାର ସନ୍ଧ୍ୟାରେ ବିଶିଙ୍ଗା ପୋଲିସ ଜଙ୍ଗଲରୁ ଜଣେ ଯୁବକଙ୍କ ମୃତ ଦେହ ଉଦ୍ଧାର କରିଛି। ମୃତ ଯୁବକ ଜଣଙ୍କ ବେତନଟୀ ବ୍ଲକ ଅଧୀନ ଚାଁଛିପଦା ଗ୍ରାମର ସ୍ୱର୍ଗତ ଭୁଣ୍ଡା ଟୁଡୁର ପୁଅ ଦୁର୍ଗା ବୋଲି ଜଣାଯାଇଛି। ମୃତ ଦୁର୍ଗା ନିଜ ଗ୍ରାମର ଜଣେ ପଡୋଶୀଙ୍କ ଘର ଶୁଦ୍ଧିକ୍ରିୟାରେ ଯୋଗ ଦେବାକୁ ଯାଇ ଆଉ ଘରକୁ ଫେରିନଥିଲେ । ଘରଲୋକ ଚାରିଆଡେ ଖୋଜାଖୋଜି କରିବା ପରେ ଗ୍ରାମବାସୀଙ୍କ ଠାରୁ ଖବର ପାଇଥିଲେ କି ଦୁର୍ଗାଙ୍କର ମୃତଦେହ ପାଖ ଜଙ୍ଗଲର ଏକ ଗଛରେ ଝୁଲୁଛି ।ଘଟଣାସ୍ଥଳରେ ପହଞ୍ଚି ଦେଖିବାକୁ ପାଇଥିଲେ କି ଦୁର୍ଗା ଏକ ରଶି ସାହାଯ୍ୟରେ ଆକାଶିଆ ଗଛ ଡାଳରେ ନିଜକୁ ଫାଶୀ ଲଗେଇ ଦେଇଛନ୍ତି। ଖବର ପାଇ ବୈଶିଙ୍ଗା ଥାନା ଏଏସଆଇ ଭାବଗ୍ରାହୀ ମହାନ୍ତ ଘଟଣାସ୍ଥଳରେ ପହଞ୍ଚିବା ପରେ ମୃତକଙ୍କ ଝୁଲନ୍ତା ଶରୀରକୁ ଗଛରୁ ତଳକୁ ଓହ୍ଲାଇଥିଲେ । ପରେ ପୁଲିସ ୧୩/୨୪ ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି ।

ବଢୁଛି ତାତି ମିଳୁନି ପାଣି, ଗରାବଲଟି ଧରି ମହିଳାଙ୍କ ଆନ୍ଦୋଳନ

ଦଶପଲ୍ଲା ,(ସବ୍ୟୁ) : ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବଢ଼ିବାରେ ଲାଗିଛି । ଶୁକ୍ରବାର ଦିନ ଦଶପଲ୍ଲା ରେ ପାରଦ ୪୩ଓ ଛୁଇଁଛି । ଦଶପଲ୍ଲା ଏନ ଏ ସି ର ବିଭିନ୍ନ ସ୍ଥାନରେ ଜଳ ସଙ୍କଟ ଦେଖାଦେଇଛି । ପ୍ରଶାସନିକ ଅବହେଳା ପାଇଁ ଦଶପଲ୍ଲା ଏନ ଏ ସି ବିଭିନ୍ନ ୱାର୍ଡ କୁ ପାଣି ପାଇଁ ପାଇପ ବିଛା ଯାଇଥିଲେ ମଧ୍ୟ ଗୋଟିଏ ପାର୍ଶ୍ୱରେ ଜଳ ଯୋଗାଣ ହୋଇ ପାରିନାହିଁ । ଜଳ ଯୋଗାଣ ପାଇଁ ପାଣି ଟାଙ୍କି କରାଯାଇଥିଲେ ମଧ୍ୟ ସେହି ପାଣି ଟାଙ୍କି କାର୍ଯ୍ୟକ୍ଷମ ହୋଇ ପାରି ନାହିଁ । ଦଶପଲ୍ଲା ଏନ ସି ର ୫ନଂ ୱାର୍ଡ ର ପିଙ୍କିଛକ ଠାରେ ଗତ ୧୦ ଦିନ ଧରି ପାଣି ପାଇପ ଫାଟି ଯାଇଥିଲେ ମଧ୍ୟ ଏହାକୁ ମରାମତି କରାଯାଇ ନାହିଁ । ଫଳରେ ଲୋକମାନେ ପାନୀୟ ଜଳ ପାଇଁ ନାହିଁ ନଥିବା ହଇରାଣ ର ସମ୍ମୁଖିନ ହେଉଛନ୍ତି ଛ ସେହିପରି ବିଗତ ବର୍ଷ ଗୁଡିକ ପରି ଚଳିତ ବର୍ଷ ଏନ ଏ ସି ର ୧୦ ନଂ ୱାର୍ଡ ରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି । ଏହାକୁ କେନ୍ଦ୍ର କରି ଶୁକ୍ରବାର ଅପରାହ୍ନ ସମୟ ରେ ୧୦ ନଂ ୱାର୍ଡ ର ମହିଳା ମାନେ ଗରା ବାଲ୍ଟି ଧରି ପାଣିଟାଙ୍କି ସମ୍ମୁଖରେ ଆନ୍ଦୋଳନ କରିଛନ୍ତି । ଆନ୍ଦୋଳନ ସମୟ ରେ ଦଶପଲ୍ଲା ଏନ ଏ ସି ଅଧକ୍ଷା ପହଂଚି ଲୋକ ମାନଙ୍କୁ ବିଧା ସୁଝା କରିଥିବା ବେଳେ ଲୋ ଭୋଲ୍ଟେଜ ପାଇଁ ପାଣି ଟାଙ୍କିକୁ ଉଠାଉ ନାହିଁ ବୋଲି ପ୍ରକାଶ କରିଛନ୍ତି ।ତୂରନ୍ତ ପାଣିଟାଙ୍କି କାର୍ଯ୍ୟକ୍ଷମ ହେବବୋଲି ସେ ପ୍ରକାଶ କରିବା ପରେ ଆନ୍ଦୋଳନ ରତ ମହିଳା ମାନେ ଆନ୍ଦୋଳନ ରୁ ନିବୃତ ରହିଥିଲେ । ସେପରି ୧୬ ନଂ ୱାର୍ଡ ରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି । ପାନୀୟ ଜଳ ପାଇଁ ସେହି ୱାର୍ଡ ର ମହିଳା ମାନେ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣା ପଡ଼ିଛି । ଅନ୍ୟ ପାର୍ଶ୍ୱରେ ଦଶପଲ୍ଲାରେ ଲଙ୍କାପୋଡି ଯାତ୍ରା ଚାଲିଥିବା ବେଳେ ବିଭିନ୍ନ ଟ୍ୟାବ ରେ ପାଣି ଅସୁନଥିବା ଅଭିଯୋଗ ହେଉଛି ।ତୂରନ୍ତ ଏହାର ମରାମତି ପାଇଁ ଦାବି ହେଉଛି । ଗ୍ରୀଷ୍ମ ପ୍ରବାହ ପାଇଁ ଲୋକମାନେ ଅସ୍ତବ୍ୟସ୍ତ ହୋଇ ପଡୁଥିବା ବେଳେ ପାନୀୟ ଜଳର ସଙ୍କଟ ଲୋକ ମାନଙ୍କ ପାଇଁ ବଡ ସମସ୍ୟା ଭାବେ ଦେଖାଦେଇଛି । ଏନ ଏ ସି ପକ୍ଷରୁ ପାଣି ସମସ୍ୟା ଦେଖାଦେଇଥିବା ୱାର୍ଡ ଗୁଡିକୁ ପାଣି ଟ୍ୟାଙ୍କର ଦ୍ୱାରା

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ

୨୦୨୪ ରଥଯାତ୍ରା ପ୍ରଥମ ସମନ୍ୱୟ ବୈଠକ

ପୁରୀ (ସବ୍ୟୁ): ଚଳିତ ବର୍ଷର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଜୁଲାଇ ୭ ତାରିଖରେ ଓ ବାହୁଡା ଯାତ୍ରା ଜୁଲାଇ ୧୫ ତାରିଖରେ ଅନୁଷ୍ଠିତ ହେବ । ଦେବସ୍ନାନ ପୂର୍ଣ୍ଣିମା ମଇ ୧୦ ତାରିଖରେ ଅନୁଷ୍ଠିତ ହେବ । ତେଣୁ ଦେବସ୍ନାନ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ରଥଯାତ୍ରା, ବାହୁଡା ଯାତ୍ରା, ସୁନାବେଶ ଓ ନିଳାଦ୍ରୀ ବିଜେକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ପ୍ରଥମ ସମନ୍ୱୟ ବୈଠକ ଶନିବାର ପୂର୍ବାହ୍ନରେ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷତା କରି କେନ୍ଦ୍ରାଚଂଳ ରାଜସ୍ୱ ଆୟୁକ୍ତ ରଞ୍ଜନ କୁମାର ଦାସ ମହାପ୍ରଭୁଙ୍କ ରଥଯାତ୍ରା ମହାପ୍ରଭୁ ନିଜେ ହିଁ ନିଧାର୍ଯ୍ୟ କରିଥାନ୍ତି । ପ୍ରତ୍ୟେକଙ୍କ ମଧ୍ୟରେ ସୁସମନ୍ୱୟ ରଖି ଖୁବ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ସମସ୍ତ କାର୍ଯ୍ୟ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ । କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ପରାମର୍ଶ କ୍ରମେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବୈଠକ ପରିଚାଳନା କରିବା ସହ ବିଭିନ୍ନ ବିଭାଗ କୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ପାରସ୍ପରିକ ସମନ୍ୱୟର ସହ ରଥଯାତ୍ରାକୁ ଆମେ ସଫଳ କରିବା ବୋଲି ସେ କହିଥିଲେ । ରଥକାଠ ସଂଗ୍ରହ, ରଥ ନିର୍ମାଣ, ରଥଯାତ୍ରା ନିମନ୍ତେ ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥକପଡା ସଂଗ୍ରହ, ନୀତି ସଂପାଦନ, ରଥଟଣା ସମ୍ପର୍କରେ ମତଦେଇ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ତିନି ରଥ ପାଇଁ ମୋଟ ୮୬୫ ଖଣ୍ଡ କାଠର ଆବଶ୍ୟକତା ଥିବା ବେଳେ ଗତବର୍ଷର ୫୩ ଖଣ୍ଡ କାଠ ବଳି ଥିବାରୁ ଆଉ ୮୧୨ ଖଣ୍ଡ କାଠ ଆବଶ୍ୟକ ଥିଲା । ଇତି ମଧ୍ୟରେ ୧୬୪ ଖଣ୍ଡ କାଠ ପ୍ରାପ୍ତ ହୋଇଛି । ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ,ପାର୍କିଂ ସ୍ଥଳ, ଶାନ୍ତି ଶୃଙ୍ଖଳା ରକ୍ଷା,ଟ୍ରେନ ଚଳାଚଳ ବ୍ୟବସ୍ଥା, ରଥଯାତ୍ରାର ସିଧାସଳଖ ପ୍ରସାରଣ ବ୍ୟବସ୍ଥା,ଯାତ୍ରୀ ସୁବିଧା ପାଇଁ ଅସ୍ଥାୟୀ ସୂଚନା କେନ୍ଦ୍ର ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧ ରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗ ମାନେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଆୟୁକ୍ତ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ କେନ୍ଦ୍ରାଞ୍ଚଳ ଆରକ୍ଷୀ ମହାନିରୀକ୍ଷକ ସଞ୍ଜୟ କୌଶଲ, ଓରମାସର ନିର୍ଦ୍ଦେଶକ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଗୁହା ପୁନମ ତାପସ କୁମାର ଆଇନ ବିଭାଗ ଅତିରିକ୍ତ ସଚିବ ପ୍ରଣୟ କୁମାର ଦାସ ,ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଏସପି ପିନାକ ମିଶ୍ର , ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାସ, ଗୃହ ଓ ପୌର ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ବିନୟ କୁମାର ଦାଶ,ଦେବୋତ୍ତର ବିଭାଗ ଡେପୁଟି କମିଶନର ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଟ୍ରାଫିକ୍ ପୋଲିସ୍ ମୁଣ୍ଡରେ ଏସି ହେଲ୍‌ମେଟ୍

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ଟ୍ରାଫିକ୍ ପୋଲିସ୍ ଏଣିକି ଏସି ହେଲ୍‌ମେଟ୍ ପିନ୍ଧିବେ । ସେଥିପାଇଁ ପୋଲିସ୍ କମିଶନର ସଞ୍ଜୀବ ପଣ୍ଡା ପରୀକ୍ଷାମୂଳକ ଭାବେ କମ୍ପାନି ଦେଇଥିବା ହେଲ୍‌ମେଟ୍ ଜଣେ କର୍ମଚାରୀଙ୍କୁ ପିନ୍ଧାଇଛନ୍ତି । କର୍ମଚାରୀଜଣକ ୩/୪ ଦିନ ବ୍ୟବହାର କରିବା ପରେ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ମିଳିବ କି ନାହିଁ ତାହା ଜଣାପଡ଼ିବ ।

ଏହି ହେଲ୍‌ମେଟ୍ ଗୁଜରାଟ ଟ୍ରାଫିକ୍ ପୋଲିସ୍ ବ୍ୟବହାର କରୁଛି । ଭୁବନେଶ୍ୱରରେ ଏହି ଏସି ହେଲ୍‌ମେଟ୍‌ର ପରୀକ୍ଷା ସଫଳ ହେବା ପରେ ସବୁ କର୍ମଚାରୀଙ୍କ ପାଇଁ କିଣାଯିବ ବୋଲି କମିଶନର କହିଛନ୍ତି । ହେଲ୍‌ମେଟ୍‌କୁ ୬ ଘଣ୍ଟା ଚାର୍ଜ ବସାଇଲେ ୮ ଘଣ୍ଟା ବ୍ୟବହାର କରିହେବ ବୋଲି ହେଲ୍‌ମେଟ୍ କମ୍ପାନିର ଜଣେ କର୍ମଚାରୀ କହିଛନ୍ତି । ୫୫° ପର୍ଯ୍ୟନ୍ତ ଉତ୍ତାପ ନିୟନ୍ତ୍ରଣ କରିହେବ ବୋଲି ସେ ମତ ଦେଇଛନ୍ତି । ଭୁବନେଶ୍ୱର ସହରରେ ୭୨ ସ୍ଥାନରେ ଟ୍ରାଫିକ୍ କର୍ମଚାରୀମାନେ ଖରାରେ ଠିଆ ହେଉଛନ୍ତି । ପରୀକ୍ଷାମୂଳକ ବ୍ୟବହାର ସଫଳ ହେବା ପରେ ପର୍ଯ୍ୟାୟକ୍ରମେ ସମସ୍ତଙ୍କ ପାଇଁ କିଣାଯିବ ବୋଲି ପୋଲିସ କମିଶନର ଶ୍ରୀ ପଣ୍ଡା କହିଛନ୍ତି ।

ରିଅଲମି ପକ୍ଷରୁ ରିଅଲ୍‌ମି ପି ସିରିଜ ୫ଜି ସହିତ ଅନ୍ୟାନ୍ୟ ନୂଆ ପ୍ରଡକ୍ଟ ଉନ୍ମୋଚିତ

ଭୁବନେଶ୍ୱର (ସବ୍ୟୁ) : ଭାରତର ସବୁଠାରୁ ବିଶ୍ୱସନୀୟ ସ୍ମାର୍ଟଫୋନ୍ ସେବା ପ୍ରଦାତା ରିଅଲ୍‌ମି ଏହାର ନୂତନ ରିଅଲ୍‌ମି ପି ସିରିଜ ୫ଜି ସ୍ମାର୍ଟଫୋନ୍ ଯଥା ରିଅଲ୍‌ମି ପିଏ ପ୍ରୋ ୫ଜି ଓ ରିଅଲ୍‌ମି ପିଏ ୫ଜିର ଶୁଭାରମ୍ଭ ଘୋଷଣା କରିଛି । ଏହି ଦୁଇଟି ଅତ୍ୟାଧୁନିକ ଡିଭାଇସ୍ ଭାରତୀୟ ଗ୍ରାହକଙ୍କ ପାଇଁ ଫ୍ଲିପ୍‌କାର୍ଟରେ ସ୍ୱତନ୍ତ୍ର ଉପଲବ୍ଧତା ସହିତ ମିଡ୍-ରେ ସ୍ମାର୍ଟଫୋନ୍ ସେଗ୍‌ମେଂଟ୍‌ର ବ୍ୟାଘାତ ସୃଷ୍ଟି କରିବା ପାଇଁ ପ୍ରସ୍ତୁତ ରହିଛନ୍ତି । ନୂଆ ପି ସିରିଜ ବ୍ୟତୀତ ରିଅଲ୍‌ମି ଏହାର ରିଅଲ୍‌ମି ପ୍ୟାଡ୍ ୨, ୱାଇଫାଇ ଭାରିଆଂଟ୍ ଓ ରିଅଲ୍‌ମି ଟି୧୧୦ ବଡ୍‌ସର ଶୁଭାରମ୍ଭ କରିଛି।'ବେଷ୍ଟ ପ୍ଲେୟର ଅଫ୍ ପର୍‌ଫର୍ମାନ୍ସ ଆଣ୍ଡ ଡିସ୍‌ପ୍ଲେ' ଭାବେ ଅବସ୍ଥାପିତ ନୂଆ ରିଅଲ୍‌ମି ପି ସିରିଜ ୫ଜି ଶଛିର ପ୍ରତିନିଧିତ୍ୱ କରୁଛି। ରିଅଲମି ପିଏ ୫ଜିରେ ଶକ୍ତିଶାଳୀ ମିଡିଆଟେକ ଡାଇମେନ୍‌ସିଟି ୭୦୫୦ ୫ଜି ଚିପସେଟ୍, ଏକ ୧୨୦ଏର୍‌ଜେଡ୍ ଆମୋଲେଡ୍ ଡିସପ୍ଲେ, ୪୫ୱାଟ ସୁପରଭିଓଓସି ଚାର୍ଜିଙ୍ଗ୍ ଓ ୫୦୦୦ ଏମ୍‌ଏଏଚ୍ ବ୍ୟାଟେରୀ ରହିଛି। ସେହିପରି ରିଅଲ୍‌ମି ପିଏ ପ୍ରୋ ୫ଜି ଓଆଇଏସ୍ ସହ ଏକ ୫୦ଏମ୍‌ପି ସୋନି ଲାଇଟ୍-୬୦୦ କ୍ୟାମେରା , ୧୨୦ଏର୍‌ଜେଡ୍ କର୍ଭଡ୍ ଭିଜନ ଡିସ୍‌ପ୍ଲେ, ୪୫ୱାଟ୍ ସୁପରଭିଓଓସି ଚାର୍ଜ ଓ ୫୦୦୦ ଏମ୍‌ଏଏଚ୍ ବ୍ୟାଟେରୀ, କ୍ୱାଲ୍‌କମ ସ୍ନାପଡ୍ରାଗନ ୬ଜେନ୍ ୧ ୫ଜି ଚିପ୍‌ସେଟ୍ ସହିତ ଆସୁଛି । ରିଅଲ୍‌ମି ପିଏ ପ୍ରୋ ୫ଜି ଦୁଇଟି ରଙ୍ଗ ଯଥା ଫୋଏନିକ୍ସ ରେଡ୍ ଓ ପ୍ୟାରୋଡ୍ ବ୍ଲୁ ଏବଂ ଦୁଇଟି ଷ୍ଟୋରେଜ ଭାରିଆଂଟ୍‌ରେ ୮ଜିବି୧୨୮ଜିବି ଓ ୮ଜିବି୨୫୬ଜିବିରେ ଆସୁଛି ଯାହାର ମୂଲ୍ୟ ଯଥାକ୍ରମେ ୨୧,୯୯୯ ଟଙ୍କା ଓ ୨୨,୯୯୯ ଟଙ୍କା ରହିଛି। ରିଅଲ୍‌ମି ପିଏ ୫ଜି ଦୁଇଟି ରଙ୍ଗ ଫୋଏନିକ୍ସ ରେଡ୍ ଓ ପିକକ୍ ଗ୍ରୀନ୍‌ରେ ଏବଂ ଦୁଇଟି ଷ୍ଟୋରେଜ୍ ଭାରିଆଂଟ୍ ଯଥା ୬ଜିବି୧୨୮ଜିବି ପାଇଁ ୧୫୯୯୯ ଟଙ୍କା ଓ ୮ଜିବି୨୫୬ଜିବି ପାଇଁ ୧୮୯୯୯ ଟଙ୍କାରେ ଆସୁଛି। ସେହିଭଳି ରିଅଲ୍‌ମି ପ୍ୟାଡ୍ ୨, ୱାଇଫାଇ ଭାରିଆଂଟ୍‌ରେ ଏକ ବୃହତ୍ ୧୨୦ଏର୍‌ଜେଡ୍ ୨କେ ଡିସ୍‌ପ୍ଲେ ରହିଛି ।

ବ୍ରିଜଷ୍ଟୋନ ଇଣ୍ଡିଆ ପ୍ରିମିୟମ ପାସେଂଜର ଗାଡ଼ିଗୁଡ଼ିକ ଲାଗି ଟୁରାଏଆଇ ନୂଆ ପ୍ରିମିୟମ ଟାୟାର ଉପସ୍ଥାପନ କରିଛି

ଭୁବନେଶ୍ୱର (ସବ୍ୟୁ): ବ୍ରିଜଷ୍ଟୋନ ଇଣ୍ଡିଆ ଯାତ୍ରୀବାହୀ ଯାନ ସେଗମେଂଟ ପାଇଁ ଏହାର ନୂଆ ପିଢିର ଟାୟାର ବ୍ରିଜଷ୍ଟୋନ ଟୁରଂଜା ୬ଆଇ ଶୁଭାରମ୍ଭ କରିଛି। ଭାରତର ସଡ଼କ ଗୁଡ଼ିକ ଲାଗି ଏହା ସ୍ୱତନ୍ତ୍ର ଭାବରେ ବିକଶିତ ହୋଇଥିବା ଟାୟାର ଓ ଏହା ଚାଳକଙ୍କୁ ଆରାମ ଦାୟକ ଯାତ୍ରା ଅନୁଭୂତି ସହ ଟାୟାରର ଦୀର୍ଘଜୀବନ ପ୍ରଦାନ କରିଥାଏ। ବ୍ରିଜଷ୍ଟୋନ ଟୁରଂଜା ୬ଆଇ ୩୬ଏସକେୟୁରେ ୧୪ ଇଂଚରୁ ୨୦ ଇଂଚ ପର୍ଯ୍ୟନ୍ତ ଉପଲବ୍ଧ ଏସୟୁଭି, ସେଡାନ, ହ୍ୟାଚବ୍ୟାକ ଓ ସିୟୁଭି ଅନ୍ତର୍ଭୁକ୍ତ ଯାନ ପାଇଁ ଲକ୍ଷ୍ୟ ରଖି ଏହାକୁ ପ୍ରସ୍ତୁତ କରାଯାଇଛି। ପ୍ରିମିୟମ ଗାଡ଼ି ଗୁଡ଼ିକ ଲାଗି ଏହି ଟାୟାରର ଶୁଭାରମ୍ଭ ସରକାରଙ୍କ ମେକ ଇନ ଇଣ୍ଡିଆ ପଦକ୍ଷେପ ବ୍ରିଜଷ୍ଟୋନର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ଉନ୍ମୋଚନ ସହ ବ୍ରିଜଷ୍ଟୋନ ଭାରତର ଅଗ୍ରଣୀ ଟାୟାର ପ୍ରସ୍ତୁତକାରୀ ଭାବରେ ଉଭା ହୋଇଛି। ଏହି ଟାୟାରର ବିଶେଷତ୍ୱ ଏନିଲଟେନ ଟେକନୋଲୋଜି ସହ ଇନ୍ଧନ ଦକ୍ଷତା ଓ ସୁଗମ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବ । ଟୁରଂଜା ୬ଆଇ ଉଭୟ ସାଧାରଣ କାର୍ଯ୍ୟ ଦକ୍ଷତା ଓ କମ ଶବ୍ଦ, ଉନ୍ନତ ଇନ୍ଧନ ଦକ୍ଷତା ଓ ଉନ୍ନତ କାର୍ଯ୍ୟ ଦକ୍ଷତା ପ୍ରଦାନ ସହ ବୈଦ୍ୟୁତିକ ଯାନର ଆବଶ୍ୟକତାକୁ ପୂରଣ କରିବ । ଦ୍ରୁତ ଗତିରେ ବଢୁଥିବା ଭାରତୀୟ ବଜାର ପାଇଁ ସର୍ବୋତମ ପ୍ରଯୁକ୍ତି ପ୍ରଦାନ କରିବାକୁ ଟୁରଂଜା ୬ଆଇ ଆମର ପ୍ରତିବଦ୍ଧତାକୁ ଦର୍ଶାଏ। ଭାରତୀୟ ଗତିଶୀଳ କ୍ଷେତ୍ରକୁ ବିଶ୍ୱସ୍ତରୀୟ ଅଗ୍ରଣୀ ଟାୟାର ପ୍ରଯୁକ୍ତି ସହିତ ଯୋଡ଼ିବାରେ ଆମର ଯୋଜନାବଦ୍ଧ ରଣନୀତିର ଏକ ସଫଳତା ବୋଲି କହିଛନ୍ତି ବ୍ରିଜଷ୍ଟୋନ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ହିରୋସି ୟୋସିଜାନେ । ସେ ଆହୁରି ମଧ୍ୟ କହିଛନ୍ତି ଯେ ବ୍ରିଜଷ୍ଟୋନର ମାଲିକାନା ଏନଲାଇଟେନ ପ୍ରଯୁକ୍ତି ଉତ୍ପାଦ ଡିଜାଇନରେ ଅନ୍ତର୍ଭୁକ୍ତ ହୋଇଛି।

ମହିଳା ଉଦ୍ୟୋଗୀଙ୍କ କର୍ମଶାଳାରେ କାନାରା ବ୍ୟାଙ୍କର ଯୋଗଦାନ

ଭୁବନେଶ୍ୱର(ସବ୍ୟୁ) : ସ୍ଥାନୀୟ ହୋଟେଲ ଲାଇଫ ଠାରେ ଆଇସିସି ଜାତୀୟ ମହିଳା ଉଦ୍ୟୋଗୀ ପରିଷଦ ଦ୍ୱାରା ମହିଳା ଉଦ୍ୟୋଗୀମାନଙ୍କ ନିମନ୍ତେ ଆୟୋଜିତ ସ୍ୱତନ୍ତ୍ର କର୍ମଶାଳାରେ କାନାରା ବ୍ୟାଙ୍କ ଅଂଶଗ୍ରହଣ କରିଛି। କାନାରା ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭବେନ୍ଦ୍ର କୁମାର ଏହି କର୍ମଶାଳାକୁ ପରିଦର୍ଶନ କରି ଉପସ୍ଥିତ ସମସ୍ତଙ୍କୁ ସମ୍ବୋଧନ କରିବା ସହ ରାଜ୍ୟ ମୁଖ୍ୟ ଜଗଦୀଶ ଚନ୍ଦର ମହିଳାମାନଙ୍କ ପାଇଁ ବ୍ୟାଙ୍କ ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ଓ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। କାନାରା ବ୍ୟାଙ୍କ ଟିମ୍ ତରଫରୁ ମହିଳାମାନଙ୍କ ପାଇଁ ବିଭିନ୍ନ ଉତ୍ପାଦ ଯଥା: କାନାରା ଆଞ୍ଜେଲ ସେଭିଙ୍ଗ୍‌ସ ଆକାଉ (୧୦ ଲକ୍ଷ ପର୍ଯ୍ୟନ୍ତ କ୍ୟାନସର କେୟାର ଏବଂ ୨୬ ଲକ୍ଷ ପର୍ଯ୍ୟନ୍ତ ବ୍ୟକ୍ତିଗତ ଦୁର୍ଘଟଣା ବୀମା) ଏବଂ କାନାରା ମହିଳା ବିକାଶ ସ୍କିମ୍ (ମହିଳା ଉଦ୍ୟୋଗୀଙ୍କ ପାଇଁ ୧୦ ଲକ୍ଷରୁ ୫ କୋଟି ପର୍ଯ୍ୟନ୍ତ ଋଣ)ର ଉପସ୍ଥାପନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ମହିଳା ଉଦ୍ୟୋଗୀମାନେ ସମସ୍ତ ଉତ୍ପାଦଗୁଡିକୁ ଉନ୍ନମ ରୂପେ ଗ୍ରହଣ କରିଥିଲେ ।

ଅଟିଜିମ୍ ସଚେତନତା ସପ୍ତାହରେ

କଳିଙ୍ଗ ହସ୍ପିଟାଲ୍ ଜେନ୍ ଫାଉଣ୍ଡେସନ୍‌ର ମାଗଣା ସ୍ୱାସ୍ଥ୍ୟ ଚେକ୍ ଅପ୍ କ୍ୟାମ୍ପ୍

ଭୁବନେଶ୍ୱର (ସବ୍ୟୁ): ଅଟିଜିମ୍ ସଚେତନତା ସପ୍ତାହର ଏକ ଅଂଶ ଭାବରେ ଏକ ମାଗଣା ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ଆୟୋଜନ କରି କଳିଙ୍ଗ ହସ୍ପିଟାଲ ଲିମିଟେଡ୍ ଗର୍ବିତ ଅଟିଜିମ୍ ସ୍ପେକ୍ଟ୍ରମ୍ ବ୍ୟାଧି (ଏଏସ୍‌ଡି) ଥିବା ବ୍ୟକ୍ତିବିଶେଷଙ୍କୁ ସଚେତନ କରିବା ପାଇଁ ଏହି କାର୍ଯ୍ୟକ୍ରମ ଉତ୍ସର୍ଗୀକୃତ ଏକ ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନ ପାଇଁ ପ୍ରୋତ୍ସାହନ କରିବା ଏବଂ ଅଟିଜିମ୍ ସମ୍ପ୍ରଦାୟକୁ ଉପଲବ୍ଧ ସ୍ୱାସ୍ଥ୍ୟସେବା ଯୋଗାଇବା ଏହି ଶିବିରର ଲକ୍ଷ୍ୟ କଳିଙ୍ଗ ହସ୍ପିଟାଲ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ନିଲଞ୍ଜନା ମୁଖାର୍ଜୀ କହିଛନ୍ତି । ଆମେ ସୁସ୍ଥ ଓ ସାମାଜିକ ଜୀବନଶୈଳୀ କୁ ପ୍ରୋତ୍ସାହିତ କରିବା ଏବଂ ଅଟିଜିମ୍ ରୋଗୀଙ୍କୁ ସହାୟତା କରିବା ପାଇଁ ପ୍ରତିସୃତି ବଦ୍ଧଛ ଆମର ମାଗଣା ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ହେଉଛି ସୁବିଧାଜନକ ସ୍ୱାସ୍ଥ୍ୟ ସେବା ଯୋଗାଇବା ଏବଂ ଅଟିଜିମ୍ ସ୍ପେକ୍ଟ୍ରମ୍ ବ୍ୟାଧି (ଏଏସ୍‌ଡି) ବିଷୟରେ ସଚେତନତା ସୃଷ୍ଟି କରିବା । ଜେନ୍ ଫାଉଣ୍ଡେସନ କ୍ରମାଗତ ଭାବରେ ସମାଜର ଅଟିଜିମ୍ ବର୍ଗର ଉନ୍ନତି ପାଇଁ କାର୍ଯ୍ୟ କରୁଛି ଏହି ସ୍ୱାସ୍ଥ୍ୟ ଶିବିରରେ ଅଟିଷ୍ଟିକ୍ ପିଲା ଏବଂ ସେମାନଙ୍କ ପିତାମାତାଙ୍କୁ ଜୀବନରେ ସ୍ୱାସ୍ଥ୍ୟ ପରଖାର ଗୁରୁତ୍ୱ ବିଷୟରେ ଉତ୍ସାହିତ କରିବ । ଏ ଦିଗରେ ସହୃଦୟ ସହାୟତା ଯୋଗାଇ ଦେଇଥିବାରୁ କଳିଙ୍ଗ ହସ୍ପିଟାଲ ଲିମିଟେଡକୁ ଧନ୍ୟବାଦ । କହିଛନ୍ତି, ଜେନ୍ ଫାଉଣ୍ଡେସନ୍ ମୁଖ୍ୟ ଟ୍ରଷ୍ଟି ଶ୍ରୀମତୀ ଗର୍ଗୀ ଭଟାଚାର୍ଯ୍ୟ ।

ମୋଟୋରୋଲା ପକ୍ଷରୁ ଭାରତର ସର୍ବବୃହତ ରେଡିଓ (ୱାକୀ ଟକି) ଆରୟା ଓମନିଟକ୍ ସହ ବୁଝାମଣାପତ୍ର

ଭୁବନେଶ୍ୱର (ସବ୍ୟୁ): ଭାରତର ଦୁଇ ପ୍ରତିଷ୍ଠିତ ବ୍ୟବସାୟିକ ସଂସ୍ଥା ଅରବିନ୍ଦ ଲିମିଟେଡ୍ ଏବଂ ଜେଏମ୍ ବକ୍ସି ଗ୍ରୁପ୍‌ର ଯୌଥ ଉଦ୍ୟୋଗ 'ଆର୍ଯ୍ୟା ଓମନିଟକ୍ ଭାରତରେ ବୃତିଗତ ଏବଂ ବାଣିଜ୍ୟିକ ରେଡିଓ (ୱାକୀ ଟକି) ବିତରଣ ପାଇଁ ମୋଟୋରୋଲା ସଲ୍ୟୁସନ୍ସ ସହିତ ଏକ ସ୍ୱତନ୍ତ୍ର ସହଯୋଗିତା ସ୍ଥାପନ କରିଛି । ଆରୟା ଓମନିଟକ୍ ତିନୋଟି ବ୍ୟବସାୟ ବିଭାଗ ପରିଚାଳିତ କରୁଛି - ଯଥା, ସେୟାର୍ଡ ମୋବାଇଲ୍ ରେଡିଓ (ୱାକୀ ଟକି) ସେବା (ଏସଏମଆର) ଜିପିଏସ୍ ଆଧାରିତ ଫ୍ଲିଟ୍ ଟ୍ରାକିଂ ଏବଂ ପରିଚାଳନା ସମାଧାନ ସେବା, ଟୋଲ୍ ଏବଂ ହାଇୱେ ଟ୍ରାଫିକ୍ ମ୍ୟାନେଜ୍ ମେଟଂ ସିଷ୍ଟମ୍ (ଏଚଟିଏମ୍‌ଏସ୍) । ଏହି ସହଯୋଗିତା ଅଧୀନରେ ଆର୍ଯ୍ୟା ଓମନିଟକ୍ ବିଶେଷ ଭାବରେ ମୋଟୋରୋଲା ସଲ୍ୟୁସନ୍ସର ମୋଟୋଟିଆରବିଓ ଓ ଉତ୍ପାଦ ପୋର୍ଟଫୋଲିଓକୁ ବିତରଣ କରିବା ସହିତ ଓ୍ୱେଭ୍ ପିଟିଏକ୍ସ (ପିଟି ଟି. ଓ. ସି. ୱାକୀ ଟକି) ଏବଂ ଆନୁସଙ୍ଗିକ ସେବାଗୁଡିକର ବିତରଣ ଜାରି ରଖିବ । ପିଏମ୍‌ଆରଟିଏସ୍ (ପବ୍ଲିକ୍ ମୋବାଇଲ୍ ରେଡିଓ ଜ(ୱାକୀ ଟକି) ଟ୍ରଙ୍କିଂ ସର୍ଭିସେସ୍‌କୁ, ସିଏମ୍‌ଆରଟିସ୍ (କ୍ୟାପ୍ଟିଭ୍ ମୋବାଇଲ୍ ରେଡିଓ/ୱାକୀ ଟକି ଟ୍ରଙ୍କିଙ୍ଗ୍ ସର୍ଭିସେସ୍) ଏବଂ ବ୍ରଡବ୍ୟାଣ୍ଡ ପୁସ୍-ଟୁ-ଟକ୍ (ପିଟି ଟି. ଓ. ସି. ୱାକୀ ଟକି) ଡିଭାଇସ୍‌ର ଅଗ୍ରଣୀ ସେବା ପ୍ରଦାନକାରୀ ଆରୟା ଓମ୍‌ନିଟକ୍ ପକ୍ଷରୁ ଅହମ୍ମଦାବାଦ, ବେଙ୍ଗାଲୁରୁ, ଚେନ୍ନାଇ, ଦିଲ୍ଲୀ, ଇନ୍ଦୋର, କୋଲକାତା, ଭରୁଚ, ନଭି ମୁମ୍ବାଇ, ଗୁରଗାଓଁ, ନୋଏଡା, ମୁମ୍ବାଇ, ପୁଣେ, ସୁରଟ, ଭଦୋଦରା, ବିଶାଖାପାଟଣା, ହାଇଦ୍ରାବାଦ, କୋଚି,ଭୁବନେଶ୍ୱର ଏବଂ ଜୟପୁର ସମେତ ୧୮ଟି ସହରରେ ପରିଚାଳିତ ହେବାର ଲାଇସେନ୍ସ ରଖିଛି । ଏଥି ସହିତ ଆରୟା ଓମ୍‌ନିଟକ୍ ପକ୍ଷରୁ ଭୁବନେଶ୍ୱର୍ ଓ ଅନ୍ୟ ୧୭ ଟି ସହର ସମେତ ୩୫ଟି ସହରରେ ପିଟି ଟି. ଓ. ସି. ୱାକୀ ଟକି ବିତରଣ ସହ ଆନୁସଙ୍ଗିକ ସେବାଗୁଡିକର ବିତରଣ ଅତି ସନ୍ତୋଷଜନକ ଭାବରେ ଜାରି ରଖି ଅଗ୍ରଣୀ ହୋଇ ରହିବାରେ ସୁନାମ ଅର୍ଜନ କରିଛି।

କ୍ଷୀର ଗାଡ଼ି ଧକ୍କାରେ ଗୃହରକ୍ଷୀ ମୃତ

ନୀଳଗିରି,(ସବ୍ୟୁ) :ନୀଳଗିରି ଆଇ.ଟି.ଡି.ଏ କାର୍ଯ୍ୟାଳୟ ସମ୍ମୁଖରେ ଏକ କ୍ଷୀର ଗାଡ଼ି ଧକ୍କାରେ ସାଇକେଲରେ ଯାଉଥିବା ଜନୈକ କାର୍ଯ୍ୟରତ ଗୃହରକ୍ଷୀ ମୃତ୍ୟୁବରଣ କରିଛନ୍ତି । ସୂଚନା ଅନୁଯାୟୀ ଛୋଟକାନପୁର ଗ୍ରାମର ଲକ୍ଷ୍ମୀଧର ଜେନା (୫୫) ନୀଳଗିରି ଥାନା ଅଧୀନରେ ଗୃହରକ୍ଷୀ ଭାବେ କାର୍ଯ୍ୟରତ ଥିଲେ । ଆଜି ସକାଳ ୮ଟା ସମୟରେ ସାଇକେଲ ଯୋଗେଯାଉଥିବା ସମୟରେ ଆଇ.ଟି.ଡି.ଏ ସମ୍ମୁଖରେ ପଛପଟୁ ଏକ କ୍ଷୀରଗାଡ଼ି ନୀଳଗିରି ବଜାରରୁ ମିତ୍ରପୁର ଅଭିମୁଖେ ଯାଉଥିବା ସମୟରେ ଲକ୍ଷ୍

ବିଜେପି ସହ କଥା ହେବାକୁ ଶରଦ ପାୱାର କହିଥିଲେ

ମୁମ୍ବାଇ : ମହାରାଷ୍ଟ୍ରରେ ନିର୍ବାଚନ ମାହୋଲ ସରଗରମ ଥିବା ବେଳେ ଉପ-ମୁଖ୍ୟମନ୍ତ୍ରୀ ତଥା ଏନସିପି ମୁଖ୍ୟ ଅଜିତ ପାୱାର ବଡ ବୟାନ ଦେଇଛନ୍ତି । ଜାତୀୟ ଗଣମାଧ୍ୟମକୁ ଦେଇଥିବା ସାକ୍ଷାତକାରରେ ଅଜିତ ପାୱାର କହିଛନ୍ତି,ବିଜେପି ସହ କଥା ହେବାକୁ ପ୍ରଫୁଲ୍ଲ ପଟେଲ, ଜୟନ୍ତ ପାଟିଲ ଏବଂ ମୋତେ ଶରଦ ପାୱାର ହିଁ କହିଥିଲେ । ଉକ୍ତ ଚିଠି ମଧ୍ୟ ସମସ୍ତଙ୍କ ସାମ୍ନାକୁ ଆଣିବାକୁ ପ୍ରସ୍ତୁତ ଅଛି ।

ଅଜିତ କହିଛନ୍ତି, ଏହା ପାୱାର ବନାମ ପାୱାର ଲଢେଇ ନୁହେଁ । ବରଂ ମୋଦୀ ବନାମ ରାହୁଲ ଲଢେଇ । ନରେନ୍ଦ୍ର ମୋଦୀ ତୃତୀୟ ଥର ପ୍ରଧାନମନ୍ତ୍ରୀ ହୁଅନ୍ତୁ ଏଥିପାଇଁ ଆମେ ଭୋଟ ମାଗୁଛୁ । କିନ୍ତୁ ମିଡ଼ିଆ ଆମ ପରିବାରର ଲଢେଇକୁ ଦେଖାଉଛି । ବାସ୍ତବରେ ସେମିତି କିଛି ମଧ୍ୟ ନାହିଁ । ଇଡି ଦ୍ୱାରା ଭୟଭୀତ କରି ମୋତେ ଏଭଳି ପଦକ୍ଷେପ ନେବାକୁ ବାଧ୍ୟ କରାଗଲା ବୋଲି ଯେଉଁ ଅଭିଯୋଗ ଆସୁଛି ତାହା ସମ୍ପୂର୍ଣ୍ଣ ମିଛ । ଏବେ ବି ବିଭିନ୍ନ ପ୍ରସଙ୍ଗର ଯାଞ୍ଚ ଚାଲିଛି । ମୋଦୀଙ୍କ ଭିଜନ ପାଇଁ ବିଜେପି ସହ ଆସିବାକୁ ଆମେ ମନସ୍ଥ କରିଥିଲୁ । ବିଜେପି ଏନସିପିକୁ ଶେଷ କରିବାକୁ ଚାହୁଁଥିବା ଅଭିଯୋଗ ମିଛ । ୪୦୦ରୁ ଅଧିକ ଆସନ ହେବ କି ନାହିଁ ତାହା ଜଣାନାହିଁ କିନ୍ତୁ ଏନେଇ ପ୍ରୟାସ ଜାରି ରହିଛି । ମୋଦୀ ବିଭିନ୍ନ ସ୍ଥାନରେ ରାଲି ଓ ଶୋଭାଯାତ୍ରା କରୁଛନ୍ତି । ମୁଁ ମଧ୍ୟ ମୁଖ୍ୟମନ୍ତ୍ରୀ ହେବାକୁ ଚାହୁଁଛି । ଯଦି ମୋତେ ଭଲ ଆସନ ମିଳେ ଏବଂ ମହାରାଷ୍ଟ୍ରର ଲୋକ ସମର୍ଥନ କରନ୍ତି ତେବେ ନିଶ୍ଚିତ ମୁଖ୍ୟମନ୍ତ୍ରୀ ହେବି । ଆମେ ଯେଉଁ ନିଷ୍ପତ୍ତି ନେଇଛୁ ତାହା ଯଦି ଶରଦ ପାୱାରଙ୍କୁ ଠିକ୍ ଲାଗେ ତେବେ ସେଥିରେ ଆସିବାରେ କୌଣସି ସମସ୍ୟା ନାହିଁ ।

ଇସ୍ରାଏଲକୁ ନେଇ ଉଦ୍ଦେଶ୍ୟ ସ୍ପଷ୍ଟ କଲା ଇରାନ

ନୂଆଦିଲ୍ଲୀ: ଇସ୍ରାଏଲ ବିରୋଧରେ ଏହାର ପ୍ରସ୍ତୁତି ବିଷୟରେ ଇରାନ ମଧ୍ୟ ସୂଚନା ଦେଇଛି । ଇରାନ ନିଜର ସାମରିକ ଦିବସ ଅବସରରେ ସମସ୍ତ ଦେଶର ସାମରିକ ସଂଲଗ୍ନକୁ ଆମନ୍ତ୍ରଣ କରିଥିଲା ଏବଂ ତା'ପରେ ଇସ୍ରାଏଲ ସମ୍ବନ୍ଧରେ ନିଜର ଉଦ୍ଦେଶ୍ୟ ପ୍ରକାଶ କରିଥିଲା । ଇସ୍ରାଏଲ ଉପରେ ହୋଇଥିବା ଆକ୍ରମଣ ସମ୍ପର୍କରେ ଇରାନ ୮୦ ଟି ଦେଶକୁ ସୂଚନା ଦେଇଛି ।

ସୂଚନା ଅନୁଯାୟୀ, ମସ୍କୋର ଇରାନ ଦୂତାବାସରେ ୮୦ ଟି ଦେଶର ସାମରିକ ସଂଲଗ୍ନକୁ ଅପରେସନ୍ ଟ୍ରୁ ପ୍ରୋମିଜ୍ (ଅପରେସନ୍ ଟ୍ରୁ ପ୍ରୋମିଜ ଇରାନ ଦ୍ୱାରା ଇସ୍ରାଏଲ ଉପରେ ପ୍ରଥମ ସାମରିକ ଆକ୍ରମଣ) ବିଷୟରେ ବିସ୍ତୃତ ସୂଚନା ଦିଆଯାଇଥିଲା । ଇସ୍ରାଏଲ ବିରୋଧରେ ହୋଇଥିବା ଆକ୍ରମଣରେ କେଉଁ ପ୍ରକାରର କ୍ଷେପଣାସ୍ତ୍ର ବ୍ୟବହାର କରାଯାଇଥିଲା ତାହା ଇରାନ କହିଛି ।

ଇସ୍ରାଏଲ ବିରୋଧରେ ଏହାର ପ୍ରସ୍ତୁତି ବିଷୟରେ ଇରାନ ମଧ୍ୟ ସୂଚନା ଦେଇଛି । ଇରାନ ନିଜର ସାମରିକ ଦିବସ ଅବସରରେ ସମସ୍ତ ଦେଶର ସାମରିକ ସଂଲଗ୍ନକୁ ଆମନ୍ତ୍ରଣ କରିଥିଲା ଏବଂ ତା'ପରେ ଇସ୍ରାଏଲ ସମ୍ବନ୍ଧରେ ନିଜର

ଉଦ୍ଦେଶ୍ୟ ପ୍ରକାଶ କରିଥିଲା । ଶୁକ୍ରବାର ଦିନ ଇସ୍ରାଏଲ ଇରାନର ୯ ଟି ସ୍ଥାନକୁ ଟାର୍ଗେଟ କରିଛି । ଯେଉଁଥିରେ ଇସରର ସାମରିକ ରାଜଧାନୀ ଭାବେ ଜଣାଶୁଣା ସହର ଇସ୍ଫାହାନ୍ ଅନ୍ତର୍ଭୁକ୍ତ ।

ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିଥିଲା

ଇସ୍ରାଏଲ ଶୁକ୍ରବାର ଇରାନ ଉପରେ ଆକ୍ରମଣ କରିଥିଲା । ଆମେରିକାର ଗଣମାଧ୍ୟମ ଦାବି କରିଛି ଯେ ଇରାନର ଇସଫାହାନ ବିମାନବନ୍ଦର ନିକଟରେ ବିସ୍ଫୋରଣ ଶୁଣାଯାଇଛି ।

ତେବେ, ଇରାନ ୧୪ ଏପ୍ରିଲରେ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲା, ଏହାର ଉତ୍ତରରେ ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିଥିଲା । ୧ ଏପ୍ରିଲରୁ ଦୁଇ ଦେଶ ମଧ୍ୟରେ ତିକ୍ତତା ଆରମ୍ଭ ହୋଇଥିଲା । । ଯେତେବେଳେ ଇସ୍ରାଏଲ ଦମ୍ପେସକରେ ଇରାନର ଦୂତାବାସ ଉପରେ ଆକ୍ରମଣ କରିଥିଲା । ଏହା ପରେ, ଏପ୍ରିଲ ୧୪ ରେ, ଇରାନ ଇସ୍ରାଏଲ ବିରୁଦ୍ଧରେ ଏହି ଆକ୍ରମଣର ପ୍ରତିଶୋଧ ନେଇଥିଲା ।

ଇରାନର ବୈଦେଶିକ ମନ୍ତ୍ରୀ କ'ଣ କହିଛନ୍ତି ?

ଶୁକ୍ରବାର ଦିନ ଇରାନ ଉପରେ ଇସ୍ରାଏଲର ଆକ୍ରମଣ ପରେ ଇରାନର ବୈଦେଶିକ ମନ୍ତ୍ରୀ ହୋସେନ୍ ଅମିରାବଡୋଲ୍ଲାହାନ୍ ଏକ ସାକ୍ଷାତକାରରେ କହିଛନ୍ତି ଯେ ଯଦି ଇସ୍ରାଏଲ୍ ଅନ୍ୟ ଏକ ଅଦମ୍ୟ କାର୍ଯ୍ୟ କରିବାକୁ ଏବଂ ଇରାନର ସ୍ୱାର୍ଥ ବିରୁଦ୍ଧରେ କାର୍ଯ୍ୟ କରିବାକୁ ଚାହୁଁଛି, ତେବେ ଆମର ପରବର୍ତ୍ତୀ ପ୍ରତିକ୍ରିୟା ତୁରନ୍ତ ଏବଂ ସର୍ବାଧିକସ୍ତରରେ ହେବ । ଏପ୍ରିଲ ୧ ରେ ଇସ୍ରାଏଲର ଆକ୍ରମଣ ପରେ ବୈଦେଶିକ ମନ୍ତ୍ରୀ ଏହା ମଧ୍ୟ ସ୍ପଷ୍ଟ କରିସାରିଛନ୍ତି ଏବଂ ଯେଉଁ କାର୍ଯ୍ୟରେ ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ଆମର କାର୍ଯ୍ୟ ସରିଛି, ଆମେ ସିଦ୍ଧାନ୍ତରେ ପହଞ୍ଚିଛୁ । ତେବେ ଏହି ଆକ୍ରମଣ ସମ୍ପର୍କରେ ଇସ୍ରାଏଲ୍ ଏପର୍ଯ୍ୟନ୍ତ କୌଣସି ବିବୃତି ଦେଇନାହିଁ ।

ଓଲଟିଲା ବସ୍, ୨୧ ସୁରକ୍ଷାକର୍ମୀ ଆହତ

ଭୋପାଳ: ନିର୍ବାଚନ ଡ୍ୟୁଟି ସାରି ଫେରୁଥିବା ବେଳେ ମଧ୍ୟପ୍ରଦେଶର ବୈତୁଲ ଜିଲ୍ଲାରେ ଓଲଟିଲା ବସ୍ । ଏଥିରେ ୨୧ ପୋଲିସ କର୍ମୀଙ୍କ ସମେତ ହୋମ ଗାର୍ଡ କର୍ମଚାରୀ ଆହତ ହୋଇଛନ୍ତି । ଆଜି ଭୋର ସମୟରେ ଏହି ଦୁର୍ଘଟଣା ଘଟିଥିବା ଏସଡିଓପି ଶାଲିନୀ ପରସ୍ତେ ଏହି ସୂଚନା ଦେଇଛନ୍ତି ।

ସୂଚନା ମୁତାବକ, ତକାଲି ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଥିବାବେଳେ, ନିର୍ବାଚନ ଡ୍ୟୁଟି ସାରି ଯବାନମାନେ ଫେରୁଥିଲେ । ଏହି ସମୟରେ ଭୋପାଳ-ବୈତୁଲ ଜାତୀୟ ରାଜପଥର ବରୋଥା ଘାଟରେ ଉକ୍ତ ବସ୍ ଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଉକ୍ତ ବସରେ ମୋଟ ୪୦ ଜଣ ଯବାନ ଥିଲେ । ଏଥିରେ ୨୧ ଜଣ ଯବାନ ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ପ୍ରଥମେ ସାହାପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଆଠ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୈତୁଲ ଜିଲ୍ଲା ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତିକରାଯାଇଛି । ଏସଡିଓପି ଶାଲିନୀ କହିଛନ୍ତି ଯେ, ରାସ୍ତାରେ ସାମ୍ନା ପଟୁ ଆସୁଥିବା ଏକ ଟ୍ରକ ସହ ଧକ୍କା ହୋଇଯିବା ଭୟରେ ବସ୍ ଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଶୁକ୍ରବାର ଦିନ ଛିନ୍ଦବାଡା ଲୋକସଭା ଆସନ ପାଇଁ ମତଦାନ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ଏହି ଯବାନ ମାନେ ଡ୍ୟୁଟି ପାଇଁ ଯାଇଥିଲେ ।

୬୪ ହଜାର ଲୋକଙ୍କୁ ଚାକିରିରୁ ବିଦା କଲେଣି ଆଇଟି କମ୍ପାନୀ

ନୂଆଦିଲ୍ଲୀ: ବିଗତ ଦୁଇ ଦଶନ୍ଧି ଧରି ଏମାନେ ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି କ୍ଷେତ୍ରରେ ଦକ୍ଷତା ହାସଲ କରିଥିବା ଲୋକଙ୍କୁ ବିପୁଳ ସଂଖ୍ୟାରେ ନିଯୁକ୍ତି ଦେଉଥିଲେ । କିନ୍ତୁ ସମୟ ବଦଳିବା ସହ ସେମାନଙ୍କ ସ୍ଥିତି ବଦଳି ଯାଇଛି । ନିଯୁକ୍ତି ବଦଳରେ ସେମାନେ ଆରମ୍ଭ କରିଛନ୍ତି ଛଟେଇ ।

ଏପରି ସ୍ଥିତି ଟିସିଏସ୍, ଇନଫୋସିସ ଓ ୱିପ୍ରୋ ସହ ଘଟିଛି । ଏକଦା ଆଇଟି ଜଗତର ଏହି ଟପ୍ ୩ କମ୍ପାନୀ ସର୍ବାଧିକ ନିଯୁକ୍ତି ଦେଉଥିଲେ । କିନ୍ତୁ ଏହି ୩ କମ୍ପାନୀ ମାର୍ଚ୍ଚରେ ଶେଷ ହୋଇଥିବା ଆର୍ଥିକ ବର୍ଷ ସୁଦ୍ଧା ୬୪ ହଜାର ଲୋକଙ୍କୁ ଚାକିରିରୁ ବିଦା କରି ସାରିଲେଣି ।

ସେହିପରି ବର୍ତ୍ତମାନ ଚାଲିଥିବା ଆର୍ଥିକ ବର୍ଷରେ ସେମାନଙ୍କ ରାଜସ୍ୱ ସଂଗ୍ରହ ସେତେଟା ଭଲ ରହିବ ନାହିଁ ବୋଲି ଆକଳନ କରାଯାଇଛି । ଚଳିତ

ଆର୍ଥିକ ବର୍ଷରେ ଇନଫୋସିସର ରାଜସ୍ୱ ଅଭିବୃଦ୍ଧି ୧ରୁ ୩% ମଧ୍ୟରେ ରହିବ । ୱିପ୍ରୋ ରାଜସ୍ୱ ୧.୫% ହ୍ରାସ ପାଇବ କିମ୍ବା ଜୁନ କ୍ୱାର୍ଟର ସୁଦ୍ଧର ଏହା ୦.୫% ବଢ଼ିପାରେ ।

ଏପରି ଖବର ଇଞ୍ଜିନିୟର ଗ୍ରାଜୁଏଟଙ୍କ ପାଇଁ ଆଦୌ ଭଲ ଖବର ନୁହେଁ । କାରଣ ରାଜସ୍ୱ ଅଭିବୃଦ୍ଧି ନ ହେଲେ କମ୍ପାନୀଗୁଡ଼ିକ ନୂଆ ନିଯୁକ୍ତି ମଧ୍ୟ ଦେବେ ନାହିଁ । ଏଭରେଷ୍ଟ ଗ୍ରୁପ୍ର ସିଇଓ ବେନଡର ସାମ୍ୟୁଏଲ କହିଛନ୍ତି, କରୋନା ପରେ ଅତ୍ୟଧିକ ନିଯୁକ୍ତି ମିଳିଥିଲା । କିନ୍ତୁ ନୂଆ ଦକ୍ଷ ପିଲାଙ୍କୁ ସୁଯୋଗ ଦେବାକୁ ଏବେ ଛଟେଇ କରାଯାଉଛି । ଆଇଟି ଇଣ୍ଡଷ୍ଟ୍ରୀର ଚାହିଦା ମଧ୍ୟ କମିଛି ବୋଲି ସେ କହିଛନ୍ତି ।

ଆମେରିକାର ଅର୍ଥନୀତି ଭଲ କରୁଛି । କିନ୍ତୁ ଟିସିଏସ୍ ସିଇଓ କେ କୀର୍ତ୍ତିବାସନ ନିକଟରେ କହିଥିଲେ ଆମେରିକାର ଉଦ୍ୟୋଗୀମାନେ ପୂର୍ବଭଳି ଚିନ୍ତାରେ ରହି ପାରନ୍ତି । କାରଣ ଆଗକୁ ଆର୍ଥିକ ମାନ୍ଦାବସ୍ଥାର ସାମ୍ନା କରିବାକୁ ପଡ଼ିପାରେ । ତେଣୁ ଆଇଟି କ୍ଷେତ୍ରରେ ଅଧିକ ମାତ୍ରାରେ ନିବେଶ କରିବାକୁ ସମସ୍ତେ ଡରୁଛନ୍ତି ।

ୱିପ୍ରୋର ମାନବ ସମ୍ବଳ ବିଭାଗର ମୁଖ୍ୟ ସୌରଭ ଗୋଭିଲ କହିଛନ୍ତି, ଛଟେଇ ବିଭିନ୍ନ କାରଣ ପାଇଁ କରାଯାଇଛି । ଅପରେସନାଲ ଦକ୍ଷତା ମଧ୍ୟ ଏହାର ମୁଖ୍ୟ କାରଣ । ଅନ୍ୟପକ୍ଷରେ କୃତ୍ରିମ ବୁଦ୍ଧିମତା ବା ଏଆଇ ଯୋଗୁ ମଧ୍ୟ ଛଟେଇ କରାଯାଉଛି । ପରିବେଶର ଆବଶ୍ୟକତା ଯୋଗୁ ମଧ୍ୟ ବିଭିନ୍ନ କମ୍ପାନୀ ନିଜର କର୍ମଚାରୀଙ୍କ ସଂଖ୍ୟା ହ୍ରାସ କରୁଥିବା କୁହାଯାଉଛି ।

ଏଲେନ ମସ୍କଙ୍କ ଭାରତ ଗସ୍ତ ବାତିଲ

ନୂଆଦିଲ୍ଲୀ: ରବିବାର ଭାରତ ଆସିବେନି ବିଶ୍ୱର ସବୁଠୁ ଧନୀ ତଥା ଟେସ୍ଲା ସିଇଓ ଏଲନ ମସ୍କ । ତାଙ୍କ ଦୁଇ ଦିନିଆ ଭାରତ ଗସ୍ତ ବାତିଲ ହୋଇଯାଇଛି । ଏପ୍ରିଲ ୨୧ ଏବଂ ୨୨ ତାରିଖରେ ଏଲନ୍ ମସ୍କ ଭାରତ ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବାର କାର୍ଯ୍ୟକ୍ରମ ଥିଲା । ତେବେ ଏହା ପୂର୍ବରୁ ସେ ନିଜ ଗସ୍ତକୁ ବାତିଲ କରିଦେଇଛନ୍ତି । ସ୍ପେସ୍ଏକ୍ସ ସଂସ୍ଥାପକ ଏଲନ ମସ୍କ ସୋଶାଲ ମିଡିଆ ଆକାଉଣ୍ଟରେ ଏକ ପୋଷ୍ଟ ସେୟାର କରି ଏନେଇ ସୂଚନା ଦେଇଛନ୍ତି । ସେ କହିଛନ୍ତି, ''ଦୁର୍ଭାଗ୍ୟବଶତଃ ଟେସ୍ଲାର କିଛି କାର୍ଯ୍ୟ ହେତୁ ଭାରତ ଗସ୍ତରେ ବିଳମ୍ବ କରିବାକୁ ପଡୁଛି । କିନ୍ତୁ ମୁଁ ଚଳିତବର୍ଷ ଶେଷ ସୁଦ୍ଧା ଭାରତ ପରିଦର୍ଶନ କରିବାକୁ ନେଇ ବହୁତ ଉତ୍ସାହିତ ଅଛି ।

ଗତ ସପ୍ତାହରେ ମସ୍କ ଭାରତ ଗସ୍ତ ନେଇ ସୂଚନା ଦେଇଥିଲେ । ସେ ଭାରତ ଆସି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିବେ ବୋଲି କହିଥିଲେ । ଏଲନ୍ ମସ୍କ ଭାରତରେ ଏକ ଫ୍ୟାକ୍ଟ୍ରି ନିର୍ମାଣ ପାଇଁ ୨ରୁ ୩ ବିଲିୟନ ଡଲାରର ପୁଞ୍ଜି ବିନିଯୋଗ ଘୋଷଣା କରିବେ ବୋଲି ଆଶା କରାଯାଉଥିଲା ।

ଗତ ବର୍ଷ ଜୁନ୍ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତ ବେଳେ ଏଲନ ମସ୍କଙ୍କୁ ଭେଟିଥିଲେ । ଏହି ସମୟରେ ମସ୍କ କହିଥିଲେ ଯେ ସେ ୨୦୨୪ରେ ଭାରତ ଯାତ୍ରା କରିବା ଯୋଜନା ରହିଛି । ଏଥିସହ ଟେସଲା ଖୁବ ଶୀଘ୍ର ଭାରତୀୟ ବଜାରରେ ପ୍ରବେଶ କରିବ ବୋଲି ମସ୍କ ଇସାରା କରିଥିଲେ ।

ବିଜେପି ପ୍ରାର୍ଥୀ ସର୍ବେଶ ସିଂଙ୍କ ଦେହାନ୍ତ

ମୋରାଦାବାଦ: ୟୁପିର ମୋରାଦାବାଦରୁ ଭାରତୀୟ ଜନତା ପାର୍ଟି (ବିଜେପି) ପାଇଁ ଏକ ଖରାପ ଖବର ଆସିଛି । ବିଜେପିର ଲୋକସଭା ପ୍ରାର୍ଥୀ କୁୱଁର ସର୍ବେଶ ସିଂଙ୍କ ଦେହାନ୍ତ ହୋଇଛି । ସେ କର୍କଟ ରୋଗରେ ପୀଡିତ ଥିଲେ । ନିଜକୁ ଦେଖାଇବା ପାଇଁ ଏମ୍ସକୁ ଯାଇଥିଲେ, ଯେଉଁଠାରେ ସେ ହୃଦଘାତରେ ପୀଡିତ ହୋଇଥିଲେ ଏବଂ ୭୧ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ସର୍ବେଶ ସିଂଙ୍କ ଦେହାନ୍ତ ଖବର ପାଇବା ମାତ୍ରେ ଜିଲ୍ଲା ଓ ରାଜ୍ୟର ରାଜନୈତିକ ମହଲରେ ଶୋକର ଲହରୀ ଖେଳିଯାଇଥିଲା । ଗତକାଲି ଅର୍ଥାତ୍ ୧୯ ଏପ୍ରିଲରେ ଜିଲ୍ଲାରେ ଅନୁଷ୍ଠିତ ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ସେ ଭୋଟ୍ ଦେଇଥିଲେ ଏବଂ ଆଜି ତାଙ୍କର ଦେହାନ୍ତ ହୋଇଛି ।

ଲୋକସଭା ନିର୍ବାଚନର ନିଷ୍ପତ୍ତି ଜୁନ୍ ୪ ରେ ଆସିବ । ଯଦି ସେ ଏହି ଆସନରୁ ନିର୍ବାଚନରେ ଜିତନ୍ତି, ତା'ହେଲେ ଏଠାରେ ପୁନର୍ବାର ଉପନିର୍ବାଚନ ହେବ । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତାଙ୍କ ଦେହାନ୍ତରେ ସମବେଦନା ଜଣାଇଛନ୍ତି ।

ଅସୁସ୍ଥତା ଯୋଗୁ ସେ ଗୋଟିଏ ଦିନ ବି ନିର୍ବାଚନ ପ୍ରଚାରକୁ ଯାଇପାରି ନଥିଲେ । ସିଂ କର୍କଟ ରୋଗରେ ପୀଡିତ ଥିଲେ । ଗତ ମାର୍ଚ୍ଚରେ ସେ ଅସୁସ୍ଥ ଥିବାରୁ ସେ ଏକ ଦାନ୍ତ ଅପରେସନ କରିଥିଲେ ।

ସିଏମ ଯୋଗୀ ସୋସିଆଲ ମିଡ଼ିଆ ଏକ୍ସରେ ପୋଷ୍ଟ କରି କହିଛନ୍ତି ମୋରାଦାବାଦ ଲୋକସଭା ନିର୍ବାଚନମଣ୍ଡଳୀରୁ ବିଜେପି ପ୍ରାର୍ଥୀ ତଥା ପୂର୍ବତନ ସାଂସଦ କୁୱଁର ସର୍ବେଶ ସିଂଙ୍କ ଦେହାନ୍ତରେ ସେ ଦୁଃଖିତ । ଏହା ବିଜେପି ପରିବାର ପାଇଁ ଏକ ଅପୂରଣୀୟ କ୍ଷତି । ଶୋକସନ୍ତପ୍ତ ପରିବାରଙ୍କୁ ମୋର ସମବେଦନା ଜଣାଉଛି । ଭଗବାନ ଶ୍ରୀରାମଙ୍କ ନିକଟରେ ପ୍ରାର୍ଥନା ଦିବଗତ ଆତ୍ମାଙ୍କୁ ତାଙ୍କ ଚରଣରେ ସ୍ଥାନ ପ୍ରଦାନ କରନ୍ତୁ ।

ଭୋଟ ଦେଲେ ପାଣି ମିଳିବ

ମୁମ୍ବାଇ: କର୍ଣ୍ଣାଟକ ଉପ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ଅଡୁଆ ବିଛିଛ ସେ ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କରିଥିବା ଅଭିଯୋଗ ହୋଇଛି । ଏଥିପାଇଁ ତାଙ୍କ ନାଁରେ ଥାନାରେ ମାମଲା ରୁଜୁ କରାଯାଇଛି । କଂଗ୍ରେସ ପାଇଁ ବେଙ୍ଗାଲୁରୁରେ ପ୍ରଚାର କରିବା ବେଳେ ପାଣି ବଦଳରେ ଭୋଟ ଦେବାକୁ ସେ ଲୋକଙ୍କୁ କହିଥିବା ଗୋଟିଏ ଭିଡିଓ ସାମ୍ନାକୁ ଆସିଛି । ଗ୍ରାମୀଣ ବେଙ୍ଗାଲୁରୁର ଡିକେ ସୁରେଶ କଂଗ୍ରେସ ଟିକେଟରୁ ନିର୍ବାଚନ ଲଢୁଛନ୍ତି ସୁରେଶ ହେଉଛନ୍ତି ଶିବକୁମାରଙ୍କ ଭାଇ । ତାଙ୍କ ପାଇଁ ପ୍ରଚାର କରିବା ବେଳେ ଶିବକୁମାର କହିଥିଲେ ଯେ ଯଦି ଲୋକମାନେ ଡିକେ ସୁରେଶଙ୍କୁ ଭୋଟ ଦେବେ, ତା'ହେଲେ କାବେରୀ ନଦୀରୁ ପାଣି ସମସ୍ତଙ୍କୁ ଯୋଗାଇ ଦିଆଯିବ । ଏହାର ଭିଡିଓ ଭାଇରାଲ ହେବା ପରେ ରାଜ୍ୟ ନିର୍ବାଚନ କମିଶନର କହିଛନ୍ତି ଯେ ଶିବକୁମାରଙ୍କ ଭାଷଣ ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଙ୍ଘଦ କରୁଛି । ନିର୍ବାଚନକୁ ପ୍ରଭାବିତ କରିବା ପାଇଁ ସେ ଖୋଲାଖୋଲି ଭାବେ ଲାଞ୍ଚ କାରବାର କଥା କହୁଥିବାରୁ ତାଙ୍କ ବିରୋଧରେ ପୁଲିସ୍ରେ ମାମଲା କରାଯାଇଛି ।

ସାମ୍ନାକୁ ଆସିଥିବା ଭିଡିଓରେ ଶିବକୁମାର ସ୍ପଷ୍ଟ ଭାବେ ଗୋଟିଏ ହାଉସିଂ ସୋସାଇଟିକୁ କହୁଛନ୍ତି ଯେ ମୁଁ ଏଠାରେ ଗୋଟିଏ ବିଜନେସ ମିଟିଂ ପାଇଁ ଆସିଛି । ଆପଣମାନେ କାବେରୀ ପାଣି ଚାହୁଁଛନ୍ତି । ବାକି ସବୁ ପ୍ରସଙ୍ଗ ଛୋଟ । ଯଦି ମୁଁ ପାଣି ଯୋଗାଇ ଦେବି, ତା'ହେଲେ

ଆପଣମାନେ ମୋ ପାଇଁ କ'ଣ କରିବେ? ମୁଁ କମିଶନରଙ୍କ ସହ ଏ ପ୍ରସଙ୍ଗରେ କଥା ହୋଇଛି ।

କ'ଣ କରାଯାଇ ପାରିବ ମୁଁ ତାଙ୍କୁ ପଚାରିଛି । ମୁଁ ଶେୟାରିଂ ଓ କେୟାରିଂରେ ବିଶ୍ୱାସ କରେ । ଆପଣମାନେ ମୋ ଉପରେ ବିଶ୍ୱାସ ଦେଖାଇଲେ ମୁଁ ମଧ୍ୟ ଆପଣଙ୍କ କଥା ବୁଝିବି । ଆପଣମାନେ ପ୍ରାର୍ଥୀଙ୍କ ପାଇଁ ନୁହେଁ, ବୁଥ ଅନୁସାରେ ଭୋଟ ଦେଉଛନ୍ତି । ମୁଁ ଉପ ମୁଖ୍ୟମନ୍ତ୍ରୀଛ ବିଡିଏ, ବେଙ୍ଗାଲୁରୁ ଓ ପାଣି ମନ୍ତ୍ରୀ । ମୁଁ ଆଜି ଏଠାକୁ ଆସିଛି । ଆପଣଙ୍କ ପକେଟରେ ସବୁ କିଛି ଅଛି । ମୁଁ ଆପଣଙ୍କ ଘରୁ ଆସିଛି । ମୋର ବ୍ୟବହାର କରନ୍ତୁ ଓ ମୋ ସପକ୍ଷରେ ଭୋଟ ଦିଅନ୍ତୁ । ୨ରୁ ୩ ମାସ ମଧ୍ୟରେ ଆପଣମାନଙ୍କୁ ସବୁ ସମସ୍ୟାର ସମାଧାନ ମୁଁ କରିଦେବି ।

ଦୀର୍ଘ ୨ ମାସ ହେଲାଣି ବେଙ୍ଗାଲୁରୁବାସୀ ପାଣି ସଙ୍କଟର ସମ୍ମୁଖୀନ ହେଉଛନ୍ତି । ବେଙ୍ଗାଲୁରୁକୁ କାବେରୀ ଓ ଭୂତଳ ଜଳ ମିଳିଥାଏ । ରିସାଇକେଲ ପ୍ରକ୍ରିୟା ଦ୍ୱାରା ଲୋକଙ୍କୁ ପିଇବା ପାଣି ଯୋଗାଇ ଦିଆଯାଏ । କିନ୍ତୁ ବର୍ଷାର ଅଭାବ ଯୋଗୁ ପାଣିର ସଙ୍କଟ ଦେଖିବାକୁ ମିଳିଛି ।

ଏବେ ଡିକେ ଶିବକୁମାର କାବେରୀ ପାଣି ପାଇଁ ଲୋକଙ୍କ ଆଗରେ ଭୋଟ ଦେବାକୁ ସର୍ତ୍ତ ରଖିଛନ୍ତି । କର୍ଣ୍ଣାଟକାରେ ଆସନ୍ତା ଏପ୍ରିଲ ୨୬ ଓ ମେ' ୭ରେ ଦୁଇଟି ପର୍ଯ୍ୟାୟରେ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେବ ।

ସ୍ୱାଧୀନତାର ୭୬ବର୍ଷ ପରେ ଲୋକେ ଦେଲେ ଭୋଟ

ନୂଆଦିଲ୍ଲୀ: ସ୍ୱାଧୀନତାର ୭୬ବର୍ଷରେ ଆମେ ପାଦ ଦେଇସାରିଛୁ । ବିକାଶର ନାରାରେ ଆଗକୁ ବଢିସାରିଛୁ ବୋଲି ଆମେ ବାରମ୍ବାର ଦାବି ମଧ୍ୟ କରିଛୁ । ଏଥିସହ ଆମେ ୧୮ତମ ଲୋକସଭା ନିର୍ବାଚନ ପାଳନ କରୁଛୁ । ହେଲେ ଆମେ ଆପଣଙ୍କୁ ଏମିତି ଏକ ଗାଁ କହିବୁ ଯେଉଁଠି ସ୍ୱାଧୀନତାର ୭୬ ବର୍ଷ ପରେ ମଧ୍ୟ କୌଣସି ଲୋକ ନିଜର ମତଦାନ କରିନଥିଲେ । ଯେଉଁଠାରେ ଚଳିତ ବର୍ଷ ୨୦୨୪ ଲୋକସଭା ନିର୍ବାଚନରେ ଭୋଟ୍ ଦିଆଯାଇଥିଲା ।

ଛତିଶଗଡର ବସ୍ତର ଜିଲ୍ଲାରେ ନକ୍ସଲ ବିରୋଧୀ କାର୍ଯ୍ୟରେ ସୁରକ୍ଷା ବ

ରାହୁଲ, ରୁତୁରାଜଙ୍କୁ ଜୋରିମାନା

ନୂଆଦିଲ୍ଲୀ,୨୦।୪(ଏଜେନ୍ସି): ଆଇପିଏଲ୍-୨୦୨୪ର ୩୪ତମ ମ୍ୟାଚରେ ଚେନ୍ନାଇକୁ ଚିତପଟାଙ୍ଗ କରିଥିଲା ଲକ୍ଷ୍ନୌ । କିନ୍ତୁ ଏହି ମ୍ୟାଚରେ ଦୁଇଯାକ ଦଳର ଅଧିନାୟକଙ୍କ ଉପରେ ଜରିମାନା ଲଗାଇଛି ବିସିସିଆଇ । ଲକ୍ଷ୍ନୌ ସୁପରଜ୍ୟାଣ୍ଟସ ଅଧିନାୟକ ଲୋକେଶ ରାହୁଲ ଏବଂ ଚେନ୍ନାଇ ସୁପରକିଙ୍ଗ୍ସ ଅଧିନାୟକ ରୁତୁରାଜ ଗାଏକ୍ୱାର୍ଡଙ୍କ ଉପରେ ସ୍ଲୋ ଓଭର ପାଇଁ ୧୨ ଲକ୍ଷ ଟଙ୍କାର ଜୋରିମାନା ଲଗାଇଛି ବିସିସିଆଇ ।

ଏହି ମ୍ୟାଚରେ ଟସ୍ ଜିତି ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । କିନ୍ତୁ ନିର୍ଦ୍ଧାରିତ ସମୟ ମଧ୍ୟରେ ୨୦ ଓଭର ବୋଲିଂ କରିପାରିନଥିଲା । ଲକ୍ଷ୍ନୌ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୋଟିଏ ଓଭର କମ୍ ପକାଇଥିଲା । ସେହିପରି ଚେନ୍ନାଇ ସୁପରକିଙ୍ଗ୍ସ ଫିଲ୍ଡିଂ ସେଟ୍ କରିବାରେ ଅଧିକ ସମୟ ଲଗାଇଥିଲା । ତେଣୁ ନିର୍ଦ୍ଧାରିତ ସମୟ ଅନୁସାରେ ବୋଲିଂ କରିପାରିନଥିଲା । ଖାସ୍ ଏଇତି ପାଇଁ ରାହୁଲ ଓ ରୁତୁରାଜଙ୍କୁ ସିଜନର ପ୍ରଥମ ଭୁଲ ପାଇଁ ୧୨/୧୨ ଲକ୍ଷ ଟଙ୍କାର ଜୋରିମାନା ଲଗାଯାଇଛି । ଏହା ପୂର୍ବରୁ ସ୍ଲୋଓଭର ରେଟ୍ ପାଇଁ ଶୁଭମନ ଗିଲ୍, ରିଷଭ ପନ୍ତ, ଶ୍ରେୟାସ ଆୟର, ହାର୍ଦ୍ଦିକ ପାଣ୍ଡ୍ୟା, ସଞ୍ଜୁ ସାମସନ ଦଣ୍ଡିତ ହୋଇଥିଲେ । ରିଷଭ ପନ୍ତ ଦୁଇଥର ଜୋରିମାନା ଦେଇଛନ୍ତି । ଆଇପିଏଲ୍ ନିୟମ ଅନୁସାରେ ୩ଥର ସ୍ଲୋଓଭର ରେଟ ଜୋରିମାନା ଲାଗିଲେ ଅଧିନାୟକଙ୍କ ଉପରେ ୩୦ ଲକ୍ଷ ଟଙ୍କା ସହ ଗୋଟିଏ ମ୍ୟାଚ ପାଇଁ ବ୍ୟାନ ଲଗାଯାଇପାରେ । ତେଣୁ ଆଉଥରେ ସ୍ଲୋ ଓଭର ରେଟ୍ ବୋଲିଂ କଲେ ପନ୍ତଙ୍କୁ ଗୋଟିଏ ମ୍ୟାଚରୁ ଦଳ ବାହାରେ ବସିବାକୁ ପଡିବ । ଲକ୍ଷ୍ନୌରେ ଖେଳାଯାଇଥିବା ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଚେନ୍ନାଇର ୧୭୬ ରନ୍ କରିଥିଲା । ଦଳ ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସାମ୍ନା କରିଥିଲା । କିନ୍ତୁ ଜାଡେଜା ୪୦ ବଲ୍‌ରୁ ୫୭ ଓ ଧୋନି ୯ ବଲ୍‌ରୁ ୨୮ ତଥା ମୋଇନ ଅଲ୍ଲୀ ୨୦ ବଲ୍‌ରୁ ୩୦ ରନ୍ କରିଥିଲେ । ରାହାଣେ ୩୬, ରୁତୁରାଜ ଗାଏକ୍ୱାର୍ଡ ୧୭ ରନ୍ କରିଥିଲେ । ଲକ୍ଷ୍ନୌ ୧୭୭ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ଲୋକେଶ ରାହୁଲ ଓ କ୍ୱିଣ୍ଟନ ଡିକକ୍ ବ୍ୟାଟିଂ ଜରିଆରେ ୮ ୱିକେଟ୍‌ରେ ମ୍ୟାଚ ଜିତିନେଇଥିଲା ।

କୋଟ୍‌ଲାରେ ସନ୍‌ରାଇଜର୍ସ ରାଜ୍

ଆଇପିଏଲ୍ ମହାସମର

ନୂଆଦିଲ୍ଲୀ,୨୦।୪(ଏଜେନ୍ସି): ଆଇପିଏଲ୍‌ର ୩୫ତମ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଦମ୍ଭ ଦେଖାଇଛି । ପୂର୍ବ ମ୍ୟାଚ ଗୁଡିକ ଭଳି ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୨୬୬ ରନ୍‌ର ବିଶାଳ ସ୍କୋର କରି ୬୭ ରନ୍ ବ୍ୟବଧାନରେ ବିଜୟୀ ଲାଭ କରିଛି । ଚଳିତ ସିଜନ୍‌ରେ ଏହା ସନ୍‌ରାଇଜର୍ସ ପଞ୍ଚମ ବିଜୟ । ଦିଲ୍ଲୀର ଫିରୋଜ ଶାହା କୋଟାଲ (ଅରୁଣ ଜେଟଲୀ ଷ୍ଟାଡିୟମ୍)‌ରେ ଘରୋଇ ଦଳକୁ ଧରାଶାୟୀ କରି ସନ୍‌ରାଇଜର୍ସ ରାଜ୍ କରିଛି । ଏହି ମ୍ୟାଚରେ ସନ୍‌ରାଇଜର୍ସ ଟ୍ରେଭିସ ହେଡଙ୍କ ୮୯ ଓ ଶାହାବାଜ ଅହମ୍ମଦଙ୍କ ୬୯ ରନ୍ ବଳରେ ୨୦ ଓଭରରେ ୭ ୱିକେଟ୍ ହରାଇ ୨୬୬ ରନ୍ କରିଥିଲା । ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ୧୯.୧ ଓଭରରେ ୧୯୯ ରନ କରି ଅଲ୍‌ଆଉଟ୍ ହୋଇଥିଲା ।

ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ ପକ୍ଷରୁ ଟ୍ରେଭିସ ହେଡ ଓ ଅଭିଶେକ ପାଳି ଆରମ୍ଭ କରିଥିଲେ । ଦୁହେଁ ଏପରି ଖେଳିଲେ ଯେ, ୬ ଓଭରରେ ଦଳୀୟ ସ୍କୋର ୧୩୦ ରନରେ ପହଞ୍ଚି ଯାଇଥିଲା । ସବୁ ବୋଲରଙ୍କୁ ନିସ୍ତୁକ ଛେଚି ଥିଲେ ଟ୍ରେଭିସ୍ ହେଡ ଓ ଅଭିଶେକ ଶର୍ମା । ହେଡ ୩୨ ବଲ୍‌ର ସମ୍ମୁଖୀନ ହୋଇ ୧୧ ଚୌକା ଓ ୬ ଛକା ସହାୟତାରେ ୮୯ ରନ କରିଥିବା ବେଳେ ଅଭିଶେକ ଶର୍ମା ମାତ୍ର ୧୨ ବଲ୍‌ରୁ ୨ଟି ଚୌକା ଓ ୬ଟି ଛକା ସହାୟତାରେ ୪୬ ରନ୍ କରିଥିଲେ । ଅବଶ୍ୟ ମଧ୍ୟମକ୍ରମରେ ଦ୍ରୁତ ରନ୍ ସଂଗ୍ରହରେ ଅଙ୍କୁଶ ଲାଗିଥିଲା । ତଥାପି ହେନରିଚ କ୍ଲାସେନ୍ ୧୫, ନୀତିଶ କୁମାର ରେଡ୍ଡୀ ୩୭ ଓ ଶାହାବାଜ ଅହମ୍ମଦ ଅପରାଜିତ ୫୯ ରନ୍ ସଂଗ୍ରହ କରିବାରୁ ଦଳୀୟ ସ୍କୋର ୨୦ ଓଭରରେ ୨୬୬/୭ରେ ପହଞ୍ଚିଯାଇଥିଲା । ବେଶ ମହଙ୍ଗା ସାବ୍ୟସ୍ତ ହୋଇଥିବା ଦିଲ୍ଲୀର କୁଲଦୀପ ଯାଦବ ୪ ଓଭରରେ ୫୫ ରନ୍ ଦେଇ ସର୍ବାଧିକ ୪ ୱିକେଟ୍ ଅକ୍ତିଆର କରିଥିଲେ । ମୁକେଶ କୁମାର ଓ ଅକ୍ଷର ପଟେଲ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ । ଲଳିତ ଯାଦବ ୨ ଓଭରରେ ୪୧ ରନ୍ ଦେଇ ସବୁଠୁ ମହଙ୍ଗା ସାବ୍ୟସ୍ତ ହୋଇଥିଲେ ।

୨୬୭ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରିଥିବା ଦିଲ୍ଲୀ କ୍ୟାପିଟାଲ୍ସ ଓପନର ପୃଥ୍ୱୀ ଶ' ପ୍ରଥମ ଓଭରରେ ୪ଟି ଚୌକା ସହ ଅଭିଯାନ ଆରମ୍ଭ କରିଥିଲେ ମଧ୍ୟ ନିଜ ୱିକେଟ୍ ହରାଇ ଦଳକୁ ସଙ୍କଟକୁ ଠେଲି ଦେଇଥିଲେ । ଡେଭିଡ ୱାର୍ଣ୍ଣର ମଧ୍ୟ ୧ ରନ୍‌ରେ ଆଉଟ୍ ହୋଇଥିଲେ । ଜ୍ୟାକ୍ ଫ୍ରାସର ୬୫, ଅଭିଶେକ ପୋଲେର ୪୨, ଟ୍ରିଷ୍ଟାନ ଷ୍ଟବ୍ସ ୧୦ ଓ ରିଷଭ ପନ୍ତ ୪୪ ରନ୍ କରିବାରୁ ଦଳୀୟ ସ୍କୋର ୧୯.୧ ଓଭରରେ ୧୯୯ରେ ପହଞ୍ଚିଥିଲା । ମ୍ୟାଚର ୧୯ତମ ଓଭର ବୋଲିଂ କରିବାକୁ ଆସିଥିବା ଟି ନଟରାଜ ୩ ୱିକେଟ୍ ଅକ୍ତିଆର କରି ସବୁଠୁ ସଫଳ ସାବ୍ୟସ୍ତ ହୋଇଥିଲେ । ସେ ୪ ଓଭର ଫିଙ୍ଗି ଗୋଟିଏ ମେଡେନ ସହ ୧୯ ରନ୍ ବ୍ୟୟରେ ୪ ୱିକେଟ୍ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୟଙ୍କ ମାର୍କଣ୍ଡେ ଓ ନୀତିଶ କୁମାର ରେଡ୍ଡୀ ୨ଟି ଲେଖାଏଁ ତଥା ୱାଶିଂଟନ୍ ସୁନ୍ଦର ଓ ଭୁବନେଶ୍ୱର କୁମାର ଗୋଟିଏ ୱିକେଟ୍ ସଫଳତା ମିଳିଥିଲା ।

ଆଜିର ମ୍ୟାଚ

କୋଲକାତା-ବେଙ୍ଗାଲୁରୁ	ପଞ୍ଜାବ-ଗୁଜରାଟ
ସମୟ: ଅପରାହ୍ନ ୩.୩୦	ସମୟ: ରାତି ୭.୩୦
ସ୍ଥାନ: ଇଡେନ	ସ୍ଥାନ: ମୁଲାନପୁର

ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

ପଏଣ୍ଟ ଟେବୁଲ

ଦଳ	ମ୍ୟାଚ	ବିଜୟ	ପରାଜୟ	ପଏଣ୍ଟ
ରାଜସ୍ଥାନ	୭	୬	୧	୧୨
ସନ୍‌ରାଇଜର୍ସ	୭	୫	୨	୧୦
କୋଲକାତା	୬	୪	୨	୮
ଚେନ୍ନାଇ	୭	୪	୩	୮
ଲକ୍ଷ୍ନୌ	୭	୪	୩	୮
ଦିଲ୍ଲୀ	୮	୩	୫	୬
ମୁମ୍ବାଇ	୬	୩	୪	୬
ଗୁଜରାଟ	୭	୩	୪	୬
ପଞ୍ଜାବ	୭	୨	୫	୪
ବେଙ୍ଗାଲୁରୁ	୭	୧	୬	୨

ଭିନେଶ, ଅଂଶୁଙ୍କୁ ଅଲିମ୍ପିକ୍ସ କୋଟା

ନୂଆଦିଲ୍ଲୀ,୨୦।୪(ଏଜେନ୍ସି): ଭାରତୀୟ ରେସଲର ଭିନେସ ଫୋଗତ ଓ ଅଂଶୁ ମଲ୍ଲିକ ପ୍ୟାରିସ ଅଲିମ୍ପିକ୍ସ କୋଟା ହାସଲ କରିଛନ୍ତି । ଏସିଆନ୍ ଅଲିମ୍ପିକ୍ସ କ୍ୱାଲିଫାୟରରେ ଚମତ୍କାର ପ୍ରଦର୍ଶନ କରି ଦୁହେଁ ଏହି ସଫଳତା ହାସଲ କରିଛନ୍ତି । ମହିଳା ୫୦ କିଲୋଗ୍ରାମ୍ ବର୍ଗରେ ଭିନେସ କାଜାଖସ୍ତାନର ଲୌରା ଝାନେ କୋଭିକଙ୍କୁ ୧୦-୦ ବ୍ୟବଧାନରେ ପରାଜିତ କରିଥିଲେ । ପରବର୍ତ୍ତୀ ମୁକାବିଲାରେ ଉଜବେକିସ୍ତାନର ଆକଟେଂ କ୍ୟୁନିମଜେଭାଙ୍କ ସହ ହେବ । ୫୭ କିଲୋଗ୍ରାମ୍ ବର୍ଗରେ ଅଂଶୁ ଉଜବେକିସ୍ତାନର ଲେଲାଖାନେଙ୍କୁ ୧୧-୦ ବ୍ୟବଧାନରେ ହରାଇଥିଲେ । ଫାଇନାଲରେ ପ୍ରବେଶ କରିଥିବା ରେସଲରଙ୍କୁ ଅଲିମ୍ପିକ୍ କୋଟା ମିଳିଥାଏ । ନିଶା ଦାହ୍ୟା ଏହି ଦୌଡ଼ରୁ ବାଦ ପଡିଛନ୍ତି । ଭିନେଶ ଚୟନ ଟ୍ରାଏଲ ଜିତିବା ପରେ ୫୦ କିଗ୍ରା ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି । ଯଦି ସେ ବି ଯୋଗ୍ୟତା ହାସଲ କରିନଥାଏ ତେବେ ୫୩ କିଗ୍ରାରେ ଚେଷ୍ଟା କରିଥାନ୍ତେ । ଏହି ବିଭାଗରେ ଭାରତର ଅନ୍ତିମ ପଙ୍ଘଲ କୋଟା ହାସଲ କରିଛନ୍ତି । ଆବଶ୍ୟକ ପଡ଼ିଲେ ଅନ୍ତିମଙ୍କୁ ଆଉ ଏକ ଟ୍ରାଏଲ ଖେଳିବା ପାଇଁ କୁହାଯାଇପାରେ ।

SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606

ହାଇଟେକ୍ କ୍ରିକେଟ୍ ଏକାଡେମୀରେ ପ୍ରଶିକ୍ଷଣର ସ୍ୱତନ୍ତ୍ର ବ୍ୟବସ୍ଥା

ଭୁବନେଶ୍ୱର,୨୦।୪(ସବୁ ୟ): ହାଇଟେକ୍ ଶିକ୍ଷାନୁଷ୍ଠାନ ତରଫରୁ ଓଡ଼ିଶାରେ କ୍ରିକେଟରଙ୍କ ଅଭାବକୁ ଆଖିଆଗରେ ରଖି ଭୁବନେଶ୍ୱର ଉପକଣ୍ଠ ହାଇଟେକ୍ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ କ୍ରିକେଟ୍‌ରଙ୍କ ପ୍ରଶିକ୍ଷଣ ପାଇଁ ସ୍ୱାତନ୍ତ୍ର ବ୍ୟବସ୍ଥା କରାଯାଇଛି । ଏଥିରେ ବିଦ୍ୟାଳୟରେ ଅଧ୍ୟୟନ କରିବା ସହ ଓଡ଼ିଶା ତଥା ଜାତୀୟସ୍ତରର ବିଶିଷ୍ଟ କ୍ରୀଡ଼ାବିତ୍ ବା ପ୍ରଶିକ୍ଷକଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବରେ ଶିକ୍ଷା ଦିଆଯିବ । ଏହାଦ୍ୱାରା ଓଡ଼ିଶା, ଭାରତ ଏବଂ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ କ୍ରୀଡ଼ାବିତ୍ ସୃଷ୍ଟି ହେବେ ବୋଲି ହାଇଟେକ୍ ଗ୍ରୁପ୍ ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଆଶାବ୍ୟକ୍ତ କରିଛନ୍ତି ।

ହାଇଟେକ୍ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ହାଇଟେକ୍ ଗ୍ରୁପ୍ ସିଇଓ ଡା. ସ୍ମିତା ପାଢ଼ୀ, କ୍ରୀଡ଼ା ନିର୍ଦ୍ଦେଶକ ଲଳିତ ମହାନ୍ତି, ଯୁକ୍ତଦୁଇ କଲେଜ ଅଧ୍ୟକ୍ଷ ସିଆର୍ ସାହୁ ପ୍ରମୁଖ ଉପସ୍ଥିତ ରହି କହିଲେ ଯେ, ହାଇଟେକ୍ ଗ୍ରୁପ୍ ଦ୍ୱାରା ପରିଚାଳିତ ହାଇଟେକ୍ କ୍ରିକେଟ୍ ଏକାଡେମୀ ଦେଢ଼ବର୍ଷ ହେଲା ପ୍ରତିଷ୍ଠା କରାଯାଇଛି । ଏବେ ୪୧ଜଣ ଛାତ୍ର ତଥା କ୍ରୀଡ଼ାବିତ୍ ପ୍ରଶିକ୍ଷଣ ନେଉଛନ୍ତି । ଏହି ଏକାଡେମୀରେ ବାଙ୍ଗାଲୋର, ମୁମ୍ବାଇ, ଆସାମ, ବିଶାଖାପାଟଣା ତଥା ଆମ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଛାତ୍ରମାନେ ଆସି ଏଠାରେ ପ୍ରଶିକ୍ଷଣ ନେଉଛନ୍ତି । ଏକ ତିନିଜଣିଆ ପ୍ରଶିକ୍ଷଣ ଟିମ୍ ପ୍ରଶିକ୍ଷଣ ଦାୟିତ୍ୱରେ ଥିବାବେଳେ ଚଳିତବର୍ଷ ଅଧିକ ଛାତ୍ର ଏକାଡେମୀରେ ଆଡ଼ମିଶନ ନେବାର ଆଶା ରହିଛି । ଏଠାରେ ଉନ୍ନତମାନର ଖେଳପଡ଼ିଆ, ହଷ୍ଟେଲ, ଜିମ୍ ସୁବିଧା ରହିଛି । ଯେଉଁମାନେ କଲେଜ, ମେଡ଼ିକାଲ ତଥା ଅନ୍ୟାନ୍ୟସ୍ତରରେ ପାଠ ପଢୁଥିବେ ସେମାନେ ମଧ୍ୟ ଏସବୁର ସୁବିଧା ନେଇପାରିବେ । ଏପରିକି ସ୍ପୋର୍ଟ୍ସ କୋଟାରେ ମଧ୍ୟ ପ୍ରଶିକ୍ଷଣ ପାଇଁ ଆଡମିଶନ ସୁବିଧା ରହିଛି । ପରିଶେଷରେ ସିଇଓ ଡା. ସ୍ମିତା ପାଢ଼ୀ କହିଲେ, ଓଡ଼ିଶାର ଛାତ୍ରଛାତ୍ରୀ ଓ ଘରୋଇ ଖେଳାଳିମାନେ ଏହାର ସୁଯୋଗ ନିଅନ୍ତୁ । ଯାହାଫଳରେ ଓଡ଼ିଶାରୁ କ୍ରିକେଟର ଆଦର ଏବଂ ଏହା ଜାତୀୟସ୍ତରରେ ପହଞ୍ଚିବା ଆଶା କରୁଛୁ ।

୨୮ରେ ହୋଇପାରେ ବିଶ୍ୱକପ୍ ଦଳ ଘୋଷଣା

ନୂଆଦିଲ୍ଲୀ,୨୦।୪(ଏଜେନ୍ସି): ଜୁନ୍ ପହିଲାରୁ ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ଟି-୨୦ ବିଶ୍ୱକପ୍ ବିଗୁଲ ବାଜିବାକୁ ଯାଉଛି । ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଥିବା ସମସ୍ତ ଦଳ ନିଜର ଖେଳାଳି ଘୋଷଣା କରିବାର ଅନ୍ତିମ ତାରିଖ ମେ' ୧କୁ ଧାର୍ଯ୍ୟ ହୋଇଛି । ଭାରତୀୟ ଦଳ ଉପରେ ସଭିଙ୍କ ନଜର ରହିଛି କେଉଁ ୧୫ ଜଣ ଖେଳାଳିଙ୍କୁ ନେଇ ଟିମ୍ ଇଣ୍ଡିଆ ବିଶ୍ୱକପ୍ ଖେଳିବ ସେ ନେଇ ଅନେକ ଆକଳନ କରାଯାଉଛି । ଏହି କ୍ରମରେ କିଛି ଜାତୀୟ ଗଣମାଧ୍ୟମର ସୂଚନା ଅନୁଯାୟୀ ଚଳିତ ମାସ ୨୮ ତାରିଖ ସୁଧା ଦଳ ଘୋଷଣା ହୋଇପାରେ । ଖୁବ୍ ଶୀଘ୍ର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ ନେତୃତ୍ୱରେ ବୈଠକ ହେବାକୁ ଯାଉଛି ।

ସମସ୍ତ ଚୟନକର୍ତ୍ତା ଏପ୍ରିଲ ୨୭ କିମ୍ବା ୨୮ରେ ଦିଲ୍ଲୀରେ ବୈଠକ କରିପାରନ୍ତି । କାରଣ ଆଗାମୀ ୨୭ରେ ଦିଲ୍ଲୀରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯିବ । ତେଣୁ ଅଧିନାୟକ ରୋହିତ ଶର୍ମା ଦିଲ୍ଲୀରେ ଥିବେ । ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ସ୍ୱେନରେ ଛୁଟି ବନାଉଛନ୍ତି । ସେ ୨୭ କିମ୍ବା ୨୮ରେ ଦିଲ୍ଲୀରେ ପହଞ୍ଚିବେ । ସିଧା ସଳଖ ବୈଠକରେ ଯୋଗଦେବାର ସମ୍ଭାବନା ଅଛି । ଅଧିନାୟକ ରୋହିତ ଶର୍ମାଙ୍କ ବ୍ୟତୀତ ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଯଶପ୍ରୀତ ବୁମରା, ରବିନ୍ଦ୍ର ଜାଡେଜା, ରିଷଭ ପନ୍ତ, ଅର୍ଶଦୀପ ସିଂ, କୁଲଦୀପ ଯାଦବ ଓ ମହମ୍ମଦ ସିରାଜ ବିଶ୍ୱକପ୍ ଦଳରେ ସ୍ଥାନ ପାଇବା ଏକ ପ୍ରକାର ନିଶ୍ଚିତ । ଏହି ସବୁ ଖେଳାଳି ଫିଟ୍ ଥିଲେ ନିଶ୍ଚିତ ଭାବେ ବିଶ୍ୱକପ୍ ଖେଳିବେ । କିନ୍ତୁ ହାର୍ଦ୍ଦିକ ପାଣ୍ଡ୍ୟା ଦଳରେ ସ୍ଥାନ ପାଇବା ନେଇ ଆଶଙ୍କା ରହିଛି । ପାଣ୍ଡ୍ୟାଙ୍କ ପ୍ରଦର୍ଶନ ଉପରେ ନିର୍ଭର କରେ । ଟି-୨୦ ବିଶ୍ୱକପ୍‌ରେ ୨୦ଟି ଦଳ ଅଂଶଗ୍ରହଣ କରିବେ । ୫ଟି ଲେଖାଏଁ ଦଳକୁ ୪ଟି ଲେଖାଏଁ ବିଭକ୍ତ କରାଯାଇଛି । ଭାରତୀୟ ଦଳ ଏ' ଗ୍ରୁପ୍‌ରେ ରହିଥିବା ବେଳେ ଏଥିରେ ପାକିସ୍ତାନ, ୟୁଏଇ, କାନାଡା ଓ ଆୟର୍ଲାଣ୍ଡ ଅଛନ୍ତି । ଭାରତ ଜୁନ୍ ୫ରେ ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚରୁ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ । ଜୁନ୍ ୯ରେ ଭାରତ ଓ ପାକିସ୍ତାନ ମଧ୍ୟରେ ମହାମୁକାବିଲା ହେବ ।

ରାଗିଗଲେ ପଞ୍ଜାବ ମାଲିକାଣୀ ପ୍ରୀତି

ଚଣ୍ଡିଗଡ଼,୨୦।୪(ଏଜେନ୍ସି): କିଙ୍ଗ୍ସ ଏକାଦଶ ପଞ୍ଜାବ ଆଇପିଏଲର ପ୍ଲେ ଅଫ୍‌ରେ ପ୍ରବେଶ ପାଇଁ ଯଥା ସମ୍ଭବ ଉଦ୍ୟମ କରୁଛି । ଫ୍ରାଞ୍ଚାଇଜ ମାଲିକାଣୀ ପ୍ରୀତି ଜିଣ୍ଟା ମୁମ୍ବାଇ ଷ୍ଟାର ବ୍ୟାଟର ରୋହିତ ଶର୍ମାଙ୍କ ସମ୍ପର୍କିତ ଏକ ଖବର ପ୍ରସାରଣ ନେଇ ରାଗି ଯାଇଛନ୍ତି । ଏହି ଖବରରେ ରୋହିତଙ୍କୁ ନିଜ ଦଳରେ ନେବା ପାଇଁ ପ୍ରୀତି ଉଦ୍ୟମ କରୁଥିବା ପ୍ରକାଶ ପାଇଛି । ଖବର ପ୍ରସାରିତ ହୋଇଥିବା ବିଭିନ୍ନ ୱେବସାଇଟ ସ୍କ୍ରିନ ସଟ ନେଇ ଏହାକୁ ମିଥ୍ୟା ବୋଲି କହିଛନ୍ତି ପ୍ରୀତି ଜିଣ୍ଟା । ମୁଁ ରୋହିତ ଶର୍ମାଙ୍କୁ ସମ୍ମାନ କରେ ଓ ତାଙ୍କର ଜଣେ ପ୍ରଶଂସକ । ମାତ୍ର ଏଭଳି କୌଣସି ସାକ୍ଷାତକାର ଦେଇନାହାନ୍ତି । ଆମ ଟିମ୍‌ର ସିନିୟର ଖେଳାଳି ଏବେ ଆହତ ଅଛନ୍ତି । ତାଙ୍କୁ ମଧ୍ୟ ମୁଁ ସମ୍ମାନ କରେ । ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ମିଥ୍ୟା ଖବର ପରିବେଷଣ କରିବା ଉଚିତ ନୁହେଁ । ମୁଁ ସ୍ପଷ୍ଟ କରିବାକୁ ଚାହୁଁଛି ଆମ ପାଖରେ ଏକ ଶକ୍ତିଶାଳୀ ଟିମ୍ ରହିଛି । ଆମେ ଖେଳ ଉପରେ ଧ୍ୟାନ କେନ୍ଦ୍ରୀତ କରୁଛି । ପ୍ରୀତି ଏବେ ଲାହୋର ୧୯୪୭ ଫିଲ୍ମରେ ସନୀ ଦେଓ୍ୱାଲଙ୍କ ସହ ଅଭିନୟ କରିବାକୁ ଯାଉଛନ୍ତି । ଏହାକୁ ରାଜ କୁମାର ସନ୍ତୋଷୀ ନିର୍ଦ୍ଦେଶନା ଦେଉଛନ୍ତି ।

କଳିଙ୍ଗନଗର ପ୍ରିମିୟର ଲିଗ୍: ଏମଏମସିସି ସମ୍ବଲପୁର ବିଜୟୀ

ବ୍ୟାସନଗର,୨୦।୪:(କ୍ରିପ୍ର): କଳିଙ୍ଗନଗର ସ୍ପୋର୍ଟ୍ସ ଏକାଡ଼େମୀ ଆନୁକୂଲ୍ୟରେ ତେଜ ହୋଣ୍ଡା ସହଯୋଗରେ ସ୍ଥାନୀୟ ବ୍ୟାସନଗର ଷ୍ଟାଡ଼ିୟମଠାରେ ଚାଲୁଥିବା ୪ର୍ଥ କଳିଙ୍ଗନଗର ପ୍ରିମିୟର ଲିଗ୍ ସର୍ବଭାରତୀୟ ଦିବାରାତ୍ରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ ଖେଳ ଏବି ୟୁନିକ୍ରନସ, ଭୁବନେଶ୍ୱର ଓ ଏମଏମସିସି ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍‌ରେ ଜିତିଏ.ବି ୟୁନିକ୍ରନସ ପ୍ରଥମେ ଫିଲ୍ଡିଂ କରିବାର ନିଷ୍ପତ୍ତି ନେଇଥିଲେ । ଏମଏମସିସି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୪୦ରନ୍ କରିଥିଲେ । ଦଳ ତରଫରୁ ଓଡ଼ିଶା ରଞ୍ଜି ଟ୍ରଫି ଖେଳାଳି ରାମଚନ୍ଦ୍ର ବେହେରା ୩୧ ଓ ଭାଗମେନ୍ଦର ଲମେ ୩୭ ରନ୍ କରିଥିଲେ । ଏବି ୟୁନିକ୍ରନସର ଅରୁଣ ଛପ୍ତାନା ୨ଟି ଓ ସହିଲ ଦତ୍ତ ୨ଟି ଲେଖାଏଁ ୱିକେଟ ନେଇଥିଲେ । ଏହାର ଜବାବରେ ଏବି ୟୁନିକ୍ରନଓ ଚମତ୍କାର ବ୍ୟାଟିଂ କରି ୨୦ ଓଭରରେ ୯ ୱିକେଟ ହରାଇ ୧୩୯ ରନ୍ କରିଥିଲେ । ଦଳ ତରଫରୁ ସାହିଲ ଦତ୍ତ ୩୦ ଓ ସୁଜିତ୍ ଲେଙ୍କା ୨୪ ରନ୍ କରିଥିଲେ । ଏମ ଏମସିସିର ଦେବବ୍ରତ ପ୍ରଧାନ ୩ଟି ଓ ମନୋଜ ବାରିକ ୨ଟି ୱିକେଟ ନେଇଥିଲେ । ୧ ରନ୍‌ରେ ଏମ ଏମ ସି ସି ବିଜୟୀ ହୋଇଥିଲା । । ବିଜୟୀ ଦଳର ଦେବବ୍ରତ ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ସନ୍ତୋଷ ତ୍